

୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-139 ◆SATURDAY ◆15 NOVEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୩୯ ◆ଶନିବାର ◆୧୫ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# ବିହାରରେ 'ନୀମୋ' ସୁନାମି

## ଏନ୍‌ଡିଏକୁ ୨୦୨, ମହାମେଣ୍ଟକୁ ୩୫ ଆସନ

■ ପାଟନା, ୧୪।୧୧ (ଏଜେନ୍ସି): ଭୁଲ ସାବ୍ୟସ୍ତ ହୋଇଛି ସବୁ ଏକ୍‌ଜିଟ୍ ପୋଲ୍ ରିପୋର୍ଟ। ବିହାର ବିଧାନସଭା ଫଳାଫଳରେ ଖେଳିଯାଇଛି ନୀମୋ (ନୀତୀଶ-ମୋଦୀ) ସୁନାମି। ପ୍ରଚଣ୍ଡ ବିଜୟ ସହ ବିହାରରେ କ୍ଷମତା ବଜାୟ ରଖିବାରେ ସଫଳ ହୋଇଛି ଏନ୍‌ଡିଏ। ୨୪୩ ଆସନ ମଧ୍ୟରୁ ୨୦୨ରେ ଏନ୍‌ଡିଏ ଏକ ବିଶାଳ ବିଜୟ ଦିଗକୁ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଏକ ଶକ୍ତ ବିରୋଧୀଦଳ ଭାବରେ ଉଭା ହୋଇଥିବା 'ମହାଗଠବନ୍ଧନ'କୁ ଶକ୍ତ ଆଘାତ ଦେଇଛନ୍ତି ବିହାରବାସୀ। ଗତ ନିର୍ବାଚନରେ ମହାଗଠବନ୍ଧନ ୧୧୪ ଆସନରେ ବିଜୟୀ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୭୯ଟି ଆସନ ହରାଇ ମାତ୍ର ୩୫ ମଧ୍ୟରେ ସୀମିତ ହୋଇଯାଇଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ମିଳିଛି ମାତ୍ର ୬ଟି ଆସନ।

ଚଳିତ ନିର୍ବାଚନରେ ବିଜେପିର ଷ୍ଟ୍ରାଇକ୍‌ରେଟ୍ ବିହାରରେ ସବୁଠାରୁ ଚମତ୍କାର ରହିଛି। ୧୦୧ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ବିଜେପି ଚଳିତ ନିର୍ବାଚନରେ ୮୯ ଆସନ ସହ ସବୁଠାରୁ ବଡ଼ ଦଳ ଭାବରେ ଉଭା ହୋଇଛି।

ଅନୁରୂପ ଭାବରେ ୨୦୨୦ ମସିହାରେ ଜେଡିୟୁ ମାତ୍ର ୪୩ଟି ଆସନ ପାଇଥିବାବେଳେ ଚଳିତ ନିର୍ବାଚନରେ ୮୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ଏନ୍‌ଡିଏର ସହଯୋଗୀ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମଧ୍ୟ ନିର୍ବାଚନରେ ଚମତ୍କାର ପ୍ରଦର୍ଶନ ▶ପୃଷ୍ଠା-୭






"ବିକାଶ ଓ ସୁଶାସନର ବିଜୟ: ମୋଦୀ

ନିରପେକ୍ଷ ନ ଥିଲା ନିର୍ବାଚନ: ରାହୁଲ୍

- ୮୯ ଆସନ ସହ ବିଜେପି ସବୁଠାରୁ ବଡ଼ ଦଳ
- ଜେଡିୟୁର ଆସନ ସଂଖ୍ୟା ୮୫କୁ ବଢ଼ିଲା
- ୨୫କୁ ଖସିଲା ଆର୍‌ଜେଡି, କଂଗ୍ରେସକୁ ୬
- ୨୮ ଆସନରୁ ୧୯ରେ ଏଲ୍‌ଜେପିର ବିଜୟ

## ୮ ରାଜ୍ୟରେ ଉପନିର୍ବାଚନ

# ବିଜେପି, କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ

■ ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି): ଗତ ୧୧ ତାରିଖରେ ୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୮ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅନୁଷ୍ଠିତ ଉପନିର୍ବାଚନରେ ବିଜେପି ଏବଂ କଂଗ୍ରେସକୁ ଦୁଇଟି ଲେଖାଏଁ ଆସନ ମିଳିଛି। ରାଜସ୍ଥାନର ଆଣ୍ଟା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ପଞ୍ଜାବର ତରନ ତାରନ ଆସନରେ କ୍ଷମତାସୀନ ଆପ୍ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ଓଡ଼ିଶାର ନୂଆପଡ଼ା ଏବଂ ଜମ୍ମୁ-କଶ୍ମୀରର ନୋଗ୍ରାଟାରେ ବିଜୟ ଲାଭ କରିଛନ୍ତି। ଜମ୍ମୁ-କଶ୍ମୀରର ବଡ଼ଗାମ ଆସନରେ କ୍ଷମତାସୀନ ନେସନାଲ କନଫେରେନ୍ସ ପ୍ରାର୍ଥୀଙ୍କୁ ହରାଇଛନ୍ତି ମେହବୁବା ମୁଫତିଙ୍କ ପିଡିପି ପ୍ରାର୍ଥୀ। ବଡଗାମକୁ ନେସନାଲ କନଫେରେନ୍ସର ଗଡ଼ କୁହାଯାଏ। ଗତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏଠାରୁ ନିର୍ବାଚିତ ହୋଇଥିଲେ। ସେହିଭଳି ତେଲେଙ୍ଗାନାର ଜୁବିଲି ହିଲ୍ସରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଝାଡ଼ଖଣ୍ଡର ଘାଟଶୀଳା ନିର୍ବାଚନମଣ୍ଡଳୀରେ ଜେଏମ୍‌ଏମ୍ ପ୍ରାର୍ଥୀ ନିର୍ବାଚିତ ହୋଇଥିବା ବେଳେ ମିଜୋରାମର ଡାମ୍ପା ନିର୍ବାଚନମଣ୍ଡଳୀରେ ମିଜୋ ନେସନାଲ ଫ୍ରଣ୍ଟ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରାଯାଇଛି।

## ନୂଆପଡ଼ା ଉପନିର୍ବାଚନ

# ବିଜେପି ମଥାରେ 'ଜୟ' ତିଳକ

- ୮୩୪୭୮ ବିଶାଳ ବ୍ୟବଧାନରେ ବିଜେପି ବିଜୟୀ
- ୨ୟ ସ୍ଥାନରେ କଂଗ୍ରେସର ଘାସିରାମଙ୍କୁ ୪୦୧୨୧ ଭୋଟ
- ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ପାଇଲେ ୩୮୪୦୮ ଭୋଟ



■ ଭୁବନେଶ୍ୱର/ନୂଆପଡା, ୧୪।୧୧ (ସମିସ): ନୂଆପଡା ଉପର୍ବାଚନରେ ବିପୁଳ ବିଜୟ ହାସଲ କରିଛନ୍ତି ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ଗତ ନିର୍ବାଚନରେ ତାଙ୍କ ବାପା ରାଜେନ୍ଦ୍ର ଢୋଲକିଆ ପାଇଥିବା ଭୋଟଠାରୁ ପ୍ରାୟ ୫୦ ହଜାର ଊର୍ଦ୍ଧ୍ୱ ଭୋଟ ପାଇଛନ୍ତି ଜୟ। ତାଙ୍କୁ ୧,୨୩,୮୬୯ ଖଣ୍ଡ ଭୋଟ୍ ମିଳିଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝିଙ୍କୁ ୪୦୧୨୧ ଖଣ୍ଡ ଭୋଟ୍ ମିଳିଛି। ସେହିପରି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ୩୮୪୦୮ ଖଣ୍ଡ ଭୋଟ୍ ପାଇ ଏଠାରେ ତୃତୀୟ ସ୍ଥାନରେ ରହିଛନ୍ତି। ଜୟଙ୍କ ବିଜୟ ସହ ଦୀର୍ଘ ଏକ ଦଶନ୍ଧି ପରେ ପୁଣିଥରେ ନୂଆପଡ଼ାରେ ପଦ୍ମ ଫୁଟିଛି। ୨୦୧୪ରେ ଏଠାରୁ ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ, ଏବେ ପୁନର୍ବାର ପଦ୍ମ ଦଳର ପ୍ରାର୍ଥୀ ଭାବରେ ଜୟ ଢୋଲକିଆ ବିଜୟୀ ହୋଇଛନ୍ତି। ଏହି ବିଜୟ ପରେ ବ୍ୟବସାୟୀରୁ ଜୟଙ୍କ ▶ପୃଷ୍ଠା-୭




# ଅଭିନନ୍ଦନ ଜଣାଇଲେ ନବୀନ

- ବିଜେଡି ଲଢୁଆ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ
- ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ
- ଦଳର ନେତା, କର୍ମୀ ଓ ସମର୍ଥକଙ୍କୁ କୃତଜ୍ଞତା

■ ଭୁବନେଶ୍ୱର, ୧୪।୧୧ (ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ପରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବିଜେପିର ବିଜୟୀ ପ୍ରାର୍ଥୀ ଜୟଢୋଲକିଆଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜୟ ନୂଆପାଡ଼ାରେ ଅର୍ଥପୂର୍ଣ୍ଣ ବିକାଶ ଆଣି ଏହି ଜନାଦେଶକୁ ସମ୍ମାନ ଦେବେ ବୋଲି ସେ ଆଶାବାଦୀ ଥିବା ନିଜ 'ଏକ୍ସ' ହ୍ୟାଣ୍ଡେଲ୍‌ରେ ପୋଷ୍ଟ କରି ନବୀନ ଉଲ୍ଲେଖ କରିଛନ୍ତି।

ଏଥିସହିତ ନବୀନ କହିଛନ୍ତି, ବିଜେଡିର ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କ ପ୍ରତିବଦ୍ଧତା ଏବଂ ଉତ୍ସାହ ହିଁ ବିଜେଡିର ପ୍ରକୃତ ଶକ୍ତି। ନୂଆପଡ଼ା ଉପନିର୍ବାଚନରେ ଏକଜୁଟ ହୋଇ, ଅକ୍ଲାନ୍ତ ପରିଶ୍ରମ କରି ଓ ଉତ୍ସର୍ଗୀକୃତ ମନୋଭାବରେ ବିଜେଡି ପାଇଁ କାର୍ଯ୍ୟ ▶ପୃଷ୍ଠା-୭

KALINGA HOSPITAL LIMITED ODISHA
Happy Birthday
Dr. Sita Kantha Dash
Globally Recognized Probiotic Scientist and Chairman of Kalinga Hospital Ltd
ଜନ୍ମ ଦିନର ଶୁଭେଚ୍ଛା

ନିଜର କର୍ତ୍ତବ୍ୟ ପ୍ରତି ଆପଣଙ୍କ ଅନୁଶୀଳନ, ଦାୟିତ୍ୱବୋଧ ଏବଂ ପ୍ରତିବଦ୍ଧତା ଆମ ମାନଙ୍କ ପାଇଁ ସବୁ ସମୟରେ ଏକ ପ୍ରେରଣାର ଉତ୍ସ । ଆପଣ ପ୍ରବାସୀ ଭାରତୀୟ ଭାବରେ ସର୍ବଦା ରାଷ୍ଟ୍ର ନିର୍ମାଣ ପ୍ରତି ସମର୍ପିତ ଅଭିପ୍ରେରଣା ସାଜି ସମସ୍ତଙ୍କ ପ୍ରାର୍ଥନାରେ ରୁହନ୍ତୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଶୁଭ ଜନ୍ମଦିନ ଅବସରରେ କଳିଙ୍ଗ ହସ୍ପିଟାଲ୍ ପରିବାର ତରଫରୁ ଏତିକି କାମନା । ଆପଣଙ୍କୁ ଆପଣଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦିକ ଅଭିନନ୍ଦନ।


ଶୁଭେଚ୍ଛା ସହିତ
କଳିଙ୍ଗ ହସ୍ପିଟାଲ୍ ପରିବାର

Kalinga Hospital Ltd.
Chandrasekharpur, Bhubaneswar




ଡିଜିଟାଲ ଆରେଷ୍ଟ
ହେଉଛି ଟଙ୍କା ଆଦାୟ କରିବା ପାଇଁ ଏକ ସ୍କାମ!

ଏଭଳି କଲ୍‌ଗୁଡ଼ିକ ପ୍ରତି ସାବଧାନ ରୁହନ୍ତୁ !
- ଭୟଭୀତ ହୁଅନ୍ତୁ ନାହିଁ – ଡିଜିଟାଲ ଆରେଷ୍ଟ ଭଳି କିଛି ନାହିଁ
- କୌଣସି ବ୍ୟକ୍ତିଗତ, ଆର୍ଥିକ ସୂଚନା ଶେୟାର କରନ୍ତୁ ନାହିଁ
- ଟଙ୍କା ଦିଅନ୍ତୁ ନାହିଁ
- ସାହାଯ୍ୟ ପାଇଁ cybercrime.gov.in ରେ ତୁରନ୍ତ ରିପୋର୍ଟ କରନ୍ତୁ କିମ୍ବା 1930 କୁ କଲ୍ କରନ୍ତୁ




ଅଧିକ ଜାଣିବା ପାଇଁ, ଭିଜିଟ କରନ୍ତୁ https://rbikehtahai.rbi.org.in/da
ଫିଡ୍‌ବ୍ୟାକ ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

## ବିହାର ବିଧାନସଭା ଆସନ-୨୪୩



| ଏନ୍‌ଡିଏ-୨୦୨ | |
|---|---|
| ବିଜେପି | ୮୯ |
| ଜେଡିୟୁ | ୮୫ |
| ଏଲଜେପି | ୧୯ |
| ଅନ୍ୟାନ୍ୟ | ୦୯ |



| ମହାମେଣ୍ଟ-୩୫ | |
|---|---|
| ଆରଜେଡି | ୨୫ |
| କଂଗ୍ରେସ | ୦୬ |
| ଅନ୍ୟାନ୍ୟ | ୦୪ |

ଏଏମ୍‌ଆଇଏମ୍ ୦୫



## ଅମାନତ ହରାଇଲେ ପ୍ରଶାନ୍ତ କିଶୋର

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟି ଥିବା ଜନସୁରାଜ ଦଳର ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ପ୍ରଥମ ପରୀକ୍ଷାରେ ଅମାନତ ହରାଇଛନ୍ତି। ଗତ ତିନି ବର୍ଷ ହେଲା ବିହାରରେ ବୁଲି ବୁଲି ପ୍ରଚାର କରି ବଡ଼ ବଡ଼ ଦାବି କରୁଥିବା ପ୍ରଶାନ୍ତଙ୍କ ଦଳ ମୁହଁ ମାଡ଼ି ପଡ଼ିଯାଇଛି। ୬ ବର୍ଷରେ ୬ ମୁଖ୍ୟମନ୍ତ୍ରୀ କରିଥିବା ଏହି ବ୍ୟକ୍ତିଙ୍କ ଦଳ ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। କୋଟିଏରୁ ଅଧିକ ସଦସ୍ୟ ନେଇ ଦାବି କରୁଥିବା ଜନସୁରାଜ ପାର୍ଟି ୧୦ ଲକ୍ଷ ଭୋଟ ବି ହାତେଇ ପାରିନାହିଁ। ୨୩୮ ଆସନରେ ପ୍ରାର୍ଥୀ ଦେଇ ୨୩୩ (୯୮ ପ୍ରତିଶତ) ରେ ଅମାନତ ହରାଇଛନ୍ତି। ଏହି ଦଳର ପ୍ରାର୍ଥୀ ଗୋଟିଏ ଆସନରେ ଦ୍ୱିତୀୟ ସ୍ଥାନରେ ବି ରହିପାରି ନାହାନ୍ତି। ୧୨୮୦ ଦିନରେ ୬ ହଜାର କିମି ପଦଯାତ୍ରା କରିବା ସତ୍ତ୍ୱେ ବି ତାଙ୍କ ଦଳ ସଫଳତା ପାଇ ପାରିନାହିଁ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୨୫ରୁ କମ୍ ସିଟ୍ ଜିତିବେ ବୋଲି ପ୍ରଶାନ୍ତ ଦାବି କରିଥିଲେ। ଯଦି ଅଧିକ ଆସନରେ ଜିତିବେ ତେବେ ରାଜନୀତି ଛାଡିଦେବେ ବୋଲି କହିଥିବା ପ୍ରଶାନ୍ତଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ସେ ଆଗାମୀ ଦିନରେ କି ପଦକ୍ଷେପ ନେବେ ତାହା ଦେଖିବା ବାକି ରହିଛି। ସେ ରାଜନୀତି କରିବେ ନା ରଣନୀତିକୁ ଫେରିବା ତାହା ଜାଣିବା ପାଇଁ ଲୋକେ ବ୍ୟଗ୍ର।



## ଆରଜେଡିର ଭୋଟ ସେୟାରିଂ ଅଧିକ

ଏହି ନିର୍ବାଚନରେ ଆଶ୍ଚର୍ଯ୍ୟଜନକ ଭାବେ ସବୁଦଳଠାରୁ ଆରଜେଡିର ଭୋଟ ସେୟାର ଅଧିକ ରହିଛି। ଅର୍ଥାତ୍ ଏହି ଦଳ କିଛି ଆସନରେ ଉଲ୍ଲେଖନୀୟ ବ୍ୟବଧାନରେ ବିଜୟୀ ହୋଇଛି। ଏହି ଦଳ ଦୃଢ଼ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସତ୍ତ୍ୱେ ବିଜୟୀ ହୋଇପାରି ନାହିଁ। ସନ୍ଧ୍ୟା ସୁଦ୍ଧା ତେଜସ୍ୱୀଙ୍କ ଦଳର ଭୋଟ ସେୟାର ୨୨.୭୯ ପ୍ରତିଶତ ରହିଛି। ଏହା ବିଜେପିଠାରୁ ୨.୨୭ ପ୍ରତିଶତ ଏବଂ ଜେଡିୟୁଠାରୁ ୩.୮ ପ୍ରତିଶତ ଅଧିକ।

## ବିହାରରେ ବିଜେପିର ଉତ୍ଥାନ

ବିହାର ବିଧାନସଭା ନିର୍ବାଚନରେ ବିଜେପି ଐତିହାସିକ ସଫଳତା ଆଡ଼କୁ ଅଗ୍ରସର ହେବାରେ ଲାଗିଛି। ଏଥର ୮୯ ଆସନ ଜିତିଥିବା ବିଜେପି ୨୦୧୦ ନିର୍ବାଚନରେ ୯୧ଟି ଆସନ ଜିତିଥିଲା। ୧୯୮୦ରେ ପ୍ରଥମ ଥର ନିର୍ବାଚନ ଲଢ଼ିଥିବା ବିଜେପି ପାଇଁ ଏହି ଯାତ୍ରା ସଂଘର୍ଷପୂର୍ଣ୍ଣ ରହିଛି। ୧୯୮୦ ନିର୍ବାଚନରେ ବିଜେପିକୁ ୨୧ଟି ଆସନ ମିଳିଥିବା ବେଳେ ୧୯୮୫ରେ ୧୬, ୧୯୯୦ରେ ୩୯, ୧୯୯୫ରେ ୪୧, ୨୦୦୦ରେ ୬୭, ୨୦୦୫ରେ ୩୭, ୨୦୧୫ରେ ୫୩, ୨୦୨୦ରେ ୯୧ ଏବଂ ୨୦୨୦ରେ ୭୪ଟି ଆସନ ପାଇଥିଲା।

# କାମ ଦେଲାନି ରାହୁଲ-ତେଜସ୍ୱୀଙ୍କ ରଣନୀତି

ପାଟନା, ୧୪।୧୧ (ଏଜେନ୍ସି): ବିହାର ନିର୍ବାଚନରେ ମହାମେଣ୍ଟକୁ ଶକ୍ତ ଝଟ୍‌କା ଲାଗିଛି। ଏଥିରେ ଆରଜେଡିର ନେତୃତ୍ୱାଧୀନ କଂଗ୍ରେସ, ଭିଆଇପି ଏବଂ ବାମଦଳର ମହାମେଣ୍ଟ ଇଣ୍ଡିଆ ନିରାଶ ହୋଇଛି। ଏହା ପଛରେ ପ୍ରମୁଖ ୫ଟି କାରଣ ରହିଛି। ସେଗୁଡିକ ହେଲା ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ, ଆସନ ବୁଝାମଣା ଚୁଡ଼ାନ୍ତ ନ ହେବା, ମୁଖ୍ୟମନ୍ତ୍ରୀ-ଉପମୁଖ୍ୟମନ୍ତ୍ରୀ ପଦବୀକୁ ନେଇ ଟଣାଓଟରା, ପରସ୍ପର ବିରୋଧରେ ପ୍ରାର୍ଥୀ ଦେବା ଆଦି ରହିଛି। ନିର୍ବାଚନ କମିଶନ (ଇସି) ଅକ୍ଟୋବର ୬ରେ ବିହାର ନିର୍ବାଚନ ନେଇ ଘୋଷଣା କରିଥିଲେ। ଏହାର ୬ ଦିନ ପରେ ଏନ୍‌ଡିଏର ଆସନ ବୁଝାମଣା ହୋଇ ଯାଇଥିଲା। ମାତ୍ର ନିର୍ବାଚନ ଶେଷ ହୋଇ ସାରିଥିଲେ ବି ମହାମେଣ୍ଟ ଆନୁଷ୍ଠାନିକ ଭାବେ ଆସନ ବୁଝାଣା ସୂତ୍ର ବିଷୟରେ ଘୋଷଣା କରି ନ ଥିଲା। ନିଜ ପସନ୍ଦର ଆସନକୁ ନେଇ ମହାମେଣ୍ଟରେ ଟଣାଓଟରା ଜାରି ରହିଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ୧୩ ଆସନରେ ମହାମେଣ୍ଟର ଅଲଗା ଅଲଗା ଦଳ ପରସ୍ପର ବିରୋଧରେ ଲଢ଼ିଥିଲେ। ଶେଷରେ କିଛି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାରୁ ଏହି ଆସନ ସଂଖ୍ୟା ୮କୁ ହ୍ରାସ ପାଇଥିଲା। ଅର୍ଥାତ ମହାମେଣ୍ଟରେ ସାମିଲ ଦଳ ନିଜ ନିଜ ବିରୋଧରେ ଏଠାରେ ଲଢ଼େଇ କରିଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ପଦବୀକୁ ନେଇ କଳି ଲାଗିଥିଲା। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଏବଂ ମୁକେସ ସାହାନୀ ଉପମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ଜିଦ୍‌ରେ ଅଟଳ ରହିଥିଲେ। କିନ୍ତୁ କଂଗ୍ରେସ ଏଥିରେ ରାଜି ନ ଥିଲା। ସ୍ଥିତି ଅଧିକ ବିଗୁଡୁଥିବା ଦେଖି କଂଗ୍ରେସ ହାଇକମାଣ୍ଡଙ୍କୁ ସ୍ୱତନ୍ତ୍ର ପ୍ରତିନିଧି ପଠାଇବାକୁ ପଡ଼ିଥିଲା। ଶେଷରେ ପାଟନା ସ୍ଥିତି ଏକ ହୋଟେଲରେ

### କାହାର ବଢ଼ିଲା, କାହାର ଛିଡ଼ିଲା

| ଦଳ | ୨୦୨୫ | ୨୦୨୦ | ପରିବର୍ତ୍ତନ |
|---|---|---|---|
| ଏନଡିଏ | ୨୦୨ | ୧୨୫ | +୭୭ |
| ବିଜେପି | ୮୯ | ୭୪ | +୧୫ |
| ଜେଡିୟୁ | ୮୫ | ୪୩ | +୪୨ |
| ଅନ୍ୟାନ୍ୟ | ୨୮ | ୦୮ | +୨୦ |
| ମହାମେଣ୍ଟ | ୩୫ | ୧୧୦ | -୭୫ |
| ଆରଜେଡି | ୨୫ | ୭୫ | -୫୦ |
| କଂଗ୍ରେସ | ୦୬ | ୧୯ | -୧୩ |
| ଅନ୍ୟାନ୍ୟ | ୦୪ | ୧୬ | -୧୨ |

ବିବାଦର ସମାଧାନ କରାଯାଇଥିଲା ଏବଂ କଂଗ୍ରେସକୁ ନଇଁବାକୁ ପଡ଼ିଥିଲା। ଅକ୍ଟୋବର ୨୩ରେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ଏବଂ ସାହାନୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। କିନ୍ତୁ ଏନ୍‌ଡିଏରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ସଂଶୟ ରହିଥିଲା।

- ■ ମହାମେଣ୍ଟ ପାଇଁ କାଳ ହେଲା ଆସନ କଳି
- ■ ମୁହଁ ମାଡ଼ି ପଡ଼ିଗଲା ମହାମେଣ୍ଟ;
- ■ ଆର୍‌ଜେଡିର ବୃହତ ପରାଜୟ; ଅବନତିର ଧାରାରେ କଂଗ୍ରେସ

ତେବେ ନୀତୀଶ କୁମାରଙ୍କ ନେତୃତ୍ୱରେ ନିର୍ବାଚନ ଲଢିବୁ ବୋଲି ବିଜେପି ନେତାମାନେ କହିଥିଲେ। ମହାମେଣ୍ଟରେ ଝଗଡ଼ା ଯୋଗୁଁ ମତଦାନ ପୂର୍ବରୁ ଏନଡିଏ ଆଗରେ ରହିଥିଲା। ପ୍ରଥମେ ଏନ୍‌ଡିଏରେ ମଧ୍ୟ କଳି ଲାଗି ରହିଥିଲା। କିନ୍ତୁ ସମୟପୂର୍ବରୁ ଏହାର ସମାଧାନ କରିଦିଆଯାଇଥିଲା। ଉପେନ୍ଦ୍ର କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ କହି ବିବାଦର ଅନ୍ତ କରିଦିଆଯାଇଥିଲା। ତେଣୁ ପ୍ରଥମେ ଏନ୍‌ଡିଏରେ ସବୁ କିଛି ଠିକ୍ ନ ଥିବା କହିଥିବା ଉପେନ୍ଦ୍ର ପରେ ଶାନ୍ତ ରହିଥିଲେ।

ବିହାର ନିର୍ବାଚନରେ ଆରଜେଡି ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ବିହାରର ଏହି ମୁଖ୍ୟ ବିରୋଧୀ ଧଳ ବୃହତ ଦଳରୁ ତଳ ଆଡୁ ଦ୍ୱିତୀୟ ଦଳରେ ପରିଣତ ହୋଇଯାଇଛି। ମାତ୍ର ୫ ବର୍ଷ ଭିତରେ ଆରଜେଡିର ଏଭଳି ଅବସ୍ଥା ହୋଇଛି। ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ଆରଜେଡି ୧୪୩ଟି ଆସନରେ ଲଢ଼ି ମାତ୍ର ୨୫ଟିରେ ବିଜୟୀ ହୋଇଛି। ଏହା ଦଳ ପାଇଁ ସବୁଠାରୁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇଛି। ଏହି ଫଳାଫଳ ସହିତ ଆରଜେଡି ସବୁଠାରୁ ଖରାପ ପ୍ରଦର୍ଶନ କରିବା ଥିବା ଦ୍ୱିତୀୟ ଦଳ ହୋଇଯାଇଛି। ୨୦୦୫ ବିଧାନସଭା ନିର୍ବାଚନରେ ଆରଜେଡି ୫୫ଟି ଆସନ ପାଇଥିଲା। ସେ ସମୟରେ ଜଙ୍ଗଲରାଜକୁ ନେଇ ଆରଜେଡିକୁ ଚାରିଆଡେ ସମାଲୋଚନା କରାଯାଉଥିଲା। ସେତେବେଳେ ଜନ ବିରୋଧୀ ଆକ୍ରୋଶ, ରାବ୍ରୀ ଦେବୀଙ୍କ ନେତୃତ୍ୱକୁ ତୀବ୍ର ବିରୋଧ ସତ୍ତ୍ୱେ ଆରଜେଡି ୫୫ଟି ଆସନ ଜିତିଥିଲା। ତେବେ ୨୦୧୦ରେ ଏହି ଦଳ ମୋଟ ୨୨ଟି ଆସନ ପାଇଥିଲା। ୨୦ ବର୍ଷ ବିତିଯିବା ପରେ ଏବଂ ଅନେକ ଥର ନୀତୀଶ କୁମାରଙ୍କ ପଟ ପରିବର୍ତ୍ତନ ସତ୍ତ୍ୱେ ବିଜେପି ଏବଂ ଜେଡିୟୁ ପୁଣିଥରେ ବିଜୟୀ ହୋଇଛନ୍ତି। ୧୯୯୭ରେ ଆରଜେଡି ପ୍ରତିଷ୍ଠା ହେବା ପରେ ଚଳିତ ଥର ତେଜସ୍ୱୀଙ୍କ ନେତୃତ୍ୱରେ ଏହି ଦଳ ନିର୍ବାଚନ ଲଢ଼ିଥିଲା। କିନ୍ତୁ ସେ ଦଳ ପାଇଁ କୌଣସି ଚମତ୍କାର କରିପାରି ନାହାନ୍ତି।

## ମହାମେଣ୍ଟରୁ ୮୫ ଆସନ ଛଡ଼ାଇ ଆଣିଲା ଏନ୍‌ଡିଏ

ପାଟନା, ୧୪।୧୧ (ଏଜେନ୍ସି): ବିହାରରେ ୨୦ ବର୍ଷର ସରକାର ବିରୋଧୀ ଭାବନାକୁ ଭାଙ୍ଗି ପୁଣି ଥରେ ଏନ୍‌ଡିଏ ସରକାର ଗଠନ କରିବାକୁ ଯାଉଛି। ବିଜେପି ୧୦୧ଟି ଆସନରେ ଲଢ଼ି ୮୯ଟିରେ ବିଜୟୀ ହୋଇଛି।



ଏହି ଦଳର ଷ୍ଟ୍ରାଇକ୍ ରେଟ ୯୦ ପ୍ରତିଶତ ରହିଛି। ଏହା ସହିତ ବିଜେପି ବିହାରରେ ବଡ଼ ଭାଇ ହୋଇଯାଇଛି। ଏହି ଦଳ ନୀତୀଶଙ୍କ ଜେଡିୟୁର ବିନା ସମର୍ଥନରେ ବି ସରକାର ଗଢ଼ିବାକୁ ସକ୍ଷମ। ସେହିପରି ଜେଡିୟୁ ୮୫ ଆସନରେ ବିଜୟୀ ହୋଇ ଦୁଇ ନମ୍ବର ସ୍ଥାନରେ ରହିଛି। ରାତି ସୁଦ୍ଧା ଏନ୍‌ଡିଏ ମେଣ୍ଟ ୨୦୨ଟି ଆସନରେ ଆଗୁଆ ରହିଛି। ଏହା ଗତ ଥର ତୁଳନାରେ ୭୭ ଅଧିକ। ସେହିପରି ମହାମେଣ୍ଟ ୧୧୦ରୁ ହ୍ରାସ ପାଇ ୩୫କୁ ଖସି ଆସିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ ୧୨ରୁ ୫ଟି ଗଡ଼କୁ ଏନ୍‌ଡିଏ ଭୁଶୁଡ଼ାଇ ଦେଇଛି। ଗତ ୧୫ ବର୍ଷ ହେଲା ଏହି ୧୨ଟି ଆସନରେ କ୍ରମାଗତ ଭାବେ ଆରଜେଡି ଏବଂ କଂଗ୍ରେସ ବିଜୟୀ ହୋଇ ଆସୁଥିଲେ। ଚଳିତ ଥର ମହାମେଣ୍ଟ ଜିତିଥିବା ୮୫ଟି ଆସନକୁ ଏନ୍‌ଡିଏ ଛଡ଼େଇ ନେଇଛି। ଏନ୍‌ଡିଏ ୮୬ଟି ନୂଆ ଆସନ ହାତେଇଥିବାବେଳେ ନିଜର ୯୩ ପ୍ରତିଶତ ସିଟ୍‌କୁ ବଜାୟ ରଖିଛି।

ବିହାରର ସବୁ ୬ କ୍ଷେତ୍ରରେ ଏନ୍‌ଡିଏ ନିଜ କ୍ଷମତା ବଢ଼ାଇଛି। ତିରହୁତ-ମଗଧରୁ ଅଧିକ ୪୦ଟି ଆସନ ଜିତିଛି। ତିରହୁତର ୬୪ରୁ ୫୫ଟି, ମିଥିଳାଞ୍ଚଳର ୪୬ରୁ ୩୯ଟି, ମଗଧର ୪୯ରୁ ୩୯ଟି, ଶାହାବାଦର ୨୨ରୁ ୧୯ଟି, ଅଙ୍ଗ ପ୍ରଦେଶର ୨୫ରୁ ୨୪ଟି ଏବଂ ଗୁରୁତ୍ୱପୂର୍ଣ୍ଣ ସୀମାଞ୍ଚଳ ଓ କୋସିର ୩୭ଟି ଆସନରୁ ୨୬ଟି ହାତେଇଛି। ଗତ ନିର୍ବାଚନରେ ଏହି କ୍ଷେତ୍ରରେ ଏନ୍‌ଡିଏ ୨୨ଟି ଆସନ ଜିତିଥିଲା।

## ସାନ ଭାଇ ଜିତିଲେ; ବଡ଼ ହାରିଲେ

ପାଟଣା, ୧୪ ।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସୁନାମୀରେ ବହୁ ନାମୀଦାମୀ, ହେଭିୱେଟ୍ ତଥା ହାଇପ୍ରୋଫାଇଲ ନେତା ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ଆରଜେଡି ସୁପ୍ରିମୋ ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ। ସେ ମହୁଆ ଆସନରୁ ଜନଶକ୍ତି ଜନତା ଦଳ ତରଫରୁ ନିବାଚନରେ ଅବତୀର୍ଣ୍ଣ ହୋଇ ୩୫, ୭୦୩ ଭୋଟ୍ ପାଇଁ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମ ବିଳାଶ) ପ୍ରାର୍ଥୀ ସଞ୍ଜୟ କୁମାର ସିଂଙ୍କଠାରୁ ୫୧, ୯୩୮ ଭୋଟରେ ପରାସ୍ତ ହୋଇ ତୃତୀୟ ସ୍ଥାନରେ ରହିଛନ୍ତି। ସଞ୍ଜୟ ୮୭, ୬୪୧ ଭୋଟ ପାଇଛନ୍ତି। ଆରଜେଡିର ମୁକେଶ କୁମାର ରୋଶନ ୪୨, ୬୪୪ ଭୋଟି ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟପଟେ ଲାଲୁଙ୍କ ସାନ ପୁଅ ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ରାଧେପୁର ଆସନରେ ବିଜୟୀ ହୋଇଛନ୍ତି। ସେ ୧୪, ୫୩୨ ଭୋଟ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସତୀଶ କୁମାରଙ୍କୁ ପରାସ୍ତ କରିଛନ୍ତି।



ସେହିପରି ବାହୁବଳୀ ତଥା ଜେଲ୍‌ରେ ଥିବା ଜେଡିୟୁର ଅନନ୍ତ କୁମାରୀ ସିଂ ୨୮, ୨୦୬ ଭୋଟ୍‌ରେ ମୋକାମା ଆସନରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆରଜେଡିର ବିଣା ଦେବୀଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଜମ୍ମୁଇରେ ବିଜେପିର ଶ୍ରେୟସୀ ସିଂ ୫୪, ୪୯୮ ଭୋଟ୍‌ରେ ଆରଜେଡିର ମହମ୍ମଦ ସମସାଦ ଆଲମଙ୍କୁ ପରାସ୍ତ କରି ବାଜି ମାରିଛନ୍ତି। ବିଜେପିର ହେଭିୱେଟ୍ ନେତା ସମ୍ରାଟ ଚୌଧୁରୀ ବୃହତ ୪୫, ୮୪୩ ଭୋଟ୍‌ରେ ଆରଜେଡିର ଅରୁଣ କୁମାରଙ୍କୁ ପରାସ୍ତ କରିଛନ୍ତି। ସେହିପରି ବହୁ ଚର୍ଚ୍ଚିତ ଭୋଜପୁରୀ ସିନେମା ତାରକା ଖେସାରୀ ଲାଲ ଯାଦବ ମଧ୍ୟ ଛପରା ଆସନରେ ବିଜେପିର ଛୋଟି କୁମାରୀଙ୍କଠାରୁ ପରାସ୍ତ ହୋଇଛନ୍ତି। ଜଣାଶୁଣା ତାରକା ଗାୟିକା ମୈଥିଳି ଠାକୁର ଅଲିନଗର ଆସନରେ ୧୧, ୭୩୦ ଭୋଟ୍‌ରେ ଆରଜେଡି ବିନୋଦ ମିଶ୍ରାଙ୍କୁ ପରାସ୍ତ କରିଛନ୍ତି। ବିଜପିର ବିଜୟ କୁମାର ସିହ୍ନା ଲଖିସରାୟ ଆସନରେ କଂଗ୍ରେସର ଅମରେଶ କୁମାରଙ୍କୁ ପରାସ୍ତ କରିଛନ୍ତି। ଚନପଟିଆ ଆସନରେ ମନୀଷ କାଶ୍ୟପ ଜନସୁରାଜ ପାର୍ଟିରୁ ଲଢ଼ି ପରାସ୍ତ ହୋଇଛନ୍ତି। ବିଜେପିର ମଙ୍ଗଲ ପାଣ୍ଡେ ସବାନ ଆସନରୁ ଆରଜେଡିର ଅବଧବିହାରୀ ଚୌଧୁରୀଙ୍କୁ ୯, ୩୭୦ ଭୋଟ୍‌ରେ ପରାସ୍ତ କରିଛନ୍ତି। ଅଭିନେତା ପବନ ସିଂହଙ୍କ ପତ୍ନୀ ଜ୍ୟୋତି ସିଂହ କାରାକଟରୁ ସ୍ୱାଧୀନ ଭାବେ ଲଢ଼ି ପରାସ୍ତ ହୋଇଛନ୍ତି। ସେହିପରି ମହମ୍ମଦ ଶାହବୁଦ୍ଦିନଙ୍କ ପୁଅ ଓସାମା ଶହାବ ରଘୁନାଥପୁର ଆସନରେ ୯, ୨୪୮ ଭୋଟ୍‌ରେ ଜେଡିୟୁର ବିକାଶ କୁମାର ସିଂଙ୍କୁ ପରାସ୍ତ କରିଛନ୍ତି।

## ଲାଲ୍‌କିଲ୍ଲା ବିସ୍ଫୋରଣ: ମାଟିରେ ମିଶାଇ ଦିଆଗଲା ଆତଙ୍କବାଦୀ ଉମର୍‌ର ଘର

ନୂଆଦିଲ୍ଲୀ, ୧୪ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବିସ୍ଫୋରଣ ସହ ଏବେ ହରିୟାଣାର ନୁହ (ମେବାତ) ଜିଲ୍ଲାର ପିନଗବାଁ ଅଞ୍ଚଳ ଜଡିତ ହୋଇଛି। ବିସ୍ଫୋରଣ ମାମଲାରେ ଯାଞ୍ଚ କରୁଥିବା ଦିଲ୍ଲୀର ଏଜେନ୍ସିଗୁଡିକ ନୁହର ସାର ବିକ୍ରେତା ଦୀନେଶ ସିଙ୍ଗଲା ଉରଫ୍ ଡବୁକୁ ପଚରାଉଚରା କରିବା ସହ ତାକୁ ଗିରଫ କରିଛି। ଡବୁ ଅଲ ଫଲାହ ବିଶ୍ୱ ବିଦ୍ୟାଳୟର ଡାକ୍ତର ମୁଜାମ୍ମିଲ ସକିଲକୁ ବିନା କୌଣସି ରେକର୍ଡରେ ଆମୋନିୟମ ନାଇଟ୍ରେଟ୍ ଭଳି ବିସ୍ଫୋରକ ପଦାର୍ଥ ଉପଲବ୍ଧ କରାଇଥିଲେ। ଏହାପୂର୍ବରୁ ଜମ୍ମୁ-କଶ୍ମୀର କର୍ତ୍ତୃପକ୍ଷ ଡା ଉମର ନବୀର ପୁଲବାମାସ୍ଥିତ ବାସଗୃହକକୁ ଭାଙ୍ଗି ମାଟିରେ ମିଶାଇ ଦେଇଛନ୍ତି। ଉମର ଲାଲ୍‌କିଲ୍ଲା ବିସ୍ଫୋରଣରେ ମୃତ୍ୟୁବରଣ କରିଥିଲା। ଡିଏନ୍‌ଏ ପରୀକ୍ଷା ମାଧ୍ୟମରେ ଏହା ସ୍ପଷ୍ଟ ହୋଇଛି। ସୁରକ୍ଷାବଳ ଉମରର ଘରକୁ ଆଇଇଡି ଦ୍ୱାରା ବିସ୍ଫୋରଣରେ ଉଡାଇ ଦେଇଛି। ତା ପାଖରେ ଆମୋନିୟମ ନାଇଟ୍ରେଟ ରଖିବାର ଲାଇସେନ୍ସ ନ ଥିଲା। ଏହାକୁ ବିସ୍ଫୋରଣ ଘଟାଇବାରେ ବ୍ୟବହାର କରାଯାଇଥିଲା ବୋଲି କୁହାଯାଉଛି। ଉମର ବିସ୍ଫୋରଣ ବେଳେ କାର୍‌ରେ ଥିଲା। ସେ ପୁଲୱାମାର କୋଇଲ ଅଞ୍ଚଳରେ ରହୁଥିଲା। ଏପର୍ଯ୍ୟନ୍ତ ୫୦୦ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ୬୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପଚରା ଉଚରା କରାଯାଇଛି। ସେପଟେ ନୁହର ଜଣେ ଡାକ୍ତରଙ୍କୁ ମଧ୍ୟ ଏହି ମାମଲାରେ ଗିରଫ କରାଯାଇଛି। ଫଳରେ ମୁଖ୍ୟ ଅଭିଯୁକ୍ତଙ୍କ ସଂଖ୍ୟା ଏବେ ୯ ରେ ପହଞ୍ଚିଛି।

## ୧୫୦ କିମି ବେଗରେ ଖାଇକୁ ଖସିଲା କାର୍; ୫ ମୃତ

ରତଲାମ, ୧୪ ।୧୧(ଏଜେନ୍ସି): ମଧ୍ୟପ୍ରଦେଶର ରତଲାମ୍‌ରେ ନିୟନ୍ତ୍ରଣ ହରାଇ ଏକ କାର୍ ଖାଇକୁ ଖସିପଡ଼ିବା ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୧୫ ବର୍ଷର ପିଲା ଓ ୬୦ ବର୍ଷର ଜଣେ ବରିଷ୍ଠ ନାଗରିକ ସାମିଲ ଅଛନ୍ତି। ସିସିଟିଭି କ୍ୟାମେରାରେ ଏହି ମର୍ମନ୍ତୁଦ ଦୁର୍ଘଟଣାର ଦୃଶ୍ୟ ରେକର୍ଡ ହୋଇଛି। ରତଲାମ ଜିଲ୍ଲାର ରାବଟି ଥାନା ଅନ୍ତର୍ଗତ ଭୀମପୁରା ଗାଁ ନିକଟରେ ମାହି ନଦୀ ପୋଲ ପୂର୍ବରୁ ଶୁକ୍ରବାର ସକାଳ ୭ଟାରେ ଏହି ଦୁର୍ଘଟଣା ଘଟିଥିଲା। ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେରେ ରେଲିଂ ଭାଙ୍ଗି ଏହି ମହିନ୍ଦ୍ରା ଏସ୍‌ୟୁଭି ୭୦୦ ଗାଡି ଯାଇ ତଳେ ପଡ଼ିଥିଲା। ଡ୍ରାଇଭରଙ୍କୁ ହାଲ୍‌କା ନିଦ ଆସିବା ଫଳରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। କାର୍‌ରେ ବସିଥିବା ୪ ଜଣ ମୁମ୍ବାଇର ଓ ଜଣେ ଗୁଜରାଟ ଭଦୋଦରାର ବାସିନ୍ଦା। ସମସ୍ତେ ଦିଲ୍ଲୀରୁ ମୁମ୍ବାଇ ଯାଉଥିଲେ। ସମସ୍ତଙ୍କ ମୃତଦେହ ରତଲାମ ମେଡିକାଲ କଲେଜରେ ରଖାଯାଇଛି। ଦୁର୍ଘଟଣା ସ୍ଥଳିର ୧୦ ଫୁଟ୍ ଦୂରରେ ସ୍ପିଡ୍ ଗନ୍ ଲଗାଯାଇଛି ବୋଲି ନ୍ୟାସନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ (ଏନ୍‌ଏଚ୍‌ଏଆଇ) ନିର୍ଦ୍ଦେଶକ ସନ୍ଦୀପ ପଟିଦାର କହିଛନ୍ତି। କାର୍‌ର ଗତି ଘଣ୍ଟାପ୍ରତି ୧୫୦ କିମି ଥିଲା ବୋଲି ଏଥିରୁ ସ୍ପଷ୍ଟ ହେଉଥିବା ସେ କହିଛନ୍ତି।



ବିହାର ବିଜୟ ପରେ ବିଜେପି ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ବିକାଶ ଓ ସୁଶାସନର ବିଜୟ: ମୋଦୀ

ବିହାର ଲୋକମାନେ ବିଜୟ ବାନା ଉଡ଼ାଇଛନ୍ତି। ରାଜ୍ୟରେ ସୁଶାସନ, ବିକାଶ, ଜନକଲ୍ୟାଣ ଭାବନା ଏବଂ ସାମାଜିକ ନ୍ୟାୟର ବିଜୟ ହୋଇଛି। ବିହାର ଲୋକେ ଏନଡିଏକୁ ଅଭୂତପୂର୍ବ ଏବଂ ଐତିହାସିକ ବିଜୟର ଆଶୀର୍ବାଦ ଦେଇଛନ୍ତି। ଆଉ କେବେ ବି ରାଜ୍ୟକୁ ଜଙ୍ଗଲରାଜର ସରକାର ଫେରିବ ନାହିଁ। ଯେଉଁମାନେ ଛଟ୍ ପୂଜାକୁ ଡ୍ରାମା କହୁଥିଲେ, ସେମାନଙ୍କୁ ଜବାବ ମିଳିଛି। ବିଜେପି ମୁଖ୍ୟାଳୟରେ ଆୟୋଜିତ ବିଜୟ ଉତ୍ସବରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି ଯେ ଗଙ୍ଗା ମାତା ବିହାରରୁ ପ୍ରବାହିତ ହୋଇ ପଶ୍ଚିମବଙ୍ଗ ଯାଉଛନ୍ତି। ପଶ୍ଚିମବଙ୍ଗରେ ବିଜେପିର ବିଜୟ ମାର୍ଗକୁ ବିହାର ପ୍ରଶସ୍ତ କରିଦେଇଛି। ବିଜେପି ଆପଣଙ୍କ ସହ ମିଶି ପଶ୍ଚିମବଙ୍ଗର ଜଙ୍ଗଲରାଜ ସରକାରକୁ ଭୁଶୁଡ଼ାଇ ଦେବ।

## ନିର୍ବାଚନ ନିରପେକ୍ଷ ନ ଥିଲା: ରାହୁଲ

ମହାମେଣ୍ଟ ଉପରେ ବିଶ୍ୱାସ ପ୍ରକଟ କରିଥିବା କୋଟି କୋଟି ମତଦାତାଙ୍କୁ ଗଭୀର କୃତଜ୍ଞତା ଜଣାଉଛି। ବିହାର ବିଧାନସଭା ନିର୍ବାଚନ ଫଳାଫଳ ଚକିତ କରିଦେଇଛି। ଆମେ ଏଭଳି ଏକ ନିର୍ବାଚନରେ ବିଜୟୀ ହୋଇପାରିଲୁ ନାହିଁ, ଯାହା ପ୍ରାରମ୍ଭରୁ ନିରପେକ୍ଷ ନ ଥିଲା। ଏହି ଲଢ଼େଇ ଗଣତନ୍ତ୍ର ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଥିଲା। କଂଗ୍ରେସ ଏବଂ ମହାମେଣ୍ଟ 'ଇଣ୍ଡିଆ' ଏହି ଫଳାଫଳର ସମୀକ୍ଷା କରିବ ଏବଂ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଚାଲିଥିବା ପ୍ରୟାସକୁ ଅଧିକ ପ୍ରଭାବୀ କରାଯିବ ବୋଲି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କହିଛନ୍ତି।

## ବାଂଲାଦେଶରେ ପୁଣି ତେଜିଲା ହିଂସା

ଢ଼ାକା, ୧୪ ।୧୧(ଏଜେନ୍ସି): ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ କୋର୍ଟ ରାୟ ଦେବା ପୂର୍ବରୁ ସାରା ଦେଶରେ ହିଂସା ବୃଦ୍ଧି ପାଇଛି। ହାସିନାଙ୍କ ପାର୍ଟି ଅୱାମୀ ଲିଗ୍ କୋର୍ଟଙ୍କ ସମ୍ଭାବ୍ୟ ରାୟକୁ ବିରୋଧ କରି ସାରା ଦେଶରେ ଲକ୍‌ଡାଉନ୍ ପାଇଁ ଆହ୍ୱାନ ଦେଇଛି। କିନ୍ତୁ ଅୱାମୀ ଲିଗ୍‌କୁ ବିରୋଧ କରି ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଓ ବାଂଲାଦେଶ ଜମାତ-ଇ-ଇସ୍‌ଲାମୀ କାର୍ଯ୍ୟକର୍ତ୍ତାମାନେ ରାଜଧାନୀ ଢ଼ାକାର କିଛି ଅଞ୍ଚଳରେ ସଡ଼କକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହାକୁ ନେଇ ବାଂଲାଦେଶ ପୁଣି ଅଶାନ୍ତ ହୋଇପଡ଼ିଛି। ଦେଶର ବିଭିନ୍ନ ସ୍ଥାନରେ ଆଜି ଦିନକେ ୩୨ଟି ସ୍ଥାନରେ ବୋମା ବିସ୍ଫୋରଣ ହୋଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ୧୨ଟି ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଢ଼ାକା ବିମାନ ବନ୍ଦର ନିକଟରେ

**୩୨ଟି ସ୍ଥାନରେ ବୋମା ବିସ୍ଫୋରଣ**

**୧୨ଟି ବସ୍‌ରେ ନିଆଁ ଲଗାଇଦେଲେ**

ଦୁଇଟି ବୋମା ବିସ୍ଫୋରଣ ହୋଇଥିଲା। କିନ୍ତୁ ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଢାକା ସମେତ କେତୋଟି ବଡ଼ ସ୍କୁଲରେ କ୍ଲାସକୁ ଅନଲାଇନ୍ କରାଯାଇଛି। ସାଧାରଣ ଗମନାଗମନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ରାଜଧାନୀ ଢାକାରେ ୪୦୦ ପାରା ମିଲିଟାରୀ ଯବାନଙ୍କୁ ନିୟୋଜିତ କରାଯାଇଛି।

ଉଲ୍ଲେଖଥାଉ କି ସୁପ୍ରିମକୋର୍ଟ ନଭେମ୍ବର ୧୭ରେ ହସିନାଙ୍କ ବିରୋଧରେ ଚାଲିଥିବା ମାନବୀୟ ଅପରାଧ ମାମଲା ବିରୋଧରେ ରାୟ ଶୁଣାଇବେ। ୨୦୨୪ରେ ଛାତ୍ର ଆନ୍ଦୋଳନ ଅବସରରେ ହସିନା ହିଂସା ପାଇଁ ଉସ୍‌କାଇଥିବାର ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ହସିନା ଏହି ମାମଲାଗୁଡିକୁ ମିଥ୍ୟା ବୋଲି କହି ଆସିଛନ୍ତି। ଏହି ହିଂସା ପରେ ହସିନାଙ୍କୁ ଶାସନରୁ ଛାତ୍ର ଆନ୍ଦୋଳନ ମାଧ୍ୟମରେ ହଟାଇ ଦିଆଯାଇଥିଲା। ସେ ଏବେ ଭାରତରେ ଆଶ୍ରୟ ନେଇଛନ୍ତି।

## ନୂଆପଡ଼ା ଉପନିର୍ବାଚନ

# ଏ ବିଜୟ ସମୃଦ୍ଧ ଓଡ଼ିଶା ଗଠନରେ ସହାୟକ ହେବ: ମୋହନ

**ଭୁବନେଶ୍ୱର, ୧୪ ।୧୧ (ସମିସ):** ନୂଆପଡ଼ା ଓ ବିହାରରେ ବଡ଼ ବିଜୟ ପରେ ବିଜୟ ଉତ୍ସବ ପାଳିଛି ବିଜେପି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳୀୟ ନେତା ଓ କର୍ମୀ ଏକାଠି ହୋଇ ବିଜୟ ଉତ୍ସବ ପାଳନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଏକ ଐତିହାସିକ ଦିନ ଓ ସ୍ମରଣୀୟ ମୁହୂର୍ତ୍ତ।

### ରାଜ୍ୟ ବିଜେପି କାର୍ଯ୍ୟାଳୟରେ ବିଜୟ ଉତ୍ସବ



ବିହାର ବିଧାନସଭା ନିର୍ବାଚନ ଏବଂ ନୂଆପଡ଼ା ଉପନିର୍ବାଚନରେ ବିଜେପି ଇତିହାସ ସୃଷ୍ଟି ହୋଇଛି। ନୂଆପଡ଼ା ଉପନିର୍ବାଚନରେ ବିଜେପିକୁ ବିପୁଳ ସମର୍ଥନ ଜଣାଇଥିବା ଅଂଶୀଦାରମାନଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନିର୍ବାଚନ ଓଡ଼ିଶା ରାଜନୀତି ପାଇଁ ଐତିହାସିକ। ଏହା ଆଗାମୀ ଦିନରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସହାୟକ ହେବ। ବିଜେପି ରାଜନୈତିକ ଉଦ୍ଦେଶ୍ୟ ନୁହେଁ; ସେବା ମନୋଭାବ ନେଇ ଆଗକୁ ବଢୁଛି। ଏହି କାରଣରୁ ନୂଆପଡ଼ାବାସୀ ସମର୍ଥନ ଦେଇଛନ୍ତି। ନୂଆପଡ଼ାର ବିକାଶ ନିଶ୍ଚୟ ହେବ ବୋଲି ପ୍ରତିଶ୍ରୁତି ଦେବା ସହ ବିହାରରେ ବିଜେପିର ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ବିଜେପିର ଐତିହାସିକ ଏବଂ ବିଶାଳ ବିଜୟ ପାଇଁ ରାଜ୍ୟ ସଭାପତି ମନମୋହନ ସାମଲ ନୂଆପଡ଼ାର ଜନସାଧାରଣ ଏବଂ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଏହି ବିଜୟ କେବଳ ଏକ ନିର୍ବାଚନୀ ସଫଳତା ନୁହେଁ; ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ, ବିକାଶର ଏଜେଣ୍ଡା ଏବଂ ସୁଶାସନ ପ୍ରତି ଜନସାଧାରଣଙ୍କ ଅଟଳ ବିଶ୍ୱାସର ଏକ ପ୍ରମାଣ। ଏହି ବିଜୟ ଦଳର ସମସ୍ତ କର୍ମୀ, ପଦାଧିକାରୀ ଏବଂ ଜନସାଧାରଣଙ୍କ ନିରନ୍ତର ପରିଶ୍ରମ ଓ ଆସ୍ଥାର ଫଳ। ବିଜୟୀ ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଅଭିନନ୍ଦନ ସହ ନୂଆପଡ଼ାବାସୀଙ୍କ ଆଶା-ଆକାଂକ୍ଷା ପୂରଣ କରିବା ପାଇଁ ଶ୍ରୀ ସାମଲ ତାଙ୍କୁ ଆହ୍ୱାନ ଦେଇଛନ୍ତି।

# ଜନମତକୁ ଏପଟସେପଟ କରାଯାଇଛି: ଦେବୀ ମିଶ୍ର

**ଭୁବନେଶ୍ୱର,୧୪।୧୧(ସମିସ):** ସରକାରୀ କଳ ଏବଂ ବଳ ଦ୍ୱାରା ବିଜେପି ନିର୍ବାଚନ ବିଜୟ ହାସଲ କରିଛି। ଅନେକ ସମସ୍ୟା ନେଇ ନୂଆପଡ଼ାବାସୀ ମୁହଁ ଖୋଲୁଥିଲେ। ହେଲେ ୯ ତାରିଖ ସକାଳ ପର୍ଯ୍ୟନ୍ତ ବିଜେଡି ସପକ୍ଷରେ ଥିବା ଜନାଦେଶ ପରିବର୍ତ୍ତନ ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ, ବିଜେଡି ଅନେକ ଉପନିର୍ବାଚନ ସାମ୍ନା କରିଛି।



ଏଥିରେ ଦଳ ଅନେକ ଉପନିର୍ବାଚନ ଜିତିଛି ଓ ହାରିଛି। ହେଲେ ନୂଆପଡା ଉପନିର୍ବାଚନ ଫଳାଫଳ କିଛି ଅଲଗା ଆଭାସ ଦେଉଛି। ସେ କହିଛନ୍ତି ଦଳ ତରଫରୁ ଯାହା ଆମେ ଆଶଙ୍କା କରିଥିଲୁ, ତାହା ସତ ପ୍ରମାଣିତ ହୋଇଛି। ଜନମତକୁ ଏପଟସେପଟ କରାଯାଇଛି। ସାଇଲେଣ୍ଟ ପିରିଅଡରେ ଶାସକ ଦଳ ପକ୍ଷରୁ ବ୍ୟବହାର ହୋଇଛି। ଶାସକ ଦଳ ଓ ସରକାରୀ କଳ ସାଇଲେଣ୍ଟ ପିରିଅଡକୁ ମ୍ୟାନୁପୁଲେସନ କରିଛନ୍ତି। ଏହାର ପ୍ରତିଫଳନ ଫଳାଫଳରେ ଦେଖିବାକୁ ମିଳିଛି। ଲୋକଙ୍କ ଭାବନା ଏତେ ବଡ଼ ପରିବର୍ତ୍ତନ ଚକିତ କରିଛି। ୯ ତାରିଖ ସକାଳ ଯାଏ ଯେଉଁ ମତ ଥିଲା, ତାହା ପରିବର୍ତ୍ତନ ହୋଇଛି। ଏହା ହିଁ ଚକିତ କରୁଛି। ଜନସାଧାରଣ ଜାଣିଛନ୍ତି ନବୀନ ବାବୁ ଓଡ଼ିଶାର ପ୍ରିୟତମ ନେତା। ନୂଆପଡାରେ ଅନୁକମ୍ପା ଅପେକ୍ଷା ଟ୍ରିପଲ ଇଞ୍ଜିନ ସରକାରର ମାଇକ୍ରୋ ମ୍ୟାନେଜମେଣ୍ଟ ଫଳାଫଳକୁ ପ୍ରଭାବିତ କରିଛି। ଓଡିଶାର ବିଜେପି ସରକାର, ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରର ବିଜେପି ସରକାରଙ୍କ କଳ ଓ ବଳ ଲାଗିଥିଲା। ନିର୍ବାଚନ ପର୍ଯ୍ୟବେକ୍ଷକ ମଧ୍ୟ ନିରବଦ୍ରଷ୍ଟା ସାଜିଥିଲେ। ଛତିଶଗଡ଼କୁ ଲାଗି ରହିଥିବା ନୂଆପଡାର ଅଞ୍ଚଳରେ ପୂର୍ବରୁ ମଧ୍ୟ ପଛରେ ରହୁଥିଲା। ଉପନିର୍ବାଚନରେ ଏତେ ସଂଖ୍ୟକ ଭୋଟ ପଡ଼ିବା ନଜିର ନାହିଁ। ଉପନିର୍ବାଚନରେ ୮୩ ପ୍ରତିଶତରୁ ଅଧିକ ଭୋଟିଂ ହେବା ସନ୍ଦେହ ସୃଷ୍ଟି କରୁଛି। ୪୧ ବୁଥରେ ହାରାହାରି ୯୧ରୁ ୯୪ ପ୍ରତିଶତ ଭୋଟିଂ ହୋଇଛି। ଭୋଟିଂ ବୁଥକୁ ସିଜ କରିବା ଅଭିଯୋଗ ମଧ୍ୟ ଆସିଛି। ଦାଦନ ଭାବରେ କାମ କରୁଥିବା ଲୋକଙ୍କ ନାଁରେ ଭୋଟ ଦିଆଯାଇଥିବା ସନ୍ଦେହ ହେଉଛି। ନହେଲେ ଏତେ ପରିମାଣର ଭୋଟିଂ ହୋଇନଥାନ୍ତା। ଏହାକୁ ତଦନ୍ତ କଲେ ଜଣାପଡିବ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଧିକ ଭୋଟ ଦେଲେ ଭଲ। ମାତ୍ର ଲୋକ ନଆସି ଭୋଟ ପଡିଲେ ଭୟଙ୍କର ହୁଏ ବୋଲି ଶ୍ରୀ ମିଶ୍ର କହିଛନ୍ତି।

# ଅର୍ଥ ବଳର ନଗ୍ନ ପ୍ରଦର୍ଶନ କରି ଶାସକ ଦଳ ନିର୍ବାଚନ ଜିତିଲା: କଂଗ୍ରେସ

**ଭୁବନେଶ୍ୱର,୧୪।୧୧(ସମିସ):** ନୂଆପଡ଼ା ଉପନିର୍ବାଚନରେ ବିଜେପିର ବିଜୟ ହୋଇଛି। ବିଜୟୀ ପ୍ରାର୍ଥୀ ଦଳକୁ କଂଗ୍ରେସ ଅଭିନନ୍ଦନ ଜଣାଇଥିଲେ ମଧ୍ୟ ଏହି ବିଜୟକୁ ଦଳ ସହଜରେ ଗ୍ରହଣ କରିପାରୁ ନାହିଁ। ଦଳ ପକ୍ଷରୁ ଏକ ପ୍ରେସ୍‌ବାର୍ତ୍ତାରେ କୁହାଯାଇଛି, ନୂଆପଡ଼ା ଉପନିର୍ବାଚନରେ ଶାସକ ଦଳ ଯେପରି ଅର୍ଥ ବଳର ନଗ୍ନ ପ୍ରଦର୍ଶନ କଲା, ତାହା ଭାରତୀୟ ନିର୍ବାଚନୀ ଇତିହାସରେ ସମସ୍ତ ରେକର୍ଡକୁ ଅତିକ୍ରମ କରିଯାଇଛି। ନିର୍ବାଚନ ଆୟୋଗ ଓ ଅଧିକାରୀମାନଙ୍କ ବ୍ୟାପକ ପକ୍ଷପାତିତା ବଳରେ ଶାସକ ଦଳ ପ୍ରାର୍ଥୀ ପୁଲିସ ଓ ପ୍ରଶାସନକୁ ବ୍ୟବହାର କରି ଭୋଟରମାନଙ୍କୁ ପ୍ରଲୋଭିତ କରାଇବାରେ ସକ୍ଷମ ହେଲେ। ଆଦର୍ଶ ଆଚରଣ ବିଧି ବାରମ୍ବାର ଖୋଲାଖୋଲି ଉଲଂଘନ ହେଉଥିବା ସତ୍ତ୍ୱେ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଲେ।

ଅନ୍ୟପଟେ ପୂର୍ବରୁ ନିକଟ ଅତୀତରେ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନଗୁଡିକରେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବା ବେଳେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏ ଥରର ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏହା କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାର ପ୍ରମାଣ ବୋଲି ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି। ସେ କହିଛନ୍ତି, ଏହା ଆଗାମୀ ଦିନରେ ଓଡ଼ିଶା ରାଜନୀତିକୁ ଯେ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ। ସମସ୍ତଙ୍କ



ମଧ୍ୟରୁ ଯୋଗ୍ୟତମ ପ୍ରାର୍ଥୀ ଘାସିରାମ ମାଝୀ ଏଥର କଳାହାଣ୍ଡିର ପୂର୍ବତନ ସାଂସଦ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ପ୍ରାର୍ଥୀ ହୋଇଥିବାରୁ ମୂଳରୁ ହିଁ ତାଙ୍କ ବିଜୟ ଆଶା ଉଜ୍ଜଳ ଥିଲା। ତେବେ ନୂଆପଡ଼ାରେ ସ୍ପଷ୍ଟ ଦିବାଲୋକରେ ଗଣତନ୍ତ୍ରର ହତ୍ୟା ହେବା ଯୋଗୁଁ ଏଠାରେ ବିଜେପି ଜିତିଲା। ପ୍ରତିକୂଳ ପରିସ୍ଥିତିରେ କଂଗ୍ରେସ ସପକ୍ଷରେ ରହିଥିବା ଭୋଟର ଓ ନିର୍ବାଚନରେ ଅକ୍ଳାନ୍ତ ପରିଶ୍ରମ କରିଥିବା କଂଗ୍ରେସର ନେତୃବୃନ୍ଦ ଓ କର୍ମୀଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପକ୍ଷରୁ ଶ୍ରୀ ଦାସ ଧନ୍ୟବାଦ ଜଣାଇଛନ୍ତି।

# ୬ ଡିଗ୍ରୀକୁ ଖସିଲା ପାରଦ

### ସେମିଳିଗୁଡ଼ା ସବୁଠୁ ଥଣ୍ଡା

**ଭୁବନେଶ୍ୱର, ୧୪।୧୧ (ସମିସ):** ରାଜ୍ୟର ଅଧିକାଂଶ ସ୍ଥାନରେ ଥଣ୍ଡା ଜାରି ରହିଛି। କ୍ରମାଗତ ଭାବେ ତାପମାତ୍ରା ହ୍ରାସ ପ୍ରଭାବରେ ଚଳିତବର୍ଷ ରାଜ୍ୟରେ ପ୍ରଥମଥର ପାଇଁ କିଛି ସ୍ଥାନରେ ଶୀତ ଲହରୀ ଅନୁଭୂତ ହୋଇଛି। ଲଗାତାର ଦୁଇ ଦିନ ହେବ, ଭୁବନେଶ୍ୱର ଓ ଫୁଲବାଣୀରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୫ଡିଗ୍ରୀ ତଳେ ରହିଥିବା ହେତୁ ଏଠାରେ ଶୀତ ଲହରୀ ସୃଷ୍ଟି ହୋଇଛି। ଏହାବ୍ୟତୀତ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ପାରଦ ୬ ଡିଗ୍ରୀ ଛୁଇଁଛି। କୋରାପୁଟର ସେମିଳିଗୁଡ଼ାଠାରେ ତାପମାତ୍ରା ସର୍ବନିମ୍ନ ୬.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଜି. ଉଦୟଗିରିରେ ୭, ଦାରିଙ୍ଗବାଡ଼ିରେ ୭.୫, ଫୁଲବାଣୀରେ ୮.୨, ଝାରସୁଗୁଡ଼ା ଓ ଚିପିଲିମାରେ ୧୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଭୁବନେଶ୍ୱର ଓ କଟକରେ ତାପମାତ୍ରା ୧୪.୮ଡିଗ୍ରୀ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହା ପରେ କିଛି କିଛି ସ୍ଥାନରେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିପାରେ।

# ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ

**କାମାକ୍ଷାନଗର, ୧୪।୧୧(ସମିସ):** ଯୁବକଙ୍କୁ ହତ୍ୟା କରି ପୋଖରୀରେ ଫିଙ୍ଗିଦେଲେ। କାମାକ୍ଷାନଗର ଥାନାରେ ଏପରି ଏକ ଅଭିଯୋଗ ହୋଇଛି। ମୃତ ଯୁବକଜଣଙ୍କ ହେଲେ, ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ରାଜେଶ କୁମାର ପାଣି। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନିର୍ବନ୍ଧରେ ଭିଡିଓ ସୁଟିଂ କରିବାକୁ ଆସିଥିଲେ

ସୂଚନାନୁଯାୟୀ, ରାଜେଶ ତାଙ୍କ ଗାଁ ଛକରେ ଏକ ଭିଡିଓ ସୁଟିଂ ଦୋକାନ କରିଛନ୍ତି। ବିବାହ, ବ୍ରତ ଇତ୍ୟାଦିରେ ସୁଟିଂ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଗତକାଲି ସକାଳେ ଏକ ନିର୍ବନ୍ଧର ଭିଡିଓ ସୁଟିଂ ପାଇଁ ସେ ମୁକ୍ତାପଶି ଗ୍ରାମକୁ ଆସିଥିଲେ। ତେବେ ସଂଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ସବୁଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ଏନେଇ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଆଜି ମୁକ୍ତାପଶି ଗାଁ ନିକଟରେ ଥିବା ମଠ ପୋଖରୀରୁ ରାଜେଶଙ୍କ ମୃତଦେହ ଭାସମାନ ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚି ରାଜେଶଙ୍କୁ ଚିହ୍ନଟ କରିବା ସହ ତାଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଏହାକୁ ଅଘଟଣ ଦର୍ଶାଇବା ପାଇଁ ଶବ ପୋଖରୀକୁ ଫିଙ୍ଗି ଦେଇଛି ବୋଲି ସେମାନେ କହିଛନ୍ତି। ଖବର ପାଇ କାମାକ୍ଷାନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହକୁ ପୋଖରୀ ଭିତରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସବୁ ଦିଗକୁ ନେଇ ତଦନ୍ତ ଚାଲିଛି ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

### ତାରତମ୍ୟର ଶିକାର ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ

# ପୋଷାକ, ମଧ୍ୟାହ୍ନଭୋଜନ, ସାଇକଲ୍ ଓ ବହିରୁ ବଞ୍ଚିତ

**ଭୁବନେଶ୍ୱର,୧୪ ।୧୧(ସମିସ):** ଅନୁଦାନଯୋଗ୍ୟ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ବୈମାତୃକ ମନୋଭାବର ଶିକାର ହେଉଛନ୍ତି। ସରକାରୀ ବିଦ୍ୟାଳୟର ପିଲାମାନେ ବହି, ପୋଷାକ, ମଧ୍ୟାହ୍ନଭୋଜନ, ସାଇକେଲ ଆଦି ପାଉଥିବାବେଳେ ଅନୁଦାନଯୋଗ୍ୟ ବିଦ୍ୟାଳୟର ପିଲାମାନେ ତହିଁରୁ ବଞ୍ଚିତ ହେଉଛନ୍ତି। ସେହିପରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛନ୍ତି। ଏଣୁ ଶିକ୍ଷାକୁ ପ୍ରୋତ୍ସାହିତ କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ସରକାରୀ ବିଦ୍ୟାଳୟ ପରି ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଦାବି କରାଯାଇଛି।

ସଂଘର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ ଅନୁଦାନଯୋଗ୍ୟ ବିଦ୍ୟାଳୟର ଓବିସି ଓ ଏସ୍‌ଇବିସି ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ମିଳୁନାହିଁ। ପାଠ ପଢ଼ିବା ପାଇଁ ବହି ମଧ୍ୟ ପାଉ ନାହାନ୍ତି। ଶିକ୍ଷକ ଓ କର୍ମଚାରୀ ବିନା ପାରିଶ୍ରମିକରେ ଶିକ୍ଷାଦାନ କରୁଛନ୍ତି। ଅଭାବ ଅନଟନ ସତ୍ତ୍ୱେ ୩୦ ବର୍ଷରୁ ଅଧିକ ସମୟ ଶିକ୍ଷାଦାନ କରୁଥିଲେ ମଧ୍ୟ ଟଙ୍କାଟିଏ ଅନୁଦାନ ମିଳୁନାହିଁ। ତନ୍ମଧ୍ୟରୁ ଅନେକଙ୍କ ମୃତ୍ୟୁ ହୋଇଥିବାବେଳେ ଆଉକିଛି ଶୂନ୍ୟ ହସ୍ତରେ ଅବସର ନେଉଛନ୍ତି। ତେଣୁ ଏହି ବର୍ଗର ବିଦ୍ୟାଳୟଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ସେହିପରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ନେଉଥିବା କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ କିମ୍ବା ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରିବାର ବ୍ୟବସ୍ଥା ନ ଥିବାରୁ ଅବସର ପରଠାରୁ କୌଣସି ଅନୁଦାନ ପାଉ ନାହାନ୍ତି। ପୁଣି ନୂତନ ନିଯୁକ୍ତି ଦିଆଯାଉ ନଥିବାରୁ ବିଦ୍ୟାଳୟଗୁଡ଼ିକ ଶିକ୍ଷକ ଶୂନ୍ୟ ହେବାକୁ ବସିଲାଣି। ଅନୁରୂପ ଭାବେ ପୂର୍ଣ୍ଣଅନୁଦାନପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଉଚିତ୍ ଦରମା ଦିଆଯାଉ ନାହିଁ। ଏଣୁ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ଥିବା ତାରତମ୍ୟ ଦୂର କରି ଶୈକ୍ଷିକ ପରିବେଶ ସୃଷ୍ଟି କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି।

ଏହାସହ ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ବା ନେଉଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍, ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନିକ୍ରିମେଣ୍ଟ, ପୁରାତନ ପେନସନ୍ ସ୍କିମ୍‌ର ପୁନଃ ପ୍ରଚଳନ, ଗ୍ରେଡ ପେ' ଅସଙ୍ଗତି ଦୂରୀକରଣ ପରି ବିଭିନ୍ନ ସମସ୍ୟାକୁ ସମାଧାନ କରିବାକୁ ସଂଘର ସଭାପତି ଅକ୍ଷୟ କୁମାର ମିଶ୍ର ଦାବି କରିଛନ୍ତି। ଏକାଧିକ ଦାବି ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ସେସବୁକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସଂଘର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ 'ଲୋଗୋ' ଉନ୍ମୋଚିତ

### ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ ପ୍ରାୟ ୧୨ ହଜାର କୋଟି

**ଭୁବନେଶ୍ୱର,୧୪ ।୧୧(ସମିସ):** ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାର 'ଲୋଗୋ'କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଉନ୍ମୋଚନ କରିଛନ୍ତି। ଲୋକସେବା ଭବନରେ ଶୁକ୍ରବାର ଏହାକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋଗୋର ମଧ୍ୟ ଭାଗରେ ଖୋଲା ପୁସ୍ତକ ସହ କଲମମୁନ ରହିଛି। ଖୋଲା ପୁସ୍ତକ ଶିକ୍ଷା ଏବଂ ବୌଦ୍ଧିକ ଶକ୍ତିର ଜାଗରଣକୁ ବୁଝାଉଥିବା ବେଳେ କଲମମୁନ ସୃଜନଶୀଳତା ଓ ପ୍ରକାଶନକୁ ପ୍ରତିଫଳିତ କରୁଛି। କଲମମୁନର ଉପରି ଭାଗରେ ଜଳୁଥିବା ମଶାଲ, ଜ୍ଞାନ ଓ ସତ୍ୟର ପ୍ରତୀକ ସଦୃଶ। ଏହା ଅଜ୍ଞାନତା ଦୂର କରି ପ୍ରଗତିକୁ ପ୍ରୋତ୍ସାହିତ କରିଥାଏ।



ଓଡ଼ିଆ ସଂସ୍କୃତିକୁ ବହନ କରୁଥିବା ଏହି ଲୋଗୋ ଶିକ୍ଷାର ମହତ୍ୱ ଓ ଭୂମିକାକୁ ପ୍ରତିଫଳିତ କରୁଛି ଏବଂ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଜାଗରିତ କରିବ। ମଶାଲ ଚାରିପାଖରେ ବିଚ୍ଛୁରିତ କିରଣ ନୈତିକ ଆଲୋକର ପ୍ରତୀକ। ସେହିପରି ବୃତ୍ତାକାର ରୂପ ଏକତା, ଅନ୍ତର୍ଭୁକ୍ତୀ ଏବଂ ସମନ୍ୱୟକୁ ପ୍ରତିଫଳିତ କରୁଥିବା ବେଳେ ତିନୋଟି ତାରା ଯଥାକ୍ରମେ ଜ୍ଞାନ, ଚରିତ୍ର ଓ ସେବାକୁ ପ୍ରତିନିଧିତ୍ୱ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ଏହି ଯୋଜନାରେ ଛାତ୍ରଛାତ୍ରୀଙ୍କୁ ସାମାଜିକ ଏବଂ ଶୈକ୍ଷିକ କ୍ଷେତ୍ରରେ ସଶକ୍ତ କରିବ। ଏହା କେବଳ ଏକ ଶିକ୍ଷା ସଂସ୍କାର ଯୋଜନା ନୁହେଁ, ବରଂ ଏକ ସଂକଳ୍ପ ବୋଲି ସେ କହିଛନ୍ତି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟକୁ ସୁଦୃଢ଼ କରାଯିବ। ଏଥିପାଇଁ ପ୍ରାୟ ୧୨ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଆଗାମୀ ଚାରି ବର୍ଷ ଅର୍ଥାତ୍ ୨୦୨୫-୨୬ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯିବ। ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ହେବାକୁ ଥିବା ବେଳେ ଅନ୍ୟୂନ ୫ ଏକର ସରକାରୀ ଜମି ସହ ଗମନାଗମନ ସୁବିଧା ଥିବା ସ୍ଥାନକୁ ପ୍ରାଥମିକତା ଦିଆଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା 'ରୁଚି' ଉଦ୍ୟୋଗ ସମ୍ମାନିତ

**କଟକ,୧୪।୧୧(ସମିସ):** ଐତିହାସିକ କଟକ ବାଲିଯାତ୍ରାର ଆୟୋଜନରେ ସଫଳ ରୂପାୟନ ଓ ସହଭାଗିତା ପାଇଁ ଏହାର ଅନ୍ୟତମ ମୁଖ୍ୟ ପୃଷ୍ଠପୋଷକ 'ରୁଚି' ମସଲା ଉଦ୍ୟୋଗକୁ କଟକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ବମପାଟି କଟକ ବାଲିଯାତ୍ରା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ରୁଚି' ଫୁଡ୍‌ଲାଇନକୁ ସମ୍ମାନିତ କରିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପୁରସ୍କାର ପ୍ରଦାନ ମଞ୍ଚରେ ରାଜ୍ୟର ଏହି ପ୍ରମୁଖ ରୁଚି ଶିଳ୍ପୋଦ୍ୟୋଗ ଏବଂ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଉଦ୍ୟୋଗୀ ସ୍ୱର୍ଗତଃ ଡ. ଶରତ କୁମାର ସାହୁଙ୍କ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। 'ରୁଚି' ଅନୁଷ୍ଠାନ ପକ୍ଷରୁ ଏହାର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ରାଜ୍ୟପାଳଙ୍କ ଠାରୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ।



# ପୁରୀକୁ ବିପଦ ବେଆଇନ ଲଜ୍, ହୋମ୍ ଷ୍ଟେ'

**ପୁରୀ,୧୪।୧୧(ସମିସ):** ଦିଲ୍ଲୀରେ ଆତଙ୍କବାଦୀ ବିସ୍ଫୋରଣ ପରେ ସାରା ଦେଶରେ ହାଇ-ଆଲର୍ଟ। ପୁରୀକୁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ଭକ୍ତ ପର୍ଯ୍ୟଟକ ଆସୁଥିବାରୁ ଶ୍ରୀମନ୍ଦିର ସମେତ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ହେଲେ ସୁରକ୍ଷାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ କଥା ଏବେ ସାମ୍ନାକୁ ଆସିଛି। ବର୍ତ୍ତମାନ ସ୍ଥିତିରେ ଶ୍ରୀମନ୍ଦିର ଓ ପୁରୀ ସହର ପାଇଁ ବଡ଼ ବିପଦ ସାଜିଛି ବେଆଇନ ଲଜିଂ। ସବୁଆଡ଼େ ଛତୁ ଫୁଟିଲା ଭଳି ଖୋଲିଛି ବେଆଇନ ଲଜିଂ, ହୋମ୍ ଷ୍ଟେ। ଏହି ଲଜିଂ ତଥା ହୋମ୍‌ଷ୍ଟେଗୁଡ଼ିକ ମଧ୍ୟରୁ ଅଧିକାଂଶର ପୁରୀ ପୌରପାଳିକା ପ୍ରଦାନ କରୁଥିବା ଟ୍ରେଡ୍ ଲାଇସେନ୍ସ ନାହିଁ। ଗୁଣ୍ଡିଚା ମନ୍ଦିର ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ନିଜେ ରହୁଥିବା ଘରେ ବି କିଛି ଲୋକ ଯାତ୍ରୀଙ୍କୁ ରଖି ଟଙ୍କା ଆଦାୟରେ ଲାଗିଛନ୍ତି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରହୁଥିବା ଯାତ୍ରୀଙ୍କଠାରୁ କୌଣସି ପରିଚୟପତ୍ର ରଖାଯାଉନାହିଁ। କେଉଁ ଯାତ୍ରୀ କେଉଁ ସ୍ଥାନରୁ ଆସିଛନ୍ତି, କୌଣସି ସୂଚନା ରହୁନାହିଁ, ଯାହାକି ପୁରୀ ସହର ପାଇଁ ବଡ଼ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କମ୍ ସମୟରେ ଆଉ ସହଜରେ କିପରି ଅର୍ଥ ରୋଜଗାର କରିହେବ କିଛି ଲୋକ ଏବେ ଏହିଭଳି ବେଆଇନ ଲଜିଂକୁ ଭରସା

### ପ୍ରଶାସନ ପାଖରେ ରହୁନି ଯାତ୍ରୀଙ୍କ ତଥ୍ୟ

କରିଛନ୍ତି। ନିଜ ଘରକୁ ହୋମ୍ ଷ୍ଟେ' ବ୍ୟବସାୟରେ ଲଗାଇ ଭଲ ରୋଜଗାର କରୁଛନ୍ତି, କିନ୍ତୁ ଆଉ କୌଣସି ଗାଇଡ୍‌ଲାଇନ୍ ପାଳନ କରୁନାହାନ୍ତି। ଯାତ୍ରୀଙ୍କୁ ରଖିବା ଲାଗି ଯେଉଁ ସୁରକ୍ଷା ବ୍ୟବସ୍ଥା ରହିବା କଥା ତାହା ଆଦୌ ନାହିଁ, ଯାହାକି ସହର ପାଇଁ ବିପଦ ସୃଷ୍ଟି କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯଦି କେହି ଦୁର୍ବୃତ୍ତ ଏହି ବେଆଇନ ଲଜ୍‌ରେ ରହି କିଛି ଅଘଟଣ ପାଇଁ ଷଡ଼ଯନ୍ତ୍ର କରେ ତେବେ ସେ ସଫଳ ହେବେ ଏଥିରେ ସନ୍ଦେହ ନାହିଁ।

ପୁରୀ ସହର ଛୋଟବଡ଼ ହୋଟେଲ,



ଗେଷ୍ଟହାଉସ୍, ଲଜିଂ, ଧର୍ମଶାଳାକୁ ହିସାବକୁ ନେଲେ ଏହି ସଂଖ୍ୟା ପ୍ରାୟ ୧୨୦୦ରୁ ଅଧିକ ହେବ। ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ, ଶ୍ରଦ୍ଧାଳୁ ଏଠାରେ ରୁହନ୍ତି। ତେବେ ଯାତ୍ରୀଙ୍କୁ ରଖିବାକୁ ହେଲେ ପୁରୀ ପୌରପାଳିକାଠାରୁ ଟ୍ରେଡ୍ ଲାଇସେନ୍ସ ଓ ପଞ୍ଜୀକରଣ ବାଧ୍ୟତାମୂଳକ। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଫାୟାର ସେଫ୍ଟି, ପାର୍କିଂ ବ୍ୟବସ୍ଥା ରହିବା ଜରୁରୀ। ଯେଉଁ ଯାତ୍ରୀମାନେ ରହିବେ, ସେମାନଙ୍କ ସଠିକ୍ ବୈଧ ପରିଚୟପତ୍ର ରଖିବା ଓ ରେଜିଷ୍ଟରରେ ନାମଲେଖା ସହ ଯିବାଆସିବା ସମୟ ଲେଖିବା ବାଧ୍ୟତାମୂଳକ। କୌଣସି ବିଦେଶୀ ବ୍ୟକ୍ତି କିମ୍ବା ସନ୍ଦିଗ୍ଧ ବ୍ୟକ୍ତି ଆସିଲେ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେବାର ନିୟମ ରହିଛି। ନିୟମ ଉଲ୍ଲଂଘନ କଲେ ଲାଇସେନ୍ସ ବାତିଲ୍ ସହ ଜରିମାନା ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ରହିଛି। ହେଲେ ଏହାକୁ ଭ୍ରୂକ୍ଷେପ ନ କରି କେତେକ ବ୍ୟକ୍ତି ନିଜର ଆବାସିକ ଘରକୁ ବେଆଇନ ଭାବେ ବିନା ପଞ୍ଜୀକରଣରେ ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ପଞ୍ଜୀକରଣ କରି ନ ଥିବା ହେତୁ ଏଠାରେ କେଉଁ ବ୍ୟକ୍ତି ଆସି ରହିଛନ୍ତି, ସେନେଇ ପୁଲିସ କିମ୍ବା ପ୍ରଶାସନ ନିକଟରେ ସୂଚନା ରହୁନାହିଁ। ଏହାକୁ ନେଇ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ବେଆଇନ କାର୍ଯ୍ୟକୁ ରୋକାନଗଲେ ଆଗାମୀ ଦିନରେ ଏହା ସୁରକ୍ଷା ବ୍ୟବସ୍ଥାକୁ ବଡ଼ ବିପଦ ହେବ ବୋଲି ପୁଲିସକୁ ବୁଦ୍ଧିଜୀବୀ ସତର୍କ କରାଇଛନ୍ତି।

ବିଶେଷକରି ଶ୍ରୀମନ୍ଦିର ଓ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଏଭଳି ମାଳମାଳ ବେଆଇନ ଲଜିଂ, ହେମ୍ ଷ୍ଟେ ଖୋଲିଛି। ଗୁଣ୍ଡିଚା ମନ୍ଦିରକୁ ଲାଗି ରହିଥିବା ଘରଗୁଡ଼ିକ ରାତାରାତି ହୋମ୍ ଷ୍ଟେ ତଥା ଲଜ୍‌ରେ ପରିଣତ କରି ବେପାର ଚଳାଇଛନ୍ତି। ଏଠାରେ ଯେଉଁମାନେ ରହୁଛନ୍ତି ସେମାନଙ୍କ ସମ୍ପର୍କରେ କୌଣସି ତଥ୍ୟ ପ୍ରଶାସନ ପାଖରେ ରହୁନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯାତ୍ରୀ ଭାବେ ପରିଚୟ ଦେଇ ଏଠାରେ ଅନ୍ୟ କେହି ବି ରହି କୌଣସି ବଡ଼ଧରଣର ଅଘଟଣ ଘଟାଇପାରେ। ତେଣୁ ଏସବୁ ଦିଗ ପ୍ରତି ପ୍ରଶାସନ ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ପୂର୍ବ ସରକାର ସମୟରେ ଗୁଣ୍ଡିଚା ମନ୍ଦିର ଚତୁଃପାଶ୍ୱର୍ର କିଛି ଅଞ୍ଚଳ ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏହି ନିଷ୍ପତ୍ତି ଏବେ ଫାଇଲ୍ ତଳେ ଚାପି ହୋଇରହିଛି।

# ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ



ଦାମନଯୋଡି, ୧୪।୧୧ କୋରାପୁଟ ବ୍ଲକ ଅନ୍ତର୍ଗତ ମରିଚମାଳ ଠାରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଅତିଥି ରୂପେ ଯୋଗଦେଇ ଏହି କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ୨୦୧୭ରୁ ଗଠିତ ମରିଚମାଳ ପଞ୍ଚାୟତର କୌଣସି ସ୍ଥାୟୀ କାର୍ଯ୍ୟାଳୟ ନଥିଲା ବେଳେ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ପଞ୍ଚାୟତ ଗଠନର ଦୀର୍ଘ ୮ ବର୍ଷ ପରେ କାର୍ଯ୍ୟାଳୟ ଗୃହ ଉଦଘାଟନ ହୋଇଥିବାରୁ ପଞ୍ଚାୟତ ବାସୀଙ୍କ ମନରେ ଉତ୍ସାହ ପ୍ରକାଶ ପାଇଛି। ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ମସ୍ତିପୁଟିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ବିଡ଼ିଓ ଦେବାଶିଷ ଗୌଡ, ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର ମୋହନ ପ୍ରଧାନ, ସହକାରୀ ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ମିଶ୍ର, ସମସ୍ତ କନିଷ୍ଠ ଯନ୍ତ୍ରୀ,ବ୍ଲକ ଷ୍ଟାଫ୍, ସମିତି ସଭ୍ୟା ପାନେଶ୍ୱରୀ ହାଁସଦା, ନାଏବ ସରପଞ୍ଚ ମହେଶ କୁମାର ଖିଲଙ୍କ ସହ ସମସ୍ତ ଓ୍ୱାର୍ଡ ସଭ୍ୟ ସଭ୍ୟା, ମାଥାଲପୁଟ, ଲିଟିଗୁଡା ଓ ଡୁମୁରିପଦର ପଞ୍ଚାୟତର ସରପଞ୍ଚମାନେ ଏବଂ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ଡ୍ରେନ୍ ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ



କୋରାପୁଟ,୧୪।୧୧(ସମିସ): କୋରାପୁଟ ପୌର ପରିଷଦ ପକ୍ଷରୁ ଦୁଇଟି ୱାର୍ଡରେ ଡ୍ରେନ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ,ଉପାଧ୍ୟକ୍ଷା ସବିତା ପଣ୍ଡା, କାଉନସିଲର ବି ମାଲେଶ୍ୱର ରାଓ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ସହ ଅନ୍ୟାନ୍ୟ କାଉନସିଲର ଉପସ୍ଥିତ ଥିଲେ। ୫ ନମ୍ବର ୱାଡର୍ ବାସିନ୍ଦାଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଥିବାରୁ ପୂର୍ବ ଏବଂ ବର୍ତ୍ତମାନ ସରକାରଙ୍କୁ କାଉନସିଲର ଶ୍ରୀ ରାଓ ଧନ୍ୟବାଦ ଅର୍ପଣ କରିଛନ୍ତି। ଧୋବା ସାହି ଠାରୁ ଜଗନ୍ନାଥ ମନ୍ଦିର ଛକ ପର୍ଯ୍ୟନ୍ତ ୫୪ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ସେହିପରି ପୂଜାରୀପୁଟ କଲ୍ୟାଣ ମଣ୍ଡପ ପଛପଟୁ ୪୮ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ୱାର୍ଡ ବାସିନ୍ଦାଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଥିବାରୁ ସହରବାସୀଙ୍କ ସହ ମୁଁ ମଧ ଖୁସି ଅନୁଭବ କରୁଛି ବୋଲି ବିଧାୟକ ରଘୁରାମ ମାଛ କହିଛନ୍ତି।

# ବାଲ୍ୟବିବାହ ରୋକିଲା ପ୍ରଶାସନ



ବୈପାରୀଗୁଡ଼ା,୧୪।୧୧(ସମିସ): ବୈପାରୀଗୁଡା ଥାନା ଅନ୍ତର୍ଗତ କାଠପୋଡା ପଞ୍ଚାୟତରେ ଏକ ବାଲ୍ୟବିବାହ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହାକୁ ରୋକିଲା ବ୍ଲକ ପ୍ରଶାସନ। ବାଲ୍ୟ ବିବାହ ପୂର୍ବରୁ ନାବାଳିକାଙ୍କୁ ଉଦ୍ଧାର କରି ଆଜି କୋରାପୁଟ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଛି। ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ସବିତା ବ୍ରୋମ୍ହା, କ୍ଷେତ୍ର ପରିଦର୍ଶିକା ନନ୍ଦିନୀ ଚୌଧୁରୀ ଓ ଚନ୍ଦ୍ରିକା ମଣ୍ଡଳ, ଥାନା ଏସଆଇ ଅନିତା ନାୟକ,ଚାଇଲ୍ଡଲାଇନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତପସ୍ୱିନୀ ପାଢ଼ୀ, ଅଙ୍ଗନବାଡି ଦିଦି ପ୍ରମୁଖ ଉପସ୍ଥିତିରେ ପରିବାର ଲୋକଙ୍କୁ ବାଲ୍ୟ ବିବାହ ଦଣ୍ଡବିଧାନ ବିଷୟରେ ବୁଝାଯାଇଥିଲା। ସୂଚନା ଅନୁଯାଇ, କାଠପୋଡ଼ାର ନାବାଳିକାଙ୍କ ସହ ପାଣ୍ଡିପୋଡା ଗାଁ ର ନାବାଳକଙ୍କ ବାଲ୍ୟ ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା।ଆଦିବାସୀ ପରମ୍ପରିକ ସମ୍ପ୍ରଦାୟ ଅନୁଯାଇ ପ୍ରଥମେ ଝିଅକୁ ପୁଅ ଘରକୁ ଆଣି ରଖିଥିଲେ କିଛି ଦିନ ପରେ ବାଲ୍ୟ ବିବାହ ହୋଇଥାନ୍ତା। କିନ୍ତୁ ଚାଇଲ୍ଡଲାଇନ ଫୋନ ନମ୍ବର ୧୦୯୮ ମାଧମରେ ସୂଚନା ପାଇବା ପରେ କୋରାପୁଟ ଚାଇଲ୍ଡଲାଇନ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ଏବଂ ଆଇସିଡିଏସ ଷ୍ଟାପ ପାଣ୍ଡିପୋଡା ଗାଁ ରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ କ୍ଷ ପରିବାର ଲୋକେ ବୁଝିବା ପରେ ଆଜି ନାବାଳିକାଙ୍କୁ କୋରାପୁଟ ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଛି।

# ଜିଲ୍ଲା ଦଳ ଚୟନ ପ୍ରକ୍ରିୟା; ରେଡ୍ ଓ ବ୍ଲୁ ଦଳ ବିଜୟୀ

ଜୟପୁର,୧୪।୧୧(ସମିସ): ଜୟପୁରସ୍ଥିତ ଦଶହରା ପଡିଆ ଷ୍ଟାଡିୟମ ଏବଂ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଖେଳ ପଡିଆ ଠାରେ କୋରାପୁଟ ଜିଲ୍ଲା ଆନ୍ତଃ ବିଦ୍ୟାଳୟ କ୍ରିକେଟ ଖେଳାଳି ଚୟନ ପ୍ରକିୟା ଶୁକ୍ରବାର ତୃତୀୟ ଦିବସରେ ରେଡ ଏବଂ ବ୍ଲୁ ଦଳ ବିଜୟୀ ହୋଇଛନ୍ତି। ସମୁଦାୟ ୪ଟିଦଳକୁ ନେଇ ଏହି ପ୍ରତିଯୋଗିତା ମାଧମରେ ଖେଳାଳି ଚୟନ ପ୍ରକ୍ରିୟା କରାଯାଉଛଇ। ଆଜିର ପ୍ରଥମ ମ୍ୟାଚ ଦଶହରା ପଡିଆ ଷ୍ଟିଡିୟମ ଠାରେ ବ୍ଲୁ ଏବଂ ୟାଲୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟାଲୋ ଦଳ ପ୍ରଥମେ ବ୍ୟାଟିଂ କରିବା ସହ ୩୦. ୪ ଓଭରରେ ସମସ୍ତ ୱିକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲେ। ନିର୍ଦ୍ଧାରିତ ବିଜୟୀ ରନର ପିଛା କରି ବ୍ଲୁ ଦଳ ୩୫ ଓଭରରେ ୮ ୱିକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲେ ଏବଂ ବିରୋଧି ଦଳକୁ ୨ଟି ୱିକେଟ ପରାସ୍ତ କରିଥିଲେ। ବିଜୟୀ ବ୍ଲକ ଦଳର ବି.ସାଇ ସ୍ୱରୁପ ସର୍ବାଧିକ ୪୮ ରନ ସଂଗ୍ରହ କରିଥିବା ବେଳେ ନୈତିକ ବେହେରା ୫ଟି ୱିକେଟ ହାସଲ କରିଥିଲେ। ଦ୍ୱିତୀୟ ମ୍ୟାଚ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପଡିଆ ଠାରେ ରେଡ୍ ଏବଂ ଓରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଓରେଞ୍ଜ ଦଳ ବ୍ୟାଟିଂ କରିଥିଲେ ଏବଂ ମାତ୍ର ୧୬.୧ ଓଭରରେ ସମସ୍ତ ୱିକେଟ ହରାଇ ୪୨ ରନ କରିଥିଲେ। ରେଡ ଦଳ ବ୍ୟାଟି ଆରମ୍ଭ କରି ବିନା ୱିକେଟ ହରାଇ ୪୪ ରନ ସଂଗ୍ରହ କରି ବିପକ୍ଷ ଦଳକୁ ୧୦ ୱିକେଟରେ ପରାସ୍ତ କରିଥିଲେ। ଉଭୟ ମ୍ୟାଚେ ଏମ୍ପାୟାର ଭାବେ ପ୍ରଥମ ମ୍ୟାଚରେ ପ୍ରିୟ ରଞ୍ଜନ ପାତ୍ର , ଅବୈଦ ନାୟକ ଏବଂ ଶୁଭମ ସିଂ, ରୋଶନ ବେହେରା ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର, ଅକ୍ଷୟ କୁମାର ପ୍ରଧାନୀ, ସାହୁକାର ଗୌରବ ଏବଂ ଶୁଭମ ସ୍ୱାଗତ ସ୍ୱାଇଁ ସ୍କୋର ଲେଖକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉପଖଣ୍ଡ କ୍ରୀଡା ସମ୍ପାଦକ ରବି ନାୟକଙ୍କ ତତ୍ତ୍ୱାଧାନରେ ୩ଜଣ ଚୟନକର୍ତ୍ତା ଉପସ୍ଥିତ ଥିଲେ।

## ୫୭ ତମ ଜିଲ୍ଲା ପରିଷଦ ବୈଠକ

# ବିଧାୟକ-ଅଧିକାରୀ କଥା କଟାକଟି



କୋରାପୁଟ,୧୪।୧୧(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ କୋରାପୁଟ ଜିଲ୍ଲା ପରିଷଦର ୫୭ ତମ ବୈଠକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, କୋଟପାଡ ବିଧାୟକ ରୂପୁ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଯୋଜନା ଓ ପର୍ଯ୍ୟବେକ୍ଷଣ,ଗ୍ରାମୀଣ ଉନ୍ନୟନ,ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବିଦ୍ୟୁତ,କଫି ଓ ମଙ୍ଗଳ ବିଭାଗର କାର୍ଯ୍ୟକାରିତାକୁ ନେଇ ଆଲୋଚନା କରାଯାଇଥିଲା। ସରକାରୀ କାର୍ଯ୍ୟକ୍ରମ ସଂପର୍କରେ ଜନ ପ୍ରତିନିଧିମାନଙ୍କୁ ଅଧିକାରୀ ମାନେ ସୂଚନା ଦେଉ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ କିଛି ସମୟ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ଓ କୋଟପାଡ ବିଧାୟକ ରୂପୁ ଭତ୍ରାଙ୍କ ମଧ୍ୟରେ କଥା କଟାକଟି ହୋଇଥିବା ଦେଖିବାକୁ ମିଳିଥିଲା। ଏହାପରେ ଜିଲ୍ଲାପାଳ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସରକାରୀ ଯୋଜନା ସଂପର୍କରେ ଜିଲ୍ଲାର ସମସ୍ତ ଜନ ପ୍ରତିନିଧି ମାନଙ୍କୁ ସୂଚନା ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲ୍ଲାରେ ଆରକୁ ମୋଡେଲରେ କଫି ଚାଷ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା ବୋଲି ସେ କହିଛନ୍ତି। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ ହୋଇ ନ ଥିବାରୁ ବିକାଶ କାର୍ଯ୍ୟ ଠପ ହୋଇଯାଇଥିବାରୁ ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅସନ୍ତୋଷ ପ୍ରକାଶ କରି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଯେଉଁ ଅଧିକାରୀ ମାନେ କାର୍ଯ୍ୟ କରୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି। କୋରାପୁଟ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ଗତ ୫ ବର୍ଷରେ ବିଧାୟକ ପାଣ୍ଠିରୁ ୮୫ କୋଟି ଟଙ୍କା ଅନୁଦାନ ଗ୍ରହଣ କରିଥିବା ବେଳେ ୫୮ କୋଟି ୬୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା ବୈଠକରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସ୍?ତନ୍ତ୍ର ସହାୟତା ଯୋଜନାରେ ୧୦୩.୮୭ କୋଟି ଟଙ୍କା ଅନୁଦାନ ଆସିଥିବା ବେଳେ ୧୦୨ କୋଟି ୭୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କେବିକେ ଯୋଜନାରେ ବିଗତ ୪ ବର୍ଷରେ ୭୭ କୋଟି ଟଙ୍କା ଅନୁଦାନ ଆସିଥିବା ବେଳେ ୭୬ କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି।୨୦୨୫/୨୬ ଆର୍ଥିକ ବର୍ଷର ଅନୁଦାନ ଆସିନାହିଁ। କ୍ରିଟିକାଲ ଗ୍ୟାପ ଫଣ୍ଡରୁ ଗତ ୪ ବର୍ଷରେ ୮ କୋଟି ୨୮ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ୩କୋଟି ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୨୫/୨୬ ଆର୍ଥିକ ବର୍ଷ ଅନୁଦାନ ଆସି ନାହିଁ।କୋରାପୁଟ ସାଂସଦଙ୍କ ପାଣ୍ଠିରୁ ୯ କୋଟି ୯୯ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଇଛି ବୋଲି ଶ୍ରୀ ବେହେରା କହିଛନ୍ତି। ନବରଙ୍ଗପୁର ସାଂସଦଙ୍କ ପାଣ୍ଠିରୁ ୧ କୋଟି ୬୬ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ସମସ୍ତ ଅର୍ଥ ଖର୍ଚ୍ଚ ହୋଇଯାଇଛି ବୋଲି ସେ କହିଛନ୍ତି।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟଙ୍କ ସହ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା ,ଜିଲ୍ଲାର ସମସ୍ତ ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ଜୟପୁର,୧୪।୧୧(ସମିସ): ଜୟପୁର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥରେ ଭାରତୀୟ ଖାଦ୍ୟ ନିଗମ କାର୍ଯାଳୟ ନିକଟସ୍ଥ ରେଳ ଓଭରବ୍ରିଜ ଛକରେ ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ଏବଂ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ମାନେ ହେଲେ ହରଡାପୁଟ ଗ୍ରାମର ଅଜୟ ମୁଦୁଲି (୨୫) ଓ ରାମକୃଷ୍ଣ ଜାନୀ(୨୫)। ସଦରଥାନା ପୁଲିସ ସୂଚନା ଅନୁଯାୟୀ ଗତକାଲି ରାତିରେ ଅଜୟ ଏବଂ ରାମକୃଷ୍ଣ ଜୟପୁରକୁ କୌଣସି କାର୍ଯ୍ୟ ଆସିବା ସହ ନିଜ ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ବିଳମ୍ବିତ ରାତିରେ କୌଣସି ଅଜଣା ଗାଡି ଧକ୍କା ଦେଇଥିଲା। ଦୁଇ ମୃତ ଦେହ ରାସ୍ତା ତଳକୁ ଖସି ଏକ ଖାଲରେ ଭିତରେ ପଡି ରହିଥିଲେ। ସଦରପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କ ମୃତ୍ୟୁ ଘୋଷଣା କରିଥିଲେ।

# ଗାଁରେ ଭୌତିକ କାଣ୍ଡ, ଲୋକେ ଭୟଭୀତ

ବୈପାରୀଗୁଡ଼ା, ୧୪।୧୧(ସମିସ ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ସଂତେଇପୁଟ ଠାରେ ଗାଁର ଜଣେ ୨୦ବର୍ଷୀୟ ଯୁବକ ଇଆଡୁ ସିଆଡୁ ଗପିବାରୁ ତାଙ୍କ ଦେହରେ ଭୂତ ଲାଗିଥିବା ପ୍ରଚାରିତ ହୋଇଛି। ସେ କହୁଛନ୍ତି, "ମୁଁ ନରସିଂହ, ମରିବା ପରେ ମୋ ଶବକୁ ଠିକ୍ ପ୍ରକ୍ରିୟାରେ ସତ୍କାର କରା ଯାଇନାହିଁ। ତେଣୁ ତାଙ୍କର ଆତ୍ମାକୁ ଶାନ୍ତି ମିଳିନାହିଁ। ଗାଁ ଲୋକେ ତାକୁ କୌଣସି ପ୍ରକାରେ କାବୁ କରିବା ସହ ବାନ୍ଧି ରଖିଥିଲେ। କିଛି ସମୟ ପରେ ସେ ସ୍ୱାଭାବିକ ହେଉଥିବା ବେଳେ ପୁଣି ଅସ୍ୱାଭାବିକ ଆଚରଣ ଦେଖିବାକୁ ମିଳିଛି। ପୁଣି ରାତି ହେଲା ମାତ୍ରେ ଗାଁରେ ଶୂନ୍ୟ ରୁ ପଡୁଛି ଢେଲା ପଥର ମାଡ଼। ଏପରି ଭୌତିକ କାଣ୍ଡକୁ ନେଇ ଗ୍ରାମବାସୀ ମାନେ ଭୟଭୀତ ହୋଇ ପଡିଛନ୍ତି। ଗାଁ ଲୋକଙ୍କ କହିବା ଅନୁଯାୟୀ, ଗାଁ ର ନରସିଂହ ସଗରିଆ ନାମକ ଜଣେ ବ୍ୟକ୍ତଙ୍କ ଦୀର୍ଘ ବର୍ଷ ପୂର୍ବେ ମୃତ୍ୟୁ ଘିଟିଛି। ଏବେ ୨୦ ବର୍ଷୀୟ ଯୁବକଙ୍କ ଦେହରେ ନରସିଂହଙ୍କ ଭୂତ ଲାଗି ନିଜ ଶବ ସତ୍କାର କାହାଣୀ ଗାଁ ଲୋକଙ୍କ ଆଗରେ କହୁଛି। ଗାଁ ଲୋକଙ୍କ ଚେଷ୍ଟା ରେ ଗୁରୁବାର ଦିନ ଜଣେ ଜବକନାଡିର ଦିଶାରୀ (ଗୁଣିଆ) ଗାଁରେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଦିଶାରୀ ଗାଁରେ ପୂଜା କରିବା ପରେ ଢେଲା ପଥର ମାଡ଼ ବନ୍ଦ ହୋଇ ଯାଇଛି। କିନ୍ତୁ ଯୁବକଙ୍କ ଦେହରୁ ଭୂତ ଆତ୍ମା ସମ୍ପୂର୍ଣ୍ଣ ଭାବେ ଛାଡି ନାହିଁ ବୋଲି ଗାଁ ଲୋକେ କହିଛନ୍ତି। ଏଣୁ ଆସନ୍ତା କାଲି ହାଇଦ୍ରାବାରୁ ଜଣେ ଗୁଣିଆ ଆସିବା ପରେ ପୂଜାର୍ଚ୍ଚନା ହେବ ବୋଲି ଜଣାପଡ଼ିଛି।

# ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ




ଲକ୍ଷ୍ମୀପୁର,୧୪।୧୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟରେ ଶିଶୁ ଦିବସ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପାଳ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ ଅଧିକାର ଉପରେ ଆଲୋକପାତ କରା ଯାଇଥିଲା। ରଚନା ଓ ଚିତ୍ରାଙ୍କନ ପ୍ରତଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଫକିର ମୋହନ ସାହୁ ଶିଶୁ ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଅଭିଭାଷଣ ପ୍ରଦାନ କରି ଥିଲେ। ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଛାତ୍ର ଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ ସହ ସମାଜରେ ପ୍ରତିଷ୍ଠା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ସୁକାନ୍ତ କୁମାର ଯାଦବ,ଅଶେଷ କର୍ଜି,ମାଧୁରୀ ଲେଙ୍କା, ଯେଶ୍ମା ପଣ୍ଡା, ସୁନୀତା ସାହୁକାର,ପ୍ରିୟଙ୍କା ବିଷୋୟୀ, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି ଓ ବିଜୟ ସୁରଜ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ଶିକ୍ଷକ ଶଙ୍କର ଗୁଡୁମ୍ବିକା ଓ କସ୍ତୁରୀ ଶବର ମଞ୍ଚ ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ରାୟଗଡ଼ା,୧୪।୧୧(ସମିସ): ରାୟଗଡ଼ା ପଶୁ ସମ୍ପଦ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଅତିଥିରୂପେ ବ୍ଲକ ଅଧ୍ୟକ୍ଷା ଟୁଂନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗଉଡ, ଜିଲ୍ଲା ମୁଖ୍ୟ ପଶୁଧନ ଅଧିକାରୀ ମୃଣ୍ମୟ କୁମାର ପଣ୍ଡା, ପଶୁଧନ ଉପ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ର ସଭାପତିତ୍ୱରେ ଆୟୋଜିତ ମେଳାରେ ବିଭିନ୍ନ ବର୍ଗର ହିତାଧିକାରୀ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜଳବିଭାଜିକା, ଜୀବିକା ମିଶନ ମିଶନ ଶକ୍ତି ଆଦି ବିଭାଗର ଷ୍ଟଲ୍ ମାନ ନିର୍ମାଣ କରି ପ୍ରଦର୍ଶନୀ କରାଯାଇଥିଲା। ଏହି ଅବସରରେ ବ୍ଲକର ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଜୟ ଦିବସ ପାଳିତ

ଟିକିରି,୧୪।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିପୁଳ ପରିମାଣ ଭୋଟରେ ବିଜେପିର ବିଜୟ ଅବସରରେ ଟିକିରି ବିଜେପି ପକ୍ଷରୁ ଟିକିରି ବସ୍‌ଷ୍ଟାଣ୍ଡରେ ବିଜୟ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହି ବାଣ ଫୁଟାଇବା ସହ ସମସ୍ତଙ୍କୁ ମିଠା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ମହାନ୍ତି, ଚନ୍ଦ୍ରଶେଖର ଖରା, ବେଳଧର ମାଝୀ, କାର୍ତିକ ମାଝୀ, ବେଲାଳସନ ନାଏକ, ସୁଶାନ୍ତ ପ୍ରଧାନୀ, ଜଗନ୍ନାଥ ସାହୁ, ପୂର୍ଣ୍ଣିମା ଦୋରା, ସୁଦର୍ଶନ ନାଏକ, ବିଶ୍ୱନାଥ ଝୋଡିଆ, ପ୍ରତାପ ଚନ୍ଦ୍ର ଝୋଡ଼ିଆ, ସିରିଧାର ଖରା , ଶ୍ୟାମାଘନ ପାତ୍ର, ଉମାଶଙ୍କର ଦଣ୍ଡସେନା, ପ୍ରଫୁଲ ସାହୁ, ଇନ୍ଦ୍ରଜିତ ସାହୁ, ବିକାଶ ନାଏକ ଓ ନିରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ପୋଷାକ ବଣ୍ଟନ

ବୈପାରିଗୁଡ଼. ୧୪।୧୧(ସମିସ): ବୈପାରିଗୁଡ଼ା ବ୍ଲକ ଲକ୍ଷ୍ମୀପୁର ବିଦ୍ୟାଳୟରେ ଆୟୋଜିତ ପୋଷାକ ବଣ୍ଟନ କାର୍ଯ୍ୟକ୍ରରେ ଯୋଗ ଦେଲେ କୋରାପୁଟ ବିଧାୟକ ରଘୁରାମ ମାଛ। ପ୍ରଥମେ ଲକ୍ଷ୍ମୀପୁର ଗ୍ରାମବାସୀ ବିଧାୟକ ଶ୍ରୀ ମାଛଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଲକ୍ଷ୍ମୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ପୋଷାକ ବଣ୍ଟନ କରିଥିଲେ। ପୋଷାକ ବଣ୍ଟନ ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମ ବାଲାଜୀ, ବୈପାରିଗୁଡା ମଣ୍ଡଳ ସଭାପତି ଭାଗିରଥି ଗୌଡ଼, ପୂର୍ବତନ ମଣ୍ଡଳ ସଭାପତି ଉମେଶ ପଟ୍ଟନାୟକ, ମନୋଜ ନାୟକ, ଲୁକୁନାଥ ଖରା, ପଦ୍ମନ ମାଳି, ଭାଗିରଥି ମାଛ, ମକର ମାଳି, ପୀତବାସ ନାୟକଙ୍କ ସହ ଶିକ୍ଷକ, ଅଭିଭାବକ, ଗ୍ରାମବାସୀ ଏବଂ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ। ଏଥିସହ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ମଧ୍ୟରୁ ଲକ୍ଷ୍ମୀପୁର ଠାରୁ ମାଳିଗୁଡା ପର୍ଯ୍ୟନ୍ତ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏହାଛଡ଼ା ବିଭିନ୍ନ ମୌଳିକ ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରାଯାଇଛି।

## ଜବରଦଖଲ ଉଚ୍ଛେଦ କଲେ ତହସିଲଦାର

# ୪୭ ବର୍ଷ ଧରି ରହିଥିଲେ ୭ ପରିବାର



ନାରାୟଣପାଟଣା,୧୪।୧୧(ସମିସ): ଦୀର୍ଘ ବର୍ଷ ଧରି ନାରାୟଣପାଟଣା ପୁରୁଣା ଥାନା ଛକ ନିକଟ ବାଉରୀ ସାହି ଗଳି ନିକଟରେ ରାଜସ୍ୱ ବିଭାଗର ପ୍ଲଟ ନମ୍ବର ୧୨୫ ଖାତା ନମ୍ବର ୪୫୨ରେ ଥିବା ସରକାରୀ ଜମିରେ ଦୀର୍ଘ ୪୭ ବର୍ଷ ଧରି ଜବରଦଖଲ କରି ରହି ଆସୁଥିଲେ ୭ ପରିବାର। ଏହି ଜାଗା ପଞ୍ଚାୟତର କାର୍ଜିଂଆହୁଦ ବ୍ୟବହାର ପାଇଁ ରାଜସ୍ୱ ବିଭାଗ ପଞ୍ଚାୟତକୁ ଦେଇଥିଲା। କିନ୍ତୁ ତାହା ବ୍ୟବହାର ନହେବାରୁ ସେହି ଜାଗାରେ ୭ ପରିବାର ଘର ଦ୍ୱାର କରି ଦୋକାନ ଗୃହ କରି ପରିବାର ପୋଷଣ କରିଆସୁଥିଲେ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ତହସିଲ ଜାଗା ଚିହ୍ନଟ କରି ବେଆଇନ୍ ଭାବେ ସରକାରୀ ଜାଗା ଜବରଦଖଲ ଅଭିଯୋଗରେ ମାସିକିଆ ନୋଟିସ କରି ଆଜି ଉଚ୍ଛେଦ କରିଛନ୍ତି। ଫଳରେ ୭ ପରିବାର ନିଜେ ପ୍ରଶାସନର ଚିଠିକୁ ସମ୍ମାନ ଦେଇ ସରକାର ଜାଗାକୁ ଛାଡି ଦେଇଥିଲେ। ନିୟମ ଅନୁସାରେ ତହସିଲଦାର ପ୍ରଭାତୀ ଝଡିଆ,ରାଜସ୍ୱ ନିରୀକ୍ଷକ, ସରପଞ୍ଚରେବତୀ କୁନ୍ଦାରିଆ,ପଂଚାୟତ ନିର୍ବାହ ଅଧିକାରୀ ରମେଶ ତୁଳ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଜେସିବି ଲଗେଇ ଜବରଦଖଲ ଉଚ୍ଛେଦ କରିଛନ୍ତି। ଆଗାମି ଦିନରେ ପଞ୍ଚାୟତ ତରଫରୁ ଦୋକାନ ଗୃହ ନିର୍ମାଣ କରାଯାଇ ସାତ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ଦୋକାନ ଗୃହ ବଣ୍ଟନ କରିବା ପାଇଁ ସରପଞ୍ଚ ନାରାୟଣପାଟଣା କୁ ଚିଠି ଜରିଆରେ ଅନୁରୋଧ କରିଥିବା ତହସିଲଦାର କହିଛନ୍ତି।

# ଯୁବକର ଆତ୍ମହତ୍ୟା

ଜୟପୁର,୧୪।୧୧(ସମିସ): ଜୟପୁର ଟାଉନ ଥାନା ଜୟନଗର ଦାଶରି ସାହି ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା ନେଇ ଥାନାରେ ମାମଲା ରୁଜୁ ହୋଇଛି। ମୃତକ ପ୍ରଦୀପ ହରିଜନ(୨୫)ମାନସିକ ଅସ୍ଥିରତା ଯୋଗୁଁ ସେ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ପ୍ରକାଶ କରିଛନ୍ତି। ମୃତକ ନିଜ ବାସଭବନରେ ବେକରେ ଘୋଡାଇ ହୋଇଥିବା ସାଲ୍ ଲଗାଇ ଝୁଲୁଥିବା ଅବସ୍ଥାରେ ରହିଥିଲା। ତୁରନ୍ତ ଟାଉନଥାନାକୁ ଜଣାଇବା ପରେ ପୁଲିସ ଏସଆଇ ରାଜେନ୍ଦ୍ର ପାଙ୍ଗି ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ଚିକିତ୍ସାଳୟକୁ ପଠାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି।

# ନାବାଳିକା ଅପହରଣ, ଥାନାରେ ମାମଲା

ଜୟପୁର,୧୪।୧୧(ସମିସ): ଜୟପୁର ସହରର ଏକ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଟାଉନଥାନାରେ ମାମଲା ରୁଜୁ ହୋଇଛି। ନାବାଳିକାର ପରିବାର ପକ୍ଷରୁ ଟାଉନ୍‌ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଜୟପୁର ଟାଉନ ପୁଲିସ ଏକ ମାମଲା ରୁଜୁ କରିବା ସହ ସେମାନଙ୍କ ମୋବାଇଲ ଟ୍ରାକ କରି ନବରଙ୍ଗପୁର ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲେ। ଟାଉନ ଥାନାର ଏକ ଦଳ ନବରଙ୍ଗପୁର ବଡଘାସି ସାହିରେ ଥିବା ଜାଣିବାକୁ ପାଇବା ପରେ ନବରଙ୍ଗପୁର ଥାନାକୁ ଯାଇ ଘଟଣାର ତଦନ୍ତ କରୁଥିବା ଏସଆଇ ଏ. କ୍ରୀଷ୍ଣା ରାଓ ପ୍ରକାଶ କରିଛନ୍ତି।

# ନଦୀରେ ଯୁବକ ଭାସିଯାଇଥିବା ସନ୍ଦେହ

ନାରାୟଣପାଟଣା,୧୪।୧୧(ସମିସ): ଝଂଜାବତୀ ନଦୀରେ ଗାଧୋଇବାକୁ ଯାଇ ଗତକାଲି ଆଉ ଘରକୁ ଫେରିନଥିଲେ ୨୨ବର୍ଷୀୟ ଯୁବକ ଚିନ୍ମୟ ମହାନନ୍ଦିଆ। ନଦୀ ରେ ଭାସିଯାଇଥିବା ସନ୍ଦେହ କରି ପରିବାର ଲୋକେ ଦମକଳ ବାହିନୀକୁ ଖବର ଦେଇଥିଲେ। ସନ୍ଧ୍ୟା ରେ କୋରାପୁଟର ଓଡ୍ରାଫର ଏକ ଟିମ୍ ପହଞ୍ଚି ଝଂଜାବତୀ ନଦୀରେ ଖୋଜାଖୋଜି ଜାରି ରଖିଛି। ପୋଲିସ , ତହସିଲଦାର, ରାଜସ୍ୱ ନିରୀକ୍ଷକ, ସ୍ଥାନୀୟ ସରପଂଚ,ଥାନା ଅଧିକାରୀ ସମେତ ସ୍ଥାନୀୟ ଗାରିଆଘାଟ ସାହି ବାସିନ୍ଦା ସମ୍ପର୍କୀୟ ନଦୀ ତୋଠରେ ପହଞ୍ଚି କିପରି ନିଖୋଜ ହେଲେ ତାର ତଦନ୍ତ କରିଛନ୍ତି। ଚିନ୍ମୟ ମହାନନ୍ଦିଆ ନାରାୟଣପାଟଣା ବ୍ଲକ ମେଡିକାଲରେ ଆଉଟସୋର୍ସିଙ୍ଗରେ ସୁଇପର ଭାବେ କାମ କରନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଅବକାରୀ ଚଢ଼ଉ; ବିପୁଳ ମଦ ଜବତ



ନବରଙ୍ଗପୁର,୧୪।୧୧(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦୀପ ସମ୍ପଦ ମାଡକର ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ଓ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ଗୋଷ୍ଠି ନୀରିକ୍ଷକ ବୃନ୍ଦାବନ ମଣ୍ଡଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଶୋକ ମୁଦୁଲିଙ୍କ ଉପସ୍ଥିତିରେ ବିଭାଗୀୟ କର୍ମଚାରୀ ,ଏପିଆର୍ ଓ କୋଷାଗୁମୁଡ଼ା ଥାନା କର୍ମଚାରୀ ମାନଙ୍କ ସହ କୋଷାଗୁମୁଡ଼ା ଥାନା ଅର୍ନ୍ତଗତ କେର୍ଲା ଗ୍ରାମର ପୋଖୋରି ହୁଡା ଓ ଖୋଲାଜାଗା ଗୁଡ଼ିକ ଉପରେ ଚଢ଼ଉ କରି ୭୫୦୦ ଲିଟର ପୋଚ ଓ ୯୨୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। କୋଡ଼ିଙ୍ଗା ଥାନା ଅନ୍ତର୍ଗତ ଡଙ୍ଗରା ଗ୍ରାମରେ ଜଣେ ମହିଳାଙ୍କ ନିକଟରୁ ୯ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ବରଗାଁ ଗ୍ରାମର ମଧୁ କେଉଟଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ଏହି ଚଢ଼ଉ ସମୟରେ ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ଆଶିଷ ନାୟକ, ସହ ଉପ ନିରୀକ୍ଷକ ହଳଧର ଜାନି, ରିସମା କୁମାରୀ ସୁନା, ପ୍ରମୋଦ କୁମାର ବାଘ, ରୀନା ବଡନାୟକ, ଆକ୍ରମ୍ ଖାନ, ରଂଜିତ ସିଂ, ଦେବେନ୍ଦ୍ର ଭତରା, କାଳୀମଣି ମୁଦୁଲି ପ୍ରମୁଖଙ୍କ ସମେତ ବହୁ ଅବକାରୀ କର୍ମଚାରୀ ସହଯୋଗ କରିଥିବା ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି।

## ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣରେ ମହାଦୁର୍ନୀତି

# ପିଚୁ ରାସ୍ତାରୁ ଉଭାନ ହୋଇଯାଇଛି ପିଚୁ



ନବରଙ୍ଗପୁର/ଉମରକୋଟ,୧୪।୧୧(ସମିସ): ସରକାର ଗ୍ରାମାଞ୍ଚଳ ଲୋକଙ୍କ ଗମନାଗମନର ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ କରୁଛନ୍ତି। କିନ୍ତୁ ତୃଣମୂଳ ସ୍ତରରେ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିମ୍ନମାନର ରାସ୍ତା ନିର୍ମାଣ ଭଳି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍‌ଠାରେ। ଲୋକଙ୍କ ନିତିଦିନିଆଁ ଯାତାୟତ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି। ଏହିଭଳି ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ରାଇଘର ରାଇଘର ବ୍ଲକ କୁମୁଲି ପଞ୍ଚାୟତ ଅନ୍ତର୍ଗତ ଜାମଦୋରା ଠାରୁ ହଳଦୀ ଡଙ୍ଗରୀକୁ ସଂଯୋଗ କରୁଥିବା ପ୍ରାୟ ୩ କିଲୋମିଟର ରାସ୍ତାରେ। ରାଜ୍ୟ ସରକାରଙ୍କ ଚିଫ କନ୍‌ଷ୍ଟ୍ରକ୍ସନ୍ ଇଞ୍ଜିନିୟର ରୁରାଲ ୱାର୍କ ସର୍କଲ ସୁନାବେଡ଼ା ପକ୍ଷରୁ ଗତ ଡିସେମ୍ବର ୭ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି। ପିଚୁ ରାସ୍ତା କିନ୍ତୁ ଲାଗୁଛି ମାଟିରେ ତିଆରି ରାସ୍ତା ଏବଂ ରାସ୍ତା ସାରା ଦେଖିବାକୁ ମିଳିଛି ବଡ଼ ବଡ଼ ଖାଲ। ଚଳିତ ବର୍ଷ ବର୍ଷା ମାସ ପୂର୍ବରୁ ତିଆରି କରାଯାଇଛି । କିନ୍ତୁ ମାସ କେଇଟାରେ ରାସ୍ତାରୁ ଉଠିଗଲା ପିଚୁ । ଆଉ ଏଠି କେବଳ ଦିଶୁଚି ରଙ୍ଗମାଟି। ଛଅ ମାସରେ ପିଚୁରାସ୍ତା ମାଟିରାସ୍ତା ପାଲଟିଗଲା। ରାସ୍ତା ନିର୍ମାଣର କୌଣସି ଫଳକ ଏଠି ଲଗାଯାଇ ନାହିଁ । ଫଳରେ ଲୋକେ ରାସ୍ତା ବାବଦକୁ କେତେ ଖର୍ଚ୍ଚ କରାଯାଇଛି, ତାହା ମଧ୍ୟ ଲୋକେ ସ୍ପଷ୍ଟ ଭାବେ ଜାଣି ମଧ୍ୟ ପାରୁନାହାନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏହିଭଳି ଖାମଖିଆଲ କାର୍ଯ୍ୟକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକଟ କରିଛନ୍ତି ଏବଂ ପୁନଃ ନିର୍ମାଣ ପାଇଁ ଦାବି କରିବା ସହ ବିଭାଗୀୟ ଅଧିକାରୀ ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ସ୍ଥାନୀୟ ଗ୍ରାମବାସୀ ମାସ କେଇଟା ମଧ୍ୟ ଗଲା ନାହିଁ ନୂଆରେ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ରାସ୍ତା ଚାରି ମାସରେ ମାଟିରେ ମିଶିଲା, ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ପିଚୁରାସ୍ତା। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ସାରା ଖାଲଖମାରେ ଭର୍ତ୍ତି । ଏମିତି କି ପିଚୁ ରାସ୍ତା ମାଟି ରାସ୍ତାର ଭ୍ରମ ସୃଷ୍ଟି କରୁଛି ।ଯାହା ଫଳରେ ଯାତାୟାତରେ ଲୋକେ ନା ନା ଅସୁବିଧାର ସମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ସମୟରୁ କେହି ଅଧିକାରୀ ନିରୀକ୍ଷଣ ପାଇଁ ଆସିଲେ ନାହିଁ । ଫଳରେ ଠିକାଦାରଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପୂର୍ଣ ନିମ୍ନମାନର କରାଯାଇଛି ।ଫଳ ସ୍ୱରୂପ ବର୍ତ୍ତମାନ ପିଚୁ ଗୁଡିକ ହାତରେ ଉଠି ଯାଉଛି। ଏହି କାର୍ଯ୍ୟ ଆରମ୍ଭ ସମୟରେ ତଦାରଖ କରିବାକୁ କୈଣସି ବିଭାଗୀୟ ଅଧିକାରୀଙ୍କ ଦେଖା ନଥିଲା। ଠିକାଦାର ଜଣକ ମନଇଚ୍ଛା କାର୍ଯ୍ୟ କରି ଅର୍ଥକୁ ହରିଲୁଟ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଅର୍ଥକୁ ଯନ୍ତ୍ରୀ ଓ ଠିକାଦାର ପକେଟ ଗରମ କରୁଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନିମ୍ନମାନର ରାସ୍ତା କାମ ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଉମରକୋଟ ସ୍ଥିତ କାର୍ଯ୍ୟାଳୟକୁ ଏହି ପ୍ରତିନିଧି ଯାଇଥିବା ଘଟଣାକୁ ନେଇ ପ୍ରତିକ୍ରିୟା ଦେବାକୁ ମନା କରି ଦିଆଯାଇଥିଲା। ଅଭିଯୋଗ ପାଇବା ପରେ ନିର୍ବାହୀ ଯନ୍ତ୍ରୀ ବା ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି କି ନାହିଁ ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କୁନ୍ଦୁରା,୧୪।୧୧(ସମିସ): କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମୈଦାନ ଠାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କୁନ୍ଦୁରା ବ୍ଲକ ଭାରପ୍ରାପ୍ତ ଅଧ୍ୟକ୍ଷ ତରୁଣୀ ସେନା ବିଶୋଇ, ବିଡ଼ିଓ ପି ମନସ୍ମିତା, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ଅମ୍ପୁପାତ୍ର, ଜିଲ୍ଲା ପରିଷଦ ସଭ୍ୟା- କନକଲତା ପେଣ୍ଡିଆ, ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ଲକ୍ଷ୍ମଧର ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ବ୍ଲକ ପଶୁ ଚିକିତ୍ସା ଅଧିକାରୀ ଜୀବନଜୀତ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ଚାଷ କରି ଲାଭାନ୍ୱିତ ହୋଇଥିବା ଯୋଗୁଁ ମଞ୍ଚ ଉପରେ ଅତିଥି ସ୍ୱୟଂ ସହାୟକ ଗ୍ରୁପର ମହିଳାଙ୍କୁ ପୁରସ୍କାର ରାଶି ସହ ସମ୍ମାନିତ କରିଥିଲେ।

## ଆଜିଠୁ ଭାଗବତ ଗୀତା ପ୍ରବଚନ

ନବରଙ୍ଗପୁର,୧୪।୧୧(ସମିସ): ଶ୍ରୀମଦ୍ ଭଗବତ ଗୀତା ଆଧ୍ୟାତ୍ମିକ ରହସ୍ୟ ଓ ଚନ୍ତା ମୁକ୍ତି ରାଜା ଯୋଗ ଶିବିର ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଶ୍ରୀଚୈତନ୍ୟ ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ନବରଙ୍ଗପୁର ବ୍ରହ୍ମା କୁମାରୀଜ୍ ରାଜଯୋଗ ପ୍ରଶିକ୍ଷଣ କେନ୍ଦ୍ରପକ୍ଷରୁ ଆୟୋଜିତ ଏହି ପ୍ରବଚନ ଶିବିରରେ ପ୍ରବଚିକା ଭାବେ ସୁପ୍ରବନ୍ଧନ ଓ ବ୍ୟକ୍ତିତ୍ୱ ବ୍ୟକ୍ତିତ୍ୱ ବିକାଶ ବିଶେଷଜ୍ଞ ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ କୋହ୍ଲାନ ଉପାଞ୍ଚଳ ରାଜ ଯୋଗିନୀ ବ୍ରହ୍ମ କୁମାରୀ ଅଞ୍ଜୁ ଦିଦିଜୀ ଯୋଗ ଦେଇ ଶ୍ରୀମଦ୍ ଭଗବତ ଗୀତା ଆଧ୍ୟାତ୍ମିକ ରହସ୍ୟ ଓ ଚନ୍ତା ମୁକ୍ତି ରାଜା ଯୋଗ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଶିବିରରେ ନବରଙ୍ଗପୁର କେନ୍ଦ୍ର ସଞ୍ଚାଳିକା ବି. କେ. ନମିତାଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ବିକେ କମଳ ଦିଦି, ବିକେ ରାକ୍ଷୀ ଓ ବିକେ ଗୀତା, ବିକେ ବିଜୟ ମହାପାତ୍ର , ବିକେ ସର୍ବେଶ୍ୱର ପାତ୍ର, ବି କେ ପ୍ରବୀଣ ପାତ୍ର ପ୍ରମୁଖଙ୍କ ସମେତ ସହରର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା



ତେନ୍ତୁଲିଖୁଣ୍ଟି,୧୪।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ମିନି ଷ୍ଟାଡିଅମ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଣୀ ଚିକିତ୍ସକ ମହେନ୍ଦ୍ର ସମରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବ୍ୟବସାୟ କରି ସ୍ୱାବଲମ୍ବୀ ହେବାପାଇଁ ମହିଳା ଓ ଚାଷୀଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜୁରୀ ବିଷୋୟୀ,ବ୍ଲକ ଅଧକ୍ଷା ନିଁଲେନ୍ଦ୍ରି ନାୟକ, ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ,ବିଡିଓ ମନୋଜ କୁମାର ପାଣିଗ୍ରାହୀ, ପୂଜାରୀଗୁଡା ସରପଞ୍ଚ ଅନାଦି ମାଝୀ,ସମିତି ସଭ୍ୟା ବିନୋଦିନୀ ସିଂହ ମଞ୍ଚାସୀନ ଥିଲେ। ନବରଙ୍ଗପୁର ସହକାରୀ ପ୍ରାଣୀ ଚିକିତ୍ସକ ଡା ସ୍ମିତାଶ୍ରୀ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ ଜଣ ସ୍ୱୟଂ ସହାୟକ ଦଳ, ସୋମବାୟ ସମିତି,୫ ଜଣ ଚାଷୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ପ୍ରାଣୀ ଚିକିତ୍ସା ବିଭାଗ ରୁ ୪ ଟି ଷ୍ଟାଲ, ମତ୍ସ୍ୟ ବିଭାଗ ରୁ ୪ ଟି ଏବଂ ଅନ୍ୟାନ୍ୟ ବିଭାଗ ରୁ ୪ ପଦର୍ଶନୀ ଷ୍ଟାଲ ନିର୍ମାଣ କରି ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ୩ ଶହ ଜଣ ଚାଷୀଙ୍କ ପଞ୍ଜି କରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ବରିଷ୍ଠ ନାଜନେତା ନାରାୟଣ ପାତ୍ର, ଅଭିମନ୍ୟୁ ହରିଜନ, ଧରଣୀଧର ସିଂହ, ଲଛମନ ମାଝୀ, ଭିକି ବିଷୋୟୀ, ଏମ୍ବିକେ, ସିଆରପି, ସ୍ୱୟଂ ସହାୟକ ମହିଳା ଏବଂ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଚେତନ ମୂଳକ ଗୀତ ଓ ନୃତ୍ୟ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଶୁଭେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ

## ଭୂସଂସ୍କାର ନୀତି ପରିବର୍ତ୍ତନକୁ ରାଜସ୍ୱ ଅମଲା ସଂଘର ସ୍ୱାଗତ

ନବରଙ୍ଗପୁର,୧୪।୧୧(ସମିସ): ଭୂବନ୍ଦୋବସ୍ତ ପୂର୍ବରୁ କିଣା ଯାଇଥିବା ଜମି ବନ୍ଦୋବସ୍ତ ସମୟରେ ବନ୍ଦବୋସ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଭୁଲ ପଟ୍ଟାକୁ ନିର୍ଭୁଲ ଭାବରେ ସଂଶୋଧନ କରିବା ପାଇଁ ପ୍ରଥମେ କ୍ରେତା ମାନେ ରାଜସ୍ୱ ପରିଷଦ, କଟକର ଦ୍ୱାରସ୍ଥ ହେବାକୁ ପଡୁଥିଲା। ପରବର୍ତ୍ତୀ ସମୟରେ ସରକାର ସେହି କାର୍ଯ୍ୟକୁ ରାଜସ୍ୱ ଆୟୁକ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଥିଲେ। କିନ୍ତୁ ସମସ୍ତ ଲୋକ ରାଜସ୍ୱ ଆୟୁକ୍ତଙ୍କ ନିକଟରେ ପହଞ୍ଚି କାର୍ଯ୍ୟ ସମାପନ କରିବା ସମ୍ଭବପର ହେଉନଥିଲା। ଫଳ ସ୍ୱରୂପ ବହୁତ ଗୁଡିଏ ରାଜସ୍ୱ ମାମଲାର ତୁରନ୍ତ ଫଇସଲା ହୋଇପାରୁନଥିଲା। ଯଦ୍ୱାରା କି ଲୋକେ ବହୁତ ଅର୍ଥ ଖର୍ଚ୍ଚ ସୁଦ୍ଧା କରି ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସରକାର ତାକୁ ଆହୁରୀ ସରଳିକରଣ କରିବା ପାଇଁ ୨୦୧୭ ମସିହା ଠାରୁ ଜିଲ୍ଲାପାଳ ମାନଙ୍କୁ କ୍ଷମତା ପ୍ରଦାନ କରିଥିଲେ। ଜିଲ୍ଲାପାଳ ମାନଙ୍କ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଏହି ଅପିଲ ଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହୁ ଥିବା ସହିତ ଜିଲ୍ଲା ସଦର ମହକୁମାକୁ ବାରମ୍ବାର ଦୌଡି ଲୋକେ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାଦ୍ୱାରା ସମ୍ପୃକ୍ତ କ୍ରେତା ମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ପଟ୍ଟା ନିଜ ନାମରେ କରିବା ପାଇଁ ସମ୍ପୃକ୍ତ ତହସିଲଦାର ମାନଙ୍କ ପାଖରେ ଆବେଦନ କରିପାରିବେ। ଜଣସାଧାରଣ ସମୟ ସୀମା ଭିତରେ ତୁରନ୍ତ ନ୍ୟାୟ ପାଇପାରିବେ। ରାଜ୍ୟ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ଅଧକ୍ଷ ଲୋକେଶ୍ୱର ସାହୁ, ସଭାପତି ତ୍ରିପତି ବାଲାଜି ସାହୁ, ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ଅଧକ୍ଷ ପ୍ରସନ୍ନ କୁମାର ନାୟକ, ଆବାହକ କୈଳାଶ ଚନ୍ଦ୍ର ଦାଶ ପ୍ରମୁଖ ସରକାରଙ୍କୁ ଧନ୍ୟବାଦ ଦେବା ସହ ତହସିଲ କାର୍ଯ୍ୟାଳୟ ମାନଙ୍କରେ ଏଥି ସମ୍ବନ୍ଧୀୟ ଆବଶ୍ୟକୀୟ ନୂତନ ପଦ ସୃଷ୍ଟି କରିବା ପାଇଁ ଅନୁରୋଧ କରିଛନ୍ତି।

## ରାଜ୍ୟସ୍ତରୀୟ ସୁରଭିରେ ଗୌରବ ଆଣିଲେ ରୀତା ସାନ୍ତା



ବୈପାରିଗୁଡ଼ା,୧୪।୧୧(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବାଲିଗାଁ ପଞ୍ଚାୟତ କୁରିଆଗୁଡା ସେବାଶ୍ରମର ପଞ୍ଚମ ଶ୍ରେଣୀର ଛାତ୍ରୀ ରୀତା ସାନ୍ତା ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରି ବୈପାରିଗୁଡାର ଗୌରବ ଅର୍ଜନ କରିଛନ୍ତି। ଭୁବନେଶ୍ୱର ୟୁନିଟ -୩ ରେ ଆୟୋଜିତ ହେଉଥିବା ସୁରଭି ପ୍ରତିଯୋଗିତାରେ ରୀତା ସାନ୍ତା ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ବୈପାରିଗୁଡା ବ୍ଲକର ୧୩ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ୧୩ ଜଣଙ୍କ ମଧ୍ୟରୁ ଚାରି ଜଣ ଛାତ୍ରଛାତ୍ରୀ ନିଜ ନିଜ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବାକୁ ମନୋନୀତ ହୋଇଥିଲେ। ଆଜି ରାଜ୍ୟସ୍ତରୀୟ ସୁରଭିରେ ରୀତା ସାନ୍ତା ଚିତ୍ରାଙ୍କନ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି ।

## ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି ବୈଠକ

ନନ୍ଦପୁର,୧୪।୧୧ (ସମିସ): ନନ୍ଦପୁର ବ୍ଲକ୍ ସ୍ତରୀୟ ପରବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏଇଇ ଯଶକେତନ ହେବାର, ବିଶିଷ୍ଟ ନେତା ଜଗନ୍ନାଥ ପାଙ୍ଗି, ବିଧାୟକ ପ୍ରତିନିଧି କାମେସ କାମୁଡି, ଯୁବନେତା ସେକ ନୂର, ବିଜେପି ନେତା ସେକ ଗୋଫୁର, ସରପଞ୍ଚ ସଂଘ ସଭାପତି ଜଗବନ୍ଧୁ ଚେଟୀ, ସାମାଜିକ କର୍ମୀ ଆକାଶ ଖିଲ, ନୀଳାମ୍ବର ହଂଶା, ପ୍ରସନ୍ନ ନାୟକ, ପ୍ରହଲ୍ଲାଦ ସୀସା, ବ୍ଲକ୍ କଂଗ୍ରେସ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ପୂର୍ବତନ ସମିତି ସଭ୍ୟା ବିଜୟ ଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ୨୩ ଗୋଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀ ମାନେ ଯୋଗ ଦେଇଥିଲେ। ଚଳିତ ବର୍ଷ ବ୍ଲକ୍‌ସ୍ତରୀୟ ପରବ ପ୍ରସ୍ତୁତି ବୈଠରେ ପ୍ରଥମେ ସ୍ୱର୍ଗତ ବଶିଷ୍ଟ ସାମ୍ବାଦିକ ଟଙ୍କଧର ଖରାଙ୍କ ସ୍ମୃତିରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ



ସ୍ମୃତି ଚାରଣ କରିବା ପରେ ଚଳିତ ବର୍ଷ ବ୍ଲକ୍ ସ୍ତରୀୟ ପରବ ନେଇ ଦିନ ତାରିଖ ଧାର୍ଯ୍ୟ କରାଯାଇଥିଲା। ଦୁଇ ଦିନ ଧରି ବ୍ଲକ୍‌ସ୍ତରୀୟ ପରବ ପାଳନ ସହ କଳା ସଂସ୍କୃତି ଓ ଖେଳକୁଦ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ନେଇ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିପିଡିଓ ଦିବାକର ପୁରୋହିତ , ବିଏସ୍ଏସ୍ ଓ ନଗେଶ ଆଚାରି ପରିଚାଳନା କରିଥିଲେ।

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ




ନବରଙ୍ଗପୁର,୧୪।୧୧(ସମିସ): ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଅଶୋକ ମେହେଟା ସଭାଗୃହରେ ଜିଲ୍ଲା ତମାଖୁ ନିୟନ୍ତ୍ରଣ କାର୍ଯକ୍ରମ ଏବଂ ବିଦ୍ୟାଳୟସ୍ତରୀୟ ନେତ୍ର ଯନ୍ତ୍ର କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟସେବା ଅଧିକାରୀ ଡ. ସନ୍ତୋଷ କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଆଦିତ୍ୟ ସେନ, ଡ. ନବ କିଶୋର ବେହେରା, ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ, ସୂଚନା ଓ ଲୋକସଂପର୍କ ବିଭାଗ ଅଧିକାରୀ ମନୋଜ ବେହେରା,ଖାଦ୍ୟ ସୁରକ୍ଷା ଅଧିକାରୀ, ଅତିରିକୁ ସହକାରୀ ବାଣିଜ୍ୟକର ଅଧିକାରୀ, ନବରଙ୍ଗପୁର ମହାବିଦ୍ୟାଳୟର ଅଧକ୍ଷ, ବିଭିନ୍ନ ଅଣ ସରକାରୀ ସଂଗଠନର ପଦାଧିକାରୀ, ଭରତ ସାହୁ, ସୁଧାଂଶୁ ପାତ୍ର , ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚକ୍ଷୁ ବିଶେଷଜ୍ଞ ଡଃ ସାନ୍ତନା ସାଗ୍ନିକା ପ୍ରଧାନ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ବିଦ୍ୟାଳୟପ୍ରରୀୟ ନେତ୍ର ଯତ୍ନ କାର୍ଯକ୍ରମର କାର୍ଯ୍ୟପନ୍ଥା ବିଷୟରେ ସବିଶେଷ ଆଲୋଚନା କରିଥିଲେ। । ଜିଲ୍ଲାରେ ୧୦ ଟି ବ୍ଲକ ର ୧୮୭୦ ବିଦ୍ୟାଳୟର ୨୪୮୯୨୧ ଜଣ ଛାତ୍ର ଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମୋଟ ୭୩ ଟି କ୍ୟାମ୍ପରେ ଆବଶ୍ୟକ ଚିକିତ୍ସା କରାଯିବ। ଏହି ବୈଠକ ପରେ ତରୁଣ କୁମାର ସାହୁ, ଜିଲ୍ଲା ତମାଖୁ ନିୟନ୍ତ୍ରଣ ପରାମର୍ଶଦାତା ଜିଲ୍ଲାରେ ଚାଲିଥିବା ବିଭିନ୍ନ ତମାଖୁ ନିୟନ୍ତ୍ରଣ କାର୍ଯକ୍ରମ ଉପରେ କହିଥିଲେ। ଶେଷରେ ସାଇ ପ୍ରସାଦ ଦାସଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ମଧୁମେହ ଦିବସ ପାଳନ

ରାୟଗଡ଼ା,୧୪।୧୧(ସମିସ): ଶୁକ୍ରବାର ବିଶ୍ୱ ମଧୁମେହ ଦିବସ ରାୟଗଡା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ୍ (ଡିଏଚ୍‌ଏଚ୍)ରେ ସ୍କୁଲ୍ ଅଫ୍ ନର୍ସିଂ ରାୟଗଡା କ୍ୟାମ୍ପସ୍, ସେଞ୍ଚୁରିୟନ ୟୁନିଭର୍ସିଟି ଦ୍ୱାରା ପାଳନ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ରୋଗୀମାନଙ୍କ ମଧ୍ୟରେ ମଧୁମେହ, ତାହାର ବିପଦ , ପ୍ରତିରୋଧକ ଉପାୟ ଓ ପ୍ରତିକୂଳତା ସମ୍ପର୍କରେ ସଚେତନତା ବୃଦ୍ଧି କରିବା। ଅଧ୍ୟାପକମାନଙ୍କର ନିର୍ଦ୍ଦେଶନାରେ ନର୍ସିଂ ଛାତ୍ରଛାତ୍ରୀମାନେ ଓୟାର୍ଡ୍ ଶିକ୍ଷା କାର୍ଯ୍ୟକ୍ରମଟି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି ଜେନେରାଲ୍ ମେଡିକାଲ୍ ଓୟାର୍ଡ୍‌ରେ ଆୟୋଜିତ ହୋଇଥିଲା। ଏଥିରେ ୫୬ ଜଣ ରୋଗୀ ଅଂଶଗ୍ରହଣ କରିଥିଲେ। ନର୍ସିଙ୍ଗ ଛାତ୍ରଛାତ୍ରୀମାନେ ମଧୁମେହ ପରିଚାଳନା ଓ ପ୍ରତିରୋଧ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଶିକ୍ଷାକୁ କେନ୍ଦ୍ର କରି ଏକ ଆଲୋଚନାମୂଳକ ଅଧିବେଶନ କରାଇଥିଲେ। ବିଶ୍ୱ ମଧୁମେହ ଦିବସ ପାଳନ ଅବସରରେ ଓୟାର୍ଡ୍ ଶିକ୍ଷା କାର୍ଯ୍ୟକ୍ରମଟି ସଫଳତାର ସହିତ ପରିଚାଳିତ ହେଲା। ନର୍ସିଂ ଛାତ୍ରଛାତ୍ରୀମାନଙ୍କର ପ୍ରଶଂସନୀୟ ପ୍ରୟାସ ଫଳରେ ପ୍ରଭାବଶୀଳ ଶିକ୍ଷା, ମାନବିକ ସ୍ୱାସ୍ଥ୍ୟ ସଚେତନତା ଓ ମଧୁମେହ ପ୍ରତିରୋଧ ସମ୍ବନ୍ଧୀୟ ଜାଗୃକତା ବୃଦ୍ଧି ହୋଇପାରିଥିଲା।

## ଆୟାପ୍ପା ଭକ୍ତଙ୍କ ଇରୁମୁଡ଼ି ପୂଜା



ଡାବୁଗାଁ, ୧୪।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ଜୟନ୍ତୀନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରେ ଆୟାପ୍ପା ଭକ୍ତଙ୍କ ଇରୁମୁଡି ପୂଜା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପୂଜାରେ ଜୟପୁରର ରାବଣା ଗୁରୁସ୍ୱାମୀ ୱାଇ. ରାବଣା ସ୍ୱାମୀ ଯୋଗ ଦେଇ ପୂଜାର୍ଚ୍ଚନା କରି ବ୍ରତଧାରୀଙ୍କ ମୁଣ୍ଡରେ ଇରୁମୁଡୁ ଧାରଣ କରାଇଥିଲେ। ଏଥିରେ ଭକ୍ତ ମାନେ ମନସ୍କାମନା କରି ଯେ କୌଣସି ଦିକ୍ଷାଧାରୀଙ୍କୁ ୩ ବା ୭ ମୁଠା ଚାଉଳ ଦେଇଥାନ୍ତି। ସେହି ଚାଉଳ ଓ ଘିଅ ନଡ଼ିଆକୁ ଏକ ନୂଆବସ୍ତ୍ରରେ ବାନ୍ଧି ମୁଣ୍ଡରେ ଧରି ଦୀକ୍ଷାଧାରି ମାନେ ଆୟାପ୍ପାଙ୍କ ମନ୍ଦିରକୁ ଯାଇଥାନ୍ତି। ଏଥିରେ ଡାବୁଗାଁ ଗୁରୁସ୍ୱାମୀ ପ୍ରକାଶ ଚନ୍ଦ୍ର ପଣ୍ଡା, ଆଶୁତୋଷ ଜେନା, ଚିତ୍ତରଞ୍ଜନ ପାତ୍ର, ଶାନ୍ତନୁ ଖୁଣ୍ଟିଆ, ଜେ.ସୁଦର୍ଶନ ରାଓ, ଏ. କମଳ କୁମାର, ମୁରଲୀ ସିଂ, ବିଜୟ ନିହାଲଙ୍କ ସମେତ ୨୦ ଜଣ ବ୍ରତଧାରୀ ସ୍ୱାମୀ ଇରୁମୁଡ଼ି ଧାରଣ କରିଥିଲେ। ସମସ୍ତ ଭକ୍ତ କେରଳର ସାବାରିମାଳା ଯାଇ ପମ୍ପା ନଦୀରେ ସ୍ନାନ କରି ସେଠାରୁ ଚାଲି ଚାଲି ଯାଇ ଆୟାପ୍ପା ସ୍ୱାମୀଙ୍କ ମନ୍ଦିରରେ ଆୟାପ୍ପା ସ୍ୱାମୀଙ୍କୁ ଦର୍ଶନ କରିବେ। ଭକ୍ତ ମାନେ ସମସ୍ତ ଦିକ୍ଷାଧାରୀ ଆୟାପ୍ପା ସ୍ୱାମୀ ମାନଙ୍କୁ ରାଧାକୃଷ୍ଣ ମନ୍ଦିର ଠାରୁ ଡାବୁଗାଁ କୃଷିଫାର୍ମ ଯାଏଁ ଏକ ଶୋଭାଯାତ୍ରାରେ ନେଇଯାଇଥିଲେ। ପରେ ସେଠାରୁ ଆୟାପ୍ପା ସ୍ୱାମୀଙ୍କ ଦର୍ଶନାଥେ କେରଳ ରାଜ୍ୟର ସାବରିମାଳା ଅଭିମୁଖେ ଯାତ୍ରା କରିଛନ୍ତି ।


## ବ୍ୟବସ୍ଥିତ ପରେ ୟୁଏସ୍ ଲାଗୁ ପାଇଁ ଦାବି

ତେନ୍ତୁଲିଖୁଣ୍ଟି,୧୪।୧୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଶିକ୍ଷକ ସଙ୍ଘ ପକ୍ଷରୁ ୟୁଏସ ନେଟୱର୍କ ପୋର୍ଟାଲ ବ୍ୟବସ୍ଥାକୁ ବିରୋଧ କରି ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ୟୁଏସ ସିଷ୍ଟମ ଲାଗୁ ପୂର୍ବରୁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ ଯଥା ସମସ୍ତ ବିଦ୍ୟାଳୟକୁ ମୋବାଇଲ ଏବଂ ପର୍ଯ୍ୟାପ୍ତ ଡାଟା ପ୍ରଦାନ ପାଇଁ ବ୍ୟବସ୍ଥା କରିବା ପରେ ହିଁ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ଦାବି କରିଛନ୍ତି। ଶିକ୍ଷକ ମାନେ ଏହି ଆପ ନିଜ ବ୍ୟକ୍ତଗତ ମୋବାଇଲରେ ବ୍ୟବହାର ଦ୍ୱାରା ସେମାନଙ୍କ ବ୍ୟକ୍ତଗତ ତଥ୍ୟ ପ୍ରଘଟ ସହ ଆର୍ଥିକ ଠକେଇ ଭଳି ଆଶଙ୍କା ଥିବା ଅଭିଯୋଗ କରି ଏହି ପୋର୍ଟାଲ ବ୍ୟବହାର କରିବେ ନାହିଁ ବୋଲି ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଜରିଆରେ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକକିତା ନକଲ ରାଜ୍ୟ ସରକାର ଏବଂ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବା ସହ ସରକାର ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ପାଇଁ ଶିକ୍ଷକ ମାନେ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ସର୍ବେଶ୍ୱର ପତି, କ୍ଷେତ୍ରମୋହନ ବିଶୋଇ, ପ୍ରଦୀପ ସୁନା, ଆନନ୍ଦ ନେପାକ, ଅରବିନ୍ଦ ନାୟକ, ସପନ କୁମାର ଖରା, ପଦୁ ସିଂ ହିଆଲ, ପ୍ରମୋଦା ସାମଲ, ବେଦମତି ବେହେରା, ଘାସୀରାମ ମାଝୀ, ହରିହର ବେହେରା ଓ ବ୍ରଜ ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ଅନ୍ୟକୁ ମାତ୍ରାଧିକ ଭଲପାଇବା ଭିତରେ ନିଜକୁ ହଜାଇ ଦେବା ଓ ନିଜର ସ୍ୱତନ୍ତ୍ରତାକୁ ଭୁଲି ଯିବା ସବୁଠାରୁ କଷ୍ଟଦାୟକ।
-ଅର୍ନେଷ୍ଟ ହେମିଙ୍ଗୱେ

## ମୁଦ୍ରାସ୍ଫୀତି ହ୍ରାସ

ରିଜର୍ଭ ବ୍ୟାଙ୍କ ପକ୍ଷରୁ ସୁଧହାର ବା ରିପୋ ରେଟ ହ୍ରାସ ଅନେକଟା ନିର୍ଭରଶୀଳ ମୁଦ୍ରାସ୍ଫୀତି ସ୍ଥିତିକୁ ନେଇ। ଗତ ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ହାର ୦.୨୫ ପ୍ରତିଶତକୁ ହ୍ରାସ ପାଇଛି। ତେଣୁ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ରିଜର୍ଭବ୍ୟାଙ୍କ ମୁଦ୍ରାନୀତି କମିଟିର ନିଷ୍ପତ୍ତିକୁ ଏହା ନିଶ୍ଚୟ ପ୍ରଭାବିତ କରିବ। କାରଣ ଗତ ୧୦ ବର୍ଷ ମଧ୍ୟରେ ମୁଦ୍ରାସ୍ଫୀତି ଏବେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ରିଜର୍ଭବ୍ୟାଙ୍କ ପକ୍ଷରୁ ପ୍ରୟୋଗ କରାଯାଇଥିବା କଟକଣା ଅନୁଯାୟୀ ୬ ପ୍ରତିଶତ ମୁଦ୍ରାସ୍ଫୀତି ସହନୀୟ ସ୍ଥିତି ଏବଂ ୪ ପ୍ରତିଶତକୁ ହ୍ରାସ ରହିଛି ଲକ୍ଷ୍ୟ। ଏବେ ପରିସ୍ଥିତି ସଂପୂର୍ଣ୍ଣ ରୂପେ ବଦଳି ଯାଇଛି। ତେଣୁ ରେପୋରେଟ ହ୍ରାସ ପାଇଁ ମୁଦ୍ରାନୀତି କମିଟି ଆଉ କୁଣ୍ଠିତ ହେବେ ନାହିଁ।

ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି ଯେ ଖାଦ୍ୟ ସାମଗ୍ରୀର ଦରଦାମ ହ୍ରାସ ସହିତ ସାମଗ୍ରୀ ଓ ସେବା ଟିକସ (ଜିଏସଟି) ରେ ସଂସ୍କାର ଅଣାଯାଇଥିବାରୁ ତାହାର ଅନୁକୂଳ ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିଛି। ପନିପରିବା, ଫଳ, ଅଣ୍ଡା ଭଳି ସାମଗ୍ରୀ ମୂଲ୍ୟ କମିଥିବା ବେଳେ ପରିବହନ ଓ ଯୋଗାଯୋଗ ଅପେକ୍ଷାକୃତ ଶସ୍ତା ହୋଇଥିବାରୁ ଖୁଚୁରା ସାମଗ୍ରୀର ମୂଲ୍ୟକୁ ତାହା ପ୍ରଭାବିତ କରିଛି। ଏହି ପରିସଂଖ୍ୟାନର ସବୁଠାରୁ ଉଲ୍ଲେଖଯୋଗ୍ୟ ଦିଗ ହେଲା, ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଖାଉଟି ମୁଦ୍ରାସ୍ଫୀତି ଅପେକ୍ଷାକୃତ ଅଧିକ ହ୍ରାସ ଘଟିଛି। ତେଣୁ ଗ୍ରାମୀଣ ଜୀବନ ଦରଦାମ ବୃଦ୍ଧି ଜନିତ କଷ୍ଟରୁ ମୁକ୍ତ ହେଉଛି। ଏହି ପରିବେଶରେ ଗ୍ରାମାଞ୍ଚଳରେ ଉପାର୍ଜନ ବୃଦ୍ଧି ସକାଶେ ସୁବିଧା ଓ ସୁଯୋଗ ସୃଷ୍ଟି ହେଲେ ସେମାନଙ୍କ କ୍ରୟ ଶକ୍ତି ବଢ଼ିବ। ସାମଗ୍ରିକ ଭାବେ ତାହା ବଜାର ବ୍ୟବସ୍ଥାକୁ ସୁଧାରିବାରେ ସହାୟକ ହେବ। ଓଡ଼ିଶା ସମେତ ଯେଉଁସବୁ ପ୍ରମୁଖ ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତସ୍ଥିତିରେ ରହିଛି ସେମାନଙ୍କ ମଧ୍ୟରେ ଆସାମ, ବିହାର, ଛତିଶଗଡ଼, ଦିଲ୍ଲୀ, ଗୁଜୁରାଟ, ହରିୟାଣା, ଝାଡ଼ଖଣ୍ଡ, ତେଲେଙ୍ଗାନା, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ଅନ୍ୟତମ।

ଦେଶର ଏଭଳି କିଛି ରାଜ୍ୟ ଅଛି, ଯେଉଁଠାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଏବେ ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ ରହିଛି। କେରଳରେ ଏହି ହାର ସର୍ବାଧିକ ୮.୫୬ ପ୍ରତିଶତ ହୋଇଛି। ଏହା ପଛକୁ ଜାମ୍ମୁ-କାଶ୍ମୀରରେ ୨.୯୫ ପ୍ରତିଶତ ଓ କର୍ଣ୍ଣାଟକରେ ୨.୩୪ ପ୍ରତିଶତ ରହିଛି। କେରଳର ଏହି ସ୍ଥିତି କ୍ରମାଗତ ୧୦ ମାସ ଧରି ବଳବତ୍ତର ରହିଛି। ତେବେ ଏହି ପାର୍ଥକ୍ୟ କାହିଁକି? ହୋଇପାରେ ସେଠାରେ ସାଧାରଣ ଗ୍ରାହକଙ୍କ କ୍ରୟଶକ୍ତି ଅଧିକ। ସେମାନଙ୍କ ବର୍ଦ୍ଧିତ ଚାହିଦା ଯୋଗୁଁ ବଜାରରେ ଉପଲବ୍ଧ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଆମ ଦେଶର ୧୪୫ କୋଟି ଜନସମୁଦାୟର ବର୍ଦ୍ଧିତ କ୍ରୟଶକ୍ତି ହିଁ ବଜାର ଅର୍ଥନୀତିକୁ ସମୃଦ୍ଧ କରିପାରିବ। ମୁଦ୍ରାସ୍ଫୀତିରେ ପରିଲକ୍ଷିତ ଅବନତିରୁ ସ୍ପଷ୍ଟ ଯେ ଖାଉଟିଙ୍କ ଚାହିଦା ଆଶାନୁରୂପ ଭାବେ ବୃଦ୍ଧି ପାଉନାହିଁ। ତେଣୁ ରିଜର୍ଭବ୍ୟାଙ୍କ ସୁଧହାର ହ୍ରାସ ମାଧ୍ୟମରେ ମୁଦ୍ରାପ୍ରଚଳନ ବୃଦ୍ଧି କରିବାକୁ ଚାହାନ୍ତି। ଋଣପ୍ରାପ୍ତି ଯେତେ ସହଜ ଓ ସରଳ ହେଲେ ମଧ୍ୟ ଗ୍ରହୀତାଙ୍କ ଆର୍ଥିକ ସାମର୍ଥ୍ୟ ବୃଦ୍ଧି ନ ପାଇଲେ ପରିଶୋଧ ଜନିତ ସମସ୍ୟା ସ୍ଥିତିକୁ ଆହୁରି ବିଗାଡ଼ି ଦେବ। ସରକାର ସାଧାରଣ ଲୋକଙ୍କ ଉପାର୍ଜନ ବୃଦ୍ଧି ପ୍ରତି ସ୍ୱତନ୍ତ୍ର ଧ୍ୟାନ ନଦେଲେ ଆର୍ଥିକ ସ୍ଥିତିରେ ଆଶାଜନକ ପରିବର୍ତ୍ତନ ସମ୍ଭବ ନୁହେଁ।●

## ସାମାଜିକ କଳଙ୍କ

ଆମ ରାଜ୍ୟର ଗ୍ରାମୀଣ ଜୀବନରେ ଗୁଣିଗାରେଡ଼ି ଓ ତନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସ ଏବେ ମଧ୍ୟ ତିଷ୍ଠି ରହିଛି। ବହୁ ଘଟଣାରେ ଏହା ପାରିବାରିକ ଓ ସାମାଜିକ ଜୀବନକୁ ପ୍ରଭାବିତ କରୁଛି। ଏହାକୁ କେନ୍ଦ୍ର କରି ଆପରାଧିକ କାର୍ଯ୍ୟକଳାପ ଏବଂ ଏକାଧିକ କ୍ଷେତ୍ରରେ ହତ୍ୟାକାଣ୍ଡ ଭଳି ନୃଶଂସତା ପରିଲକ୍ଷିତ ହେଉଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ବିକାଶ ଓ ପ୍ରୟୋଗ କ୍ରମେ ଲୋକଙ୍କ ମନରୁ ଏହି ବିଭ୍ରାନ୍ତି ଦୂର କରିବାରେ ଅନେକାଂଶରେ ସହାୟକ ହୋଇଛି। ଏହାସତ୍ତ୍ୱେ ରାଜ୍ୟର ଦଶଟି ଜିଲ୍ଲାରେ ଏଭଳି ଅନ୍ଧବିଶ୍ୱାସ ସହ ସଂଶ୍ଳିଷ୍ଟ କିଛି ଲୋକ ତନ୍ତ୍ର ପ୍ରୟୋଗ ଓ ତାନ୍ତ୍ରିକ ସନ୍ଦେହରେ ସେମାନଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ନୃଶଂସ ଭାବେ ହତ୍ୟା ମଧ୍ୟ କରୁଛନ୍ତି। ଏହାର ପ୍ରୟୋଗ ଓ ପ୍ରୋତ୍ସାହନର ପୃଷ୍ଠଭାଗରେ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦଣ୍ଡବିଧାନ ହେଉନଥିବାରୁ ଆମ ସାମାଜିକ ବ୍ୟବସ୍ଥାରେ ଏବେ ମଧ୍ୟ ଏହି ଅନ୍ଧବିଶ୍ୱାସ ତିଷ୍ଠି ରହିଛି। ତେଣୁ ୨୦୧୩ ମସିହାର ଓପିଡବ୍ଲ୍ୟୁ ଆଇନର ପରିସରକୁ ଆହୁରି ବ୍ୟାପକ କରିବା ସକାଶେ ସରକାର ଚିଠା ସଂଶୋଧନ ପ୍ରସ୍ତୁତ କରିଛନ୍ତି।

ରାଜ୍ୟର ଆଦିବାସୀ ବହୁଳ ଅଞ୍ଚଳରେ କ୍ରମାଗତ ଭାବେ ଗୁଣିଗାରେଡ଼ିକୁ କେନ୍ଦ୍ର କରି ଶାରୀରିକ ଅତ୍ୟାଚାର ଓ ହିସାକାଣ୍ଡ ଏବେ ମଧ୍ୟ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ଲୋକଙ୍କ ମନରୁ ଏପ୍ରକାର ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ସାମାଜିକ ସ୍ତରରେ ସେଭଳି ସଚେତନତା ସୃଷ୍ଟି ଉଦ୍ୟମ ହୋଇନାହିଁ। ମୟୂରଭଞ୍ଜ, ସୁନ୍ଦରଗଡ଼, କେଉଁଝର, ରାୟଗଡ଼ା, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ କନ୍ଧମାଳ ଜିଲ୍ଲାରେ ତନ୍ତ୍ର ଓ ମନ୍ତ୍ର ପ୍ରୟୋଗ ଭଳି ଅନ୍ଧବିଶ୍ୱାସରୁ ସୃଷ୍ଟି ହିଂସାକାଣ୍ଡରେ ୬୦୬ ଲୋକଙ୍କ ଗତ ୧୧ ବର୍ଷରେ ମୃତ୍ୟୁ ଘଟିଛି। ଏକଥା ସତ ଯେ ୨୦୧୩ ର ଆଇନ ଏପ୍ରକାର ଅମାନୁଷିକ କାର୍ଯ୍ୟକଳାପକୁ ରୋକିବାରେ କେତେକାଂଶରେ ସଫଳ ହୋଇଛି। ତେବେ ଆଇନ ପରିସରରୁ ଅସଲ ପ୍ରାୟୋଜକ ଓ ସହାୟକ ଖସି ଯାଉଥିବାରୁ ନିୟନ୍ତ୍ରଣ ପ୍ରକ୍ରିୟା ସେଭଳି ପ୍ରଭାବୀ ହୋଇପାରୁନାହିଁ। ଏବେ ମଧ୍ୟ ବର୍ଷକୁ ଅନ୍ୟୂନ ୫୦ ଜଣ ଏହି ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି। ଗତ ୫ ବର୍ଷ ମଧ୍ୟରେ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ୪୦୮ ମାମଲା ରୁଜୁ ହେବା ସହ ୩୮୮୮ ଜଣଙ୍କୁ ଗିରଫ କରାଯାଇଛି। ପ୍ରଣୀତ ଆଇନ କେତେଦୂର ସଫଳ ଓ ବିଫଳ ହେଉଛି ସେ ନେଇ ନିର୍ଦ୍ଦିଷ୍ଟ ବ୍ୟବଧାନରେ ତର୍ଜମା କରାଯିବା ଜରୁରୀ। କାର୍ଯ୍ୟକାରୀ ହେଉଥିବା ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନର ଆବଶ୍ୟକତା ଅନୁଭବ କରି ରାଜ୍ୟ ବିଧି ଆୟୋଗ ଦେଇଥିବା ସୁପାରିସ କ୍ରମେ ସରକାର ଓ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଚିଠା ସଂଶୋଧନ ପ୍ରସ୍ତାବ ପ୍ରସ୍ତୁତ ହୋଇଛି।

ଗୁଣିଗାରେଡ଼ି ସନ୍ଦେହରେ କାହାକୁ ହତ୍ୟାକରିବା, ସାମାଜିକ ନିର୍ଯାତନା ଦେବା ଭଳି ଜଘନ୍ୟ ଅପରାଧ ଏକ ସାମାଜିକ କଳଙ୍କ। ମାନବ ସଭ୍ୟତା ବିକାଶର ପ୍ରଭାବ ଅନୁଭୂତ ହୋଇ ନଥିବା ଆମ ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଯେ ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ ତାହାକୁ ସ୍ୱୀକାର କରିବାକୁ ପଡ଼ିବ। ଏହି କଳଙ୍କିତ ଅଧ୍ୟାୟର ପରିସମାପ୍ତି ସକାଶେ ଆଇନର ପରିସର ବୃଦ୍ଧି ଓ କଠୋର ଦଣ୍ଡବିଧାନ ଯେତେ ଜରୁରୀ ନୁହେଁ, ତା'ଠାରୁ ଅଧିକ ଜରୁରୀ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ସାମାଜିକ ବ୍ୟବସ୍ଥାକୁ ଯୁଗୋପଯୋଗୀ କରିବା ସକାଶେ ପରିବର୍ତ୍ତିତ ଦେଶଦୁନିଆର ବାର୍ତ୍ତା ପହଞ୍ଚାଇବା। ଏଥିଲାଗି ତୃଣମୂଳ ସ୍ତରରେ ସମର୍ପିତ ସାମାଜିକ କର୍ମୀ ନିୟୋଜିତ ହେବା ଆବଶ୍ୟକ।●

# ବିହାର ନିର୍ବାଚନ: ଏକ ଦୃଷ୍ଟିପାତ

ଦୁଇପର୍ଯ୍ୟାୟରେ ଅନୁଷ୍ଠିତ ବିହାର ବିଧାନସଭା ନିର୍ବାଚନର ଫଳାଫଳ ଓ ନିଷ୍କର୍ଷ ପ୍ରାୟତଃ ସ୍ପଷ୍ଟ ହୋଇସାରିଛି। ଯଦି ଏନ୍‌ଡିଏରେ ସେଭଳି ନେତୃତ୍ୱ କନ୍ଦଳ ସୃଷ୍ଟି ନ ହୁଏ ତେବେ ନୀତୀଶ କୁମାର ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାକୁ ଯାଉଛନ୍ତି। ଅପରପକ୍ଷରେ ପ୍ରମୁଖ ଆଶାୟୀ ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡିକୁ ୨୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବା ବେଳେ ଦେଶର ସର୍ବପୁରାତନ ଜାତୀୟ ଦଳ କଂଗ୍ରେସ ଦୁଇ ଅଙ୍କ ମଧ୍ୟ ଟପିପାରିନାହିଁ। ଏହି ଦଳ ମାତ୍ର ୬ଟି ଆସନ ଜିତିପାରିଛି।

ଆଞ୍ଚଳିକ ଓ ଜାତୀୟ ରାଜନୀତିରେ ସବୁବେଳେ ଚର୍ଚ୍ଚାରେ ରହୁଥିବା ଏବଂ ଉଦାହରଣ ସୃଷ୍ଟି କରିଆସିଥିବା ବିହାର ଏଥର ରେକର୍ଡ ସଂଖ୍ୟକ ଭୋଟଦାନ ହାର ସହିତ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଥିଲା। ଅନଗ୍ରସର ଓ ଅଳ୍ପପାଠୁଆ ରାଜ୍ୟ ଭାବେ ଅପଖ୍ୟାତି ଅର୍ଜନ କରିଥିବା ଏହି ରାଜ୍ୟର ମହିଳା ଭୋଟରମାନେ ଏଥର ବିପୁଳ ଉତ୍ସାହର ସହିତ ରେକର୍ଡ ସଂଖ୍ୟାରେ ମତଦାନ କରିଥିବାରୁ ଭୋଟଦାନ ହାର ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଥିଲା। ସାଧାରଣତଃ ଭାରତୀୟ ନିର୍ବାଚନୀ ରାଜନୀତିରେ ଭୋଟଦାନ ହାର ଅଧିକ ହେଲେ ସରକାର ବଦଳିବାର ଏକ ଅଲିଖିତ ଧାରଣା ରହି ଆସିଛି। ତେଣୁ ଏଥର ବିହାରରେ ସରକାର ବଳଦିବ ବୋଲି ଆରଜେଡି ଓ କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ମେଣ୍ଟ ପ୍ରବଳ ଆଶାୟୀ ଥିଲେ। କିନ୍ତୁ ସବୁ ଧାରଣା ଓ ଅଙ୍କକଷାକୁ ଓଲଟପାଲଟ କରି ବିହାର ପୁଣି ଥରେ ଜାତୀୟ ରାଜନୀତିରେ ଆଚମ୍ବିତ ପରିବେଶ ସୃଷ୍ଟି କରିଛି। ସେହିପରି ବିହାର ବିଧାନସଭା ନିର୍ବାଚନରେ ପରେ ଏକ୍‌ଜିଟ୍ ପୋଲ୍ ବା ବୁଥ ବାହୁଡ଼ା ମତ ଆକଳନ ପ୍ରାୟତଃ ଭୁଲ୍ ସାବ୍ୟସ୍ତ ହୋଇଥିବା ବେଳେ ଏଥର ଠିକ୍ ପ୍ରମାଣିତ ହୋଇଛି।

ନିର୍ବାଚନ ଫଳାଫଳକୁ ନେଇ ରାଜନୈତିକ ବିଶାରଦମାନେ ଆଲୋଚନା ଆରମ୍ଭ କରିସାରିଛନ୍ତି। ଜାତୀୟ ରାଜନୀତିରେ ଏହାର ପ୍ରଭାବ ରହୁଥିବାରୁ ଆହୁରି କିଛିଦିନ ଧରି ତର୍ଜମା ଓ ଆଲୋଚନା ଜାରି ରହିବ। ତେବେ ଏନ୍‌ଡିଏର ବିପୁଳ ବିଜୟ ଓ ମହାଗଟ୍‌ବନ୍ଧନ, ବିଶେଷକରି କଂଗ୍ରେସର ଶୋଚନୀୟ ପରାଜୟକୁ ନେଇ ରାଜନୈତିକ ପଣ୍ଡିତମାନେ ଏବେ ମୁଖର ହୋଇଛନ୍ତି। ବିରୋଧୀଦଳର ପରାଜୟ ପାଇଁ ଦୁର୍ବଳ ନେତୃତ୍ୱ ଓ ଅନାକର୍ଷଣୀୟ ପ୍ରସଙ୍ଗକୁ ଦାୟୀ କରାଯାଇଥିବା ବେଳେ ଶାସକ ଦଳର ବିଜୟ ପାଇଁ ମହିଳା ଭୋଟର, ପ୍ରବାସୀ ଶ୍ରମିକଙ୍କ ଭୋଟ, ଫ୍ରିବିଜ୍ ବା୧୦ ହଜାର ଟଙ୍କା ବଣ୍ଟନ ସହିତ ନୀତୀଶଙ୍କ କେତେକ ସାମାଜିକ କାର୍ଯ୍ୟକ୍ରମକୁ ଶ୍ରେୟ ଦିଆଯାଇଛି। ଏଥିସହିତ ବିଜେପି ବିରୋଧରେ ପ୍ରମୁଖ ନିର୍ବାଚନୀ ଅସ୍ତ୍ର 'ଭୋଟ ଚୋରି' ଅଭିଯାନର ପ୍ରଥମ ପ୍ରୟୋଗ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ବିହାରରେ କରିଥିବାରୁ ତା'ର ପ୍ରଭାବ ଉପରେ ଦେଶର ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ଥିଲା। ଆଗାମୀ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ସହିତ ଜାତୀୟ ନିର୍ବାଚନ ଉପରେ ଏହାର ପ୍ରଭାବ ପଡ଼ିବ କି ନାହିଁ ତା'ର ପ୍ରୟୋଗଶାଳା ମଧ୍ୟ ବିହାର ଥିଲା। କିନ୍ତୁ ରାହୁଲ୍ ଗାନ୍ଧୀଙ୍କ ଏହି ଅସ୍ତ୍ର ପ୍ରଭାବହୀନ ସାବ୍ୟସ୍ତ ହୋଇଛି।

କଂଗ୍ରେସ ନେତୃତ୍ୱାଧୀନ ମହାଗଟବନ୍ଧନ ବିଫଳ ହେବାର ପ୍ରମୁଖ କାରଣ ମଧ୍ୟରୁ ପ୍ରଥମତଃ, ପ୍ରାର୍ଥିପତ୍ର ଦାଖଲ ପର୍ଯ୍ୟନ୍ତ ମେଣ୍ଟ ଭିତରେ ଆସନ ବୁଝାମଣା ଅଙ୍କ ଛିଣ୍ଡି ନଥିଲା। ଶେଷ ମୁହୂର୍ତ୍ତରେ ତରବରିଆ ଭାବରେ ଏହି କାର୍ଯ୍ୟଟି ହେଲା। ନିର୍ବାଚନ ଲଢ଼ିବା ପାଇଁ ଟିକେଟ୍ ପାଇଥିବା କିଛି କଂଗ୍ରେସ ପ୍ରାର୍ଥୀଙ୍କ ନିକଟରୁ ତାହା ପୁଣି ପ୍ରତ୍ୟାହାର କରି ନିଆଯାଇଥିଲା। ଅଳ୍ପଶିକ୍ଷିତ ହେଲେ ମଧ୍ୟ ବିହାର ଭୋଟର ଯେ ଏହାକୁ ଅତି ଗୁରୁତ୍ୱର ସହ ନିରୀକ୍ଷଣ କରୁଥିଲେ, ତାହା ଆରଜେଡି କିମ୍ବା କଂଗ୍ରେସର ନେତୃମଣ୍ଡଳୀ ଦୃଷ୍ଟି ଦେଇ ନଥିଲେ। ବୋଧହୁଏ ଭୋଟରଙ୍କ ମନରେ ଧାରଣା ସୃଷ୍ଟି ହେଲା ଯେଉଁମାନେ ନିଜ ସ୍ୱାର୍ଥ ପାଇଁ ବିହାରକୁ ଭାଗବଣ୍ଟା କରୁଛନ୍ତି ସେମାନେ ଶାସନ କ୍ଷମତାକୁ ଆସିଲେ ଲୋକହିତ ଅପେକ୍ଷା ନିଜ ସ୍ୱାର୍ଥ ଉପରେ ଅଧିକ ଧ୍ୟାନ ଦେଇ କଳହ କରିବେ, ଯାହା ସରକାରକୁ ଅଧିକ ଦିନ ଧରି ରଖିପାରିବ ନାହିଁ। ବିହାରରୁ ଏନ୍‌ଡିଏକୁ ହଟାଇବାକୁ ଦୃଢ଼ ପରିକର ଥିଲେ କଂଗ୍ରେସ ନିଜେ ନିର୍ବାଚନରୁ ଓହରି ଯାଇ ଆରଜେଡିକୁ ପୂର୍ଣ୍ଣ ସମର୍ଥନ କରିବାର ଆବଶ୍ୟକ ଥିଲା। ଏହାପରେ ହୁଏତ ବିହାରରେ କ୍ଷମତା ଦଖଲ ପାଇଁ କଂଗ୍ରେସ ପାଖରେ ସୁଯୋଗ ରହିଥା'ନ୍ତା। ଟିକେଟ୍ ପ୍ରତ୍ୟାହାର ପରେ କଂଗ୍ରେସରେ ଆନ୍ତଃକନ୍ଦଳ ଏକ ସଙ୍କଟର ରୂପ ନେଲା, ଯାହା ଫଳରେ ଦଳ ଦୁଇ ଅଙ୍କ ମଧ୍ୟ ଟପି ପାରିଲା ନାହିଁ।

ଦ୍ୱିତୀୟତଃ, କଂଗ୍ରେସ ଅଣଯାଦବ ଭୋଟ ହାତେଇବା ପାଇଁ ତେଜସ୍ୱୀ ଯାଦବଙ୍କ ମୁଖ୍ୟମନ୍ତ୍ରୀ ପ୍ରାର୍ଥିତ୍ୱକୁ ପ୍ରତ୍ୟକ୍ଷ ସମର୍ଥନ କଲା ନାହିଁ। ତେଣୁ ମାତ୍ର ଦୁଇ/ତିନୋଟି ସଭାକୁ ଛାଡ଼ିଦେଲେ ରାହୁଲ୍ ଗାନ୍ଧୀ ଓ ତେଜସ୍ୱୀ ଯାଦବଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଲା ନାହିଁ। ଏହା ଭୋଟରଙ୍କୁ ଭୁଲ୍ ବାର୍ତ୍ତା ଦେଲା। ତୃତୀୟତଃ, ଦଳିତ ବର୍ଗର ଭୋଟ ହାତେଇବା ପାଇଁ କଂଗ୍ରେସ ଉଚ୍ଚବର୍ଗକୁ ସମ୍ପୂର୍ଣ୍ଣ ଅଣଦେଖା କଲା, ଯାହାର ଧ୍ରୁବୀକରଣ ଭୋଟ ଫଳାଫଳରେ ପ୍ରତିଫଳିତ ହେଲା। ଚତୁର୍ଥତଃ, ବିହାରବାସୀ ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲ ରାଜ' ଶାସନରେ ଏତେ ଅତିଷ୍ଠ ହୋଇସାରିଥିଲେ ଯେ ସେମାନେ ପୁଣି ଥରେ ବିପଦ ବରଣ କରିବାକୁ ଚାହିଁଲେ ନାହିଁ। ଏହି କଥାଟି ଏନ୍‌ଡିଏ ଉଚିତ ସମୟରେ ବିହାର ଭୋଟରଙ୍କୁ ମନେ ପକାଇ ଦେଲା। ବିହାରରେ ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି ପରି ଏକାଧିକ ସାମାଜିକ-ଅର୍ଥନୈତିକ ସମସ୍ୟା ରହିଥିବା ବେଳେ କଂଗ୍ରେସ 'ଭୋଟ ଚୋରି'କୁ ପ୍ରସଙ୍ଗ କଲା, ଯାହା ଲୋକେ ପ୍ରତ୍ୟାଖ୍ୟାନ କଲେ। ଗତ ସାଧାରଣ ନିର୍ବାଚନରେ ମଧ୍ୟ ଦରଦାମ ବୃଦ୍ଧି ବଦଳରେ କଂଗ୍ରେସ ସମ୍ବିଧାନର ସୁରକ୍ଷାକୁ ପ୍ରସଙ୍ଗ କରି ବିଫଳ ହୋଇଥିଲା।

ଅପରପକ୍ଷରେ ବିହାରର ଜାତିଭିତ୍ତିକ ଭୋଟ ରାଜନୀତିକୁ ଏନ୍‌ଡିଏ ବହୁପୂର୍ବରୁ ଗୁରୁତ୍ୱ ଦେଇ ଆସିଥିଲା ଏବଂ ଯେକୌଣସି ଛୋଟ ଛୋଟ ସମ୍ପ୍ରଦାୟକୁ ବାଦ୍ ଦେଇ ନଥିଲା। ଗତ ଫେବୃଆରୀରେ ସାଧାରଣ ବଜେଟ୍ ଉପସ୍ଥାପନ ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ମଧୁବନୀ ଶାଢ଼ି ପିନ୍ଧିବା, ବଜେଟ୍‌ରେ ମାଖନା କ୍ଷେତ୍ରର ବିକାଶ ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରିବା ପରେ ଜଣାପଡ଼ିଯାଇଥିଲା ଏନ୍‌ଡିଏର ମୂଳ ଲକ୍ଷ୍ୟ କ'ଣ। ତେଣୁ ନିର୍ବାଚନ ରଣନୀତିରେ ଏନ୍‌ଡିଏ ଦଳିତ ସହିତ ଅର୍ଥନୈତିକ ପଛୁଆ ବର୍ଗକୁ କେନ୍ଦ୍ରରେ ରଖିଲା। ଏଥର ନିର୍ବାଚନ ରଣନୀତିରେ ମହାଗଟ୍‌ବନ୍ଧନ ମୁସ୍‌ଲିମ୍ ଓ ଦଳିତ ଭୋଟରଙ୍କୁ ପ୍ରାଧାନ୍ୟ ଦେଇଥିବା ବେଳେ ନୀତୀଶ କୁମାର ମହିଳା ଓ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦେଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏନ୍‌ଡିଏ ଚତୁରତାର ସହିତ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ଅଧୀନରେ ମହିଳା ଉଦ୍ୟୋଗୀଙ୍କୁ ୨.୧ ଲକ୍ଷ ଟଙ୍କା ଲେଖାଏଁ ଦେବାର ଘୋଷଣା କଲେ ଏବଂ ଅଗ୍ରୀମ ୧୦ ହଜାର ଟଙ୍କା ଲେଖାଏଁ ୧.୨୧ କୋଟି ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର କଲେ।

ଏହାଛଡ଼ା ନୀତୀଶକୁମାରଙ୍କ ଅଭିଯୋଗ ସମାଧାନ ସହିତ ଶିକ୍ଷକ, ପୁଲିସ, ପ୍ରଶାସନିକ କର୍ମଚାରୀ ନିଯୁକ୍ତିକୁ ତ୍ୱରାନ୍ୱିତ କରି ସେବାରେ ସ୍ୱଚ୍ଛତା ଆଣିବା, ପଞ୍ଚାୟତିରାଜ କର୍ମୀଙ୍କୁ ଭତ୍ତା, ବରିଷ୍ଠ ନାଗରିକଙ୍କୁ ଅଧିକ ଭତ୍ତା, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି, ଜୀବିକା ଦିଦିଙ୍କୁ ୧୦ ହଜାର ଟଙ୍କା, ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କୁ ରିହାତି ଆଦି କାର୍ଯ୍ୟକ୍ରମ ଭୋଟରଙ୍କୁ ଛୁଇଁଲା ଏବଂ ତାହା ଭୋଟରେ ରୂପାନ୍ତରିତ ହେଲା। ଏନ୍‌ଡିଏ ସପକ୍ଷରେ ଆଉ ଏକ ନିର୍ଣ୍ଣାୟକ ସାବ୍ୟସ୍ତ ହେଲା ଛଟ୍ ପୂଜା ପାଇଁ ପ୍ରବାସୀ ଶ୍ରମିକମାନଙ୍କର ଘରବାହୁଡ଼ା। ଏହାକୁ ମୌକାରେ ପରିଣତ କରିବା ପାଇଁ ଏନ୍‌ଡିଏ କୌଣସି ସୁଯୋଗ ହାତଛଡ଼ା କରି ନଥିବା ବେଳେ କଂଗ୍ରେସ ତାହାକୁ ଅଣଦେଖା କରିଥିଲା। ଏପରିକି ନିର୍ବାଚନ ସହିତ ଧର୍ମକୁ ଯୋଡ଼ିବା ପାଇଁ ଏନ୍‌ଡିଏ ଭରପୂର ପ୍ରୟାସ କରି ପ୍ରୀତିଭାଜନ ହୋଇଥିବା ବେଳେ କଂଗ୍ରେସ ଏହାକୁ ନାଟକ କହି ଭୋଟରଙ୍କ ରୋଷଭାଜନ ହେଲା।

ଏହି ନିର୍ବାଚନରେ ସବୁଠାରୁ ଉଲ୍ଲେଖନୀୟ ହେଲା ପ୍ରତ୍ୟକ୍ଷ ଭାବେ ନିର୍ବାଚନକୁ ଓହ୍ଲାଇଥିବା ନିର୍ବାଚନୀ ରଣନୀତିକାର ବା ଚାଣକ୍ୟ ରୂପେ ସ୍ୱୀକୃତ ଓ ବିଦିତ ପ୍ରଶାନ୍ତ କିଶୋରଙ୍କ ନିର୍ବାଚନୀ ଫଳାଫଳ ପୁଣି ଥରେ ପ୍ରମାଣିତ କରିଦେଲା ଯେ ରଣନୀତିକାର ଓ ରାଜନୈତା ଭିତରେ ବହୁ ତଫାତ ଅଛି।●

(ସକାଳ ମିଡିଆ ସର୍ଭିସ୍)

# ସାମ୍ବାଦିକତା ଓ ସାମାଜିକ ଅଙ୍ଗୀକାରବଦ୍ଧତା

**ପଞ୍ଚାନନ ଅଗ୍ରୱାଲ**

କର୍ତ୍ତବ୍ୟନିଷ୍ଠ ସାମ୍ବାଦିକ ଦେଶର ଜାଗ୍ରତ ପ୍ରହରୀ ରୂପେ କାମ କରିଥାଏ। ତତ୍‌ସଙ୍ଗେ ସଙ୍ଗେ ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ଦାୟିତ୍ୱ ତୁଲାଇଥାଏ। ବର୍ତ୍ତମାନ ସ୍ଥିତିରେ ଗଣମାଧ୍ୟମର ସ୍ୱତନ୍ତ୍ରତା ଚର୍ଚ୍ଚାର ପରିଧିକୁ ଆସିଛି। ପ୍ରେସ୍ ସ୍ୱାଧୀନତା ମୂଳରେ ତିନି ଜଣ ମୁଖ୍ୟତଃ ଆସୁଛନ୍ତି। ସେମାନେ ହେଲେ ମାଲିକ, ସମ୍ପାଦକ ଆଉ ପାଠକ। ପ୍ରେସ ସ୍ୱାଧୀନତାର ଅର୍ଥ ସାମ୍ବାଦିକର ସ୍ୱାଧୀନତା ହେଉ ନାହିଁ। ସାମାଜିକ ଅଙ୍ଗୀକାରବଦ୍ଧତା ସହିତ ରାଷ୍ଟ୍ରର ହିତ ସାଧନା ହିଁ ସାମ୍ବାଦିକର ଲକ୍ଷ୍ୟ ହେବା ଉଚିତ, ମାତ୍ର ଏଥିରେ ବ୍ୟତିକ୍ରମ ଦେଖାଯାଉଛି। ବର୍ତ୍ତମାନ ମାଲିକର ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ସାମ୍ବାଦିକର ଧର୍ମ ହୋଇଯାଇଛି। ବିଶିଷ୍ଟ ସମାଲୋଚକ, ହିନ୍ଦୀ ସାମ୍ବାଦିକ ରାକିଶୋର କହନ୍ତି ଯେ ଖବରକାଗଜ ଅଥବା ସାମ୍ବାଦିକମାନଙ୍କ ନିଜର କୌଣସି ଅଭିବ୍ୟକ୍ତି ନଥିବା କାରଣରୁ ସାମ୍ବାଦିକମାନେ ସ୍ପେୟାର ପାର୍ଟସ ଭଳି ହୋଇଯାଉଛନ୍ତି। ଯେ କେହି ଏହାକୁ ନେଇ ବ୍ୟବହାର କରିପାରିବ। ତେବେ ଏହାକୁ ଅଭିବ୍ୟକ୍ତିର ସ୍ୱାଧୀନତା କହିବା ନା ପେଶାର ସ୍ୱାଧୀନତା? ସାମ୍ବାଦିକଙ୍କ ସ୍ୱାଧୀନତା ଅର୍ଥ ଆଜି ପେଣ୍ଡୁଲମ ଭଳି ଦୋଳାୟମାନ ସ୍ଥିତିରେ ଅଛି।

ଏ କଥା ନିଶ୍ଚୟ ଚିନ୍ତାଜନକ। ଅଧିକ ପ୍ରସାରିତ ଖବରଗକାଗଜ ମାଲିକାନା ଧନିକ ଶ୍ରେଣୀର। ପ୍ରେସ ସ୍ୱାଧୀନତାର ବଡ଼ ଅଂଶ ମାଲିକମାନେ ପାଉଛନ୍ତି। ସମସ୍ତେ ପୁଞ୍ଜିପତି ବର୍ଗ। ଏଣୁ ରାଜନୀତିର ପରିସରଭୁକ୍ତ ହୋଇଯାଉଛନ୍ତି। ସାମ୍ବାଦିକମାନେ ଏଥିନେଇ ଅଧିକ ମୁଣ୍ଡ ଖେଳାଇବାକୁ ପସନ୍ଦ କରୁନାହାନ୍ତି। ସାମ୍ବାଦିକତାକୁ ଅନ୍ୟ ବ୍ୟବସାୟିକ ଶିଳ୍ପ ସଂସ୍ଥା ବୁଝିବା ଦ୍ୱାରା ଏହାର ମୂଳ ଉଦ୍ଦେଶ୍ୟ ଆର୍ଥିକ ଫାଇଦା ଉଠାଇବା ହୋଇଯାଉଛି। ଆଜି ସାମ୍ବାଦିକତାକୁ ରାଜନୀତିରୁ ଅଲଗା କରି ରଖି ହେବ ନାହିଁ। ପ୍ରକାଶନ ମାଲିକମାନଙ୍କୁ କେବଳ ଅର୍ଥଲୋଭ ନୁହେଁ, ତା' ସହିତ କ୍ଷମତା ଲୋଭ ମଧ୍ୟ ଘାରିଛି। ଏଣୁ ଏମାନେ ସବୁବେଳେ କ୍ଷମତାର ମୁଖ୍ୟଧାରାରେ ଜଡ଼ିତ ହେବାକୁ ପସନ୍ଦ କରନ୍ତି।

'ହଂସ' ପତ୍ରିକାର ବାର୍ଷିକ ଉତ୍ସବରେ ହିନ୍ଦୀ କଥା ସମ୍ରାଟ ପ୍ରେମଚାନ୍ଦ ଲେଖିଥିଲେ ଆମର ଆର୍ଥିକ ହାନି ଘଟିଛି, ରାଜନୈତିକ ଦଣ୍ଡ ମଧ୍ୟ ସହିବାକୁ ପଡ଼ିଛି। ତଥାପି ଆମେ ସାହସ ବାନ୍ଧି ରଖିଛୁ, ହାରି ଯାଇନାହୁଁ। ଆମ ସମ୍ମୁଖରେ ଯେଉଁ ଆଦର୍ଶ ଅଛି ତାହା ଆମକୁ ଅଧିକ ଉତ୍ସାହିତ କରୁଛି। ଆମକୁ ଲାଭ-କ୍ଷତି ପାଇଁ କୌଣସି ବ୍ୟସ୍ତ ହେବାର ନାହିଁ। ବର୍ତ୍ତମାନ ଯୁଗରେ ସଫଳତାର ମାନଦଣ୍ଡକୁ ପ୍ରେମଚାନ୍ଦଙ୍କ ଆଧାରରେ ନେବା ସମୀଚୀନ ହେବନାହିଁ। ୧୯୩୨ ଅଗଷ୍ଟ ୨୨ରେ 'ଜାଗରଣ'କୁ ନୂଆ ରୂପରେ ପ୍ରକାଶିତ କରାଇବା ଅବସରରେ ସେ ଲେଖିଥିଲେ 'ସତ୍ୟକୁ ଖୋଜିବା ଦରକାର, ସତ୍ୟର ପୂଜାରୀ ହେବାକୁ ପଡ଼ିବ, ସତ୍ୟକୁ ସହିବା ପାଇଁ ଯେତେ ଅପମାନ ସହୁ ନା କାହିଁକି, ଅପ୍ରିୟ ସତ୍ୟ କହିବାକୁ ଭୁଲିବ ନାହିଁ। ସେକେବେ ଅନ୍ୟର ଦୋଷକୁ ଦେଖିବ ନାହିଁ, ବରଂ ନିଜର ଦୋଷକୁ ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ।

ଆଜି ସାମ୍ବାଦିକତା କ୍ଷେତ୍ରରେ 'ସତ୍ୟ' ଖୋଜିବା ସ୍ଥାନ ନେଇଛି 'ଷ୍ଟୋରୀ' ଖୋଜିବା। ଆଜିକାଲି ଖବରକାଗଜ ପୃଷ୍ଠାଗୁଡ଼ିକରେ ନିଜ ପ୍ରତିନିଧିଙ୍କ ଖବର ବଦଳରେ ବାସ୍ତୁବାଦୀ, ଆମ୍ବୃପୂରକ, ଉତ୍ତେଜକ କଥା କାହାଣୀ ରୂପରେ ପ୍ରକାଶ ପାଉଛି। ଅନେକ ସମୟରେ ପାଠକ ସତ୍ୟ ଖୋଜିବାରେ ଝୁଣ୍ଟିପଡୁଛି, ନିରାଶ ମଧ୍ୟ ହେଉଛି। ସାମ୍ବାଦିକ ଶିଳ୍ପ ସଂସ୍ଥା ଭଳି ଅର୍ଥକେନ୍ଦ୍ରିକ, ଜନଚେତନା, ସତ୍ୟର ଉଦ୍‌ଘାଟନ ଓ ବିକାଶ ସହିତ ସଂଶ୍ଳିଷ୍ଟ ହେବା ଉଚିତ୍। ମାଖନଲାଲ ଚତୁର୍ବେଦୀ ମୁଖ୍ୟତଃ କବି ଥିଲେ। ରାଜନୈତିକ କର୍ମକର୍ତ୍ତା ମଧ୍ୟ ଥିଲେ। ୧୯୨୫ ମସିହାରେ ସେ ପତ୍ରକାର ପରିଷଦରେ ଭାଷଣ ଦେଇ କହିଥିଲେ, 'ଯଦି ସମାଚାର ପତ୍ର ଦୁନିଆରେ ସବୁଠାରୁ ବଳୀୟାନ ଓ ଶକ୍ତିଶାଳୀ, ତେବେ ତା' ମୁଣ୍ଡରେ ଆପଦ ବିପଦ ଘେରି ହୋଇରହିଛି। ସେ ରାଷ୍ଟ୍ରୀୟ ସୁରକ୍ଷାର ବଡ଼ ପ୍ରାଚୀର ହୋଇ ରହିଛି। ସେ ହିମାଳୟର ଶିଖର ଭଳି ଝଟକି ଉଠୁଛି। ତା' ଉପରେ ଦେଶର ବହୁ ଗୁରୁଦାୟିତ୍ୱ ରହିଛି।

ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକତା କ୍ଷେତ୍ରରେ ବହୁ କ୍ରାନ୍ତିକାରୀ ନେତା ଗୋଟିଏ ଝୁମ୍‌ରେ କଲମ ମୁନ ଧରି ଆଗେଇ ଆସି ସାମ୍ବାଦିକତାର ସାରସ୍ୱତ ଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି। ସେତେବେଳେ ପତ୍ରପତ୍ରିକା ମଧ୍ୟରେ ଥିଲେ ମର୍ଯ୍ୟାଦା, ଅଭ୍ୟୁଦୟ, ବିକ୍ରମ, ପ୍ରତାପ, କର୍ମବୀର, ସରସ୍ୱତୀ, ପ୍ରଭା, ମତ୍ତୱାଲ, ଚାନ୍ଦ, ମାଧୁରୀ, ହଂସ, ଜାଗରଣ, ନବଜୀବନ, ସୁଧା ଆଦି। ସେମାନଙ୍କ ଦେଶ ଓ ଜାତି ପ୍ରତି କର୍ତ୍ତବ୍ୟବୋଧ, ସାମାଜିକ ଅଙ୍ଗୀକାରବଦ୍ଧତା ଅକ୍ଷୁଣ୍ଣ ଥିଲା। ସେମାନେ କେବଳ ଦୃଷ୍ଟିକୋଣକୁ ଆଧାର ରଖି ନଥିଲେ ବରଂ ଜନତାଙ୍କ ହିତ ଦୃଷ୍ଟିକୁ ଅଗ୍ରାଧିକାର ଦେଉଥିଲେ। ୧୯୬୫ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର 'ସମାଜ' ସମ୍ପାଦକୀୟରେ ଲେଖିଥିଲେ, ଆଜିକାଲି ସମ୍ବାଦପତ୍ର ସବୁ କୌଣସି ଦଳର ମୁଖପତ୍ର, କିନ୍ତୁ 'ସମାଜ' ଜନ୍ମ ସମୟରେ ଦେଶର ଏ ଅବସ୍ଥା ନଥିଲା। ଗୋପବନ୍ଧୁ ରାଜନୀତି, ଦଳଗତକୁ ଉର୍ଦ୍ଧ୍ୱରେ ରହି ଦେଶ ସେବା ପାଇଁ କେବଳ ଲେଖନୀ ଚାଳନା କରିଥିଲେ।

ବେଳେବେଳେ କିଛି ନିର୍ଦ୍ଦିଷ୍ଟ ଖବରକାଗଜ ଧାରା ପ୍ରବାଦ ନେତାଙ୍କ ନିନ୍ଦାଗାନରେ ମଜ୍ଜିଥା'ନ୍ତି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ମୋରାଜୀ ଦେଶାଇ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ। ବ୍ଲିଜ୍ ସାପ୍ତାହିକ ଲଗାତାର ତାଙ୍କ ବିରୁଦ୍ଧରେ ସମ୍ବାଦ ପରିବେଷଣ କରୁଥିଲା। ସେତେବେଳେ ପତ୍ରିକାର ମାଲିକ ଓ ସଂପାଦକ ଥାଆନ୍ତି ଆର୍.କେ.କରିଆ। କେହି ହିତାକାଂକ୍ଷୀ ଦେଶାଇଙ୍କୁ ବ୍ଲିଜ ବିଷୟରେ କହିବାକୁ ସେ ଉତ୍ତର ଦେଲେ, 'ମୁଁ ବ୍ଲିଜ କେବେ ପଢ଼େନାହିଁ।' ଯେତେବେଳେ ସେ ପ୍ରଧାନମନ୍ତ୍ରୀ ହେଲେ ସେ ଯଦି ଚାହିଁଥା'ନ୍ତେ ସାମ୍ବାଦିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିପାରିଥା'ନ୍ତେ, କିମ୍ବା ସରକାରୀ ବିଜ୍ଞାପନ ବନ୍ଦ କରିଦେଇ ପାରିଥା'ନ୍ତେ। ମାତ୍ର ସେ ସେପରି କଲେ ନାହିଁ। ସମାଜରେ ଅଙ୍ଗୀକାରବଦ୍ଧତା ସହିତ ସାମ୍ବାଦିକକୁ ରାଷ୍ଟ୍ର ହିତ ଉଦ୍ଦେଶ୍ୟରେ କଲମ ଚାଳନା କରିବାକୁ ପଡ଼ିବ। ତେବେ ଯାଇ ସେ ଶୀର୍ଷ ସ୍ଥାନକୁ ଯାଇପାରିବ।●

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# ପଦ୍ମପୁର: ପଦ୍ମସମ୍ଭବଙ୍କ ଜନ୍ମସ୍ଥଳ


**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ନିକଟସ୍ଥ ଭିକମପାଲି ଗ୍ରାମରେ ଏକ ନୂତନ ପଦ୍ମାସିନୀ ମନ୍ଦିର ନିର୍ମାଣ କରାଯାଇଛି। ସେହିଭଳି ବୁଡ଼ି ଯାଇଥିବା ପଦ୍ମପୁରର ମୂଳ ପଦ୍ମାସିନୀ ଦେବୀ ନିକଟସ୍ଥ ପୂଜାରିପାଲି ଗ୍ରାମରେ ପୂଜା ପାଉଛନ୍ତି ନୂତନ ଭାବେ ନିର୍ମିତ ପୂଜା ସ୍ଥଳରେ। ଦକ୍ଷିଣ କୋଶଳରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ସମସ୍ତ ମହାନଦୀ ଅବବାହିକା ଅଞ୍ଚଳରେ ପ୍ରାଚୀନ ବୌଦ୍ଧ କୀର୍ତ୍ତି ଓ ବୌଦ୍ଧ ସ୍ଥଳମାନ ବିଛାଇ ହୋଇ ରହିଛନ୍ତି। ଏହା ମଧ୍ୟରେ ପ୍ରାଚୀନ ଧ୍ୱଂସପ୍ରାପ୍ତ ବୌଦ୍ଧ ବିହାର, ମନ୍ଦିର, ଗୁମ୍ଫା, ବୌଦ୍ଧ ଅନୁଷ୍ଠାନ ସବୁ ବୌଦ୍ଧ ମୂର୍ତ୍ତିମାନ, ବୌଦ୍ଧ ଦେବଦେବୀ ମୂର୍ତ୍ତି ସବୁ ବହୁସଂଖ୍ୟାରେ ଦେଖାଯାଏ। କିଛିସ୍ଥଳରେ ଖନନ ହୋଇ ଉଦ୍ଧାର କରାଯାଇଛି; ମାତ୍ର ବହୁସ୍ଥଳରେ କୌଣସି ଖନନ ଅଥବା ସଠିକ ଅନୁସନ୍ଧାନ ଅଥବା ଅନ୍ୱେଷଣ ମଧ୍ୟ କରାଯାଇନାହିଁ।

ପଦ୍ମପୁର ଏବଂ ଏହାର ଚାରିପାଖର ଅନେକ ଗ୍ରାମର ନାମ ଏବେ ମଧ୍ୟ ଏ ଅଞ୍ଚଳର ପ୍ରାଚୀନ ବୌଦ୍ଧ ପରିମ୍ପରାକୁ ସୂଚାଇ ଥାଏ। ବହୁ ଗ୍ରାମ ଓ ସ୍ଥଳମାନ ବୌଦ୍ଧ ନାମ ଧାରଣ କରିଥିବା ଜଣାଯାଏ। ବୌଦ୍ଧ ଭିକ୍ଷୁ ତଥା ବୌଦ୍ଧ ଦେବଦେବୀଙ୍କ ନାମ ମଧ୍ୟ। ଏ ଅଞ୍ଚଳ ବଜ୍ରଯାନର ଦୁର୍ଗଭଳି ପରିଣତ ହୋଇଥିଲା। ଗ୍ରାମଗୁଡ଼ିକ ଏହିଭଳି - ଭିକମପାଲି (ଭିକ୍ଷୁପାଲି), ଆମ୍ବପାଲି (ଆମ୍ରପାଲି), ଯୋଗୀଡିପ, ଯୋଗିନୀ, ମଛିନ୍ଦା(ମତ୍ସ୍ୟେନ୍ଦ୍ରନାଥ), ମହାସିଂଘା, ପାଲସଦା, କନକତାରା, ଗୌତମଖୋଙ୍ଗ ଓ ବିକ୍ରମ ଖେଶଲ (ଏ ଦୁଇଟି ପାହାଡ଼), ବାସମପାଲି, କଣ୍ଟାପାଲି, କଦମଘାଟ, ଦେବଧାର, କୋଟଗଡ଼, ରୋହିଣୀ, କେସରଜିମା, ବସ୍ତି, ଅଟ୍ଟାବିରା, ରେମଣ୍ଡା, ସିଙ୍ଗାରପୁର(ସିଙ୍ଗଳ), ବିନ୍ଦୁପାଲି, ବୁଧେଲକାଣି, ସୁଖ ଡିହ।

ପଦ୍ମପୁର ପାଖାପାଖି ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁମାନଙ୍କର ଗୁମ୍ଫା ରହିଛି। ସେଥିରୁ ଏ ଅଞ୍ଚଳରେ ଅନେକ ବୌଦ୍ଧ ଭିକ୍ଷୁ ବସବାସ କରୁଥିବା ଜଣା।ଯାଉଛି। ଗୁଜା ପାହାଡ଼ରେ ଅନେକଗୁଡ଼ିଏ ଗୁମ୍ଫା ରହିଛି ଏବଂ



ଦ୍ୱିତୀୟ-ବୁଦ୍ଧ କଥା

ଏହା ମଧ୍ୟ ହୀରାକୁଦ ଜଳଭଣ୍ଡାର ବୁଡ଼ି ଅଞ୍ଚଳ ମଧ୍ୟରେ। ମାତ୍ର ଏହାକୁ ପୋତାଯାଇ ରାସ୍ତା କରାଯାଇଛି ଏବଂ ସେହି ପାହାଡ଼ ପାଦଦେଶରେ ଏକ ଭ୍ରମଣସ୍ଥଳ ସୃଷ୍ଟି ରାଯାଇଛି। ସେହି ରମ୍ଭାଲୁଗାଠାରେ ମଧ୍ୟ ଏକ ଭ୍ରମଣକେନ୍ଦ୍ର ସୃଷ୍ଟି କରାଯାଇଛି ଏବଂ ସେଠାରେ ପଦ୍ମସମ୍ଭବଙ୍କର ଏକ ବୃହତ୍ତ ବ୍ରୋଞ୍ଜ ମୂର୍ତ୍ତି ସ୍ଥାପନ କରାଯିବାର ଯୋଜନା ରହିଛି। ସେହିଭଳି ଭିକମପାଲିଠାରେ ନିକଟରେ ଗୁରୁପଦ୍ମସମ୍ଭବଙ୍କ ଆବିର୍ଭାବ ଦିବସରେ ଉତ୍ସବ ପାଳନ ଅବସରରେ ସେଠାରେ ମାର୍ବଲ ନିର୍ମିତ ମୂର୍ତ୍ତି, ଭଗବାନ ବୁଦ୍ଧ ଓ ଶ୍ରୀଜଗନ୍ନାଥଙ୍କ ପ୍ରସ୍ତର ମୂର୍ତ୍ତିମାନ ବୌଦ୍ଧ ନୀତିନିୟମ ମୁତାବକ ସ୍ଥାପନ କରାଯାଇଛି ଏବଂ ପ୍ରତିଷ୍ଠା ଉତ୍ସବ ମଧ୍ୟ କରାଯାଇଛି।ନିକଟସ୍ଥ ପଲସଦା ଗ୍ରାମରେ ଏକ ବୌଦ୍ଧସ୍ତୂପ ଥିବାର ଜଣାଯାଇଛି।

ପଦ୍ମପୁର ପଦ୍ମସମ୍ଭବଙ୍କର ଜନ୍ମସ୍ଥାନ। ସ୍ଥାନୀୟ ପରମ୍ପରା ମୁତାବକ ଆଠବର୍ଷ ବୟସରେ ସେ କୌଣସିପରିସ୍ଥିତିରେ ଘର ଛାଡ଼ି ମହାନଦୀ କୂଳେ ତଳକୁ ସମ୍ବଳ ରାଜପ୍ରସାଦ ଆଡ଼କୁ ଯାହାକି ତାଙ୍କ ଗ୍ରାମଠାରୁ ବହୁ ଦୂରବର୍ତ୍ତୀ ଅଞ୍ଚଳ ନୁହେଁ, ଚାଲିଯାଇଥିଲେ। ସେଠାରେ ଧନକୋଷ ପୁଷ୍କରିଣୀ (ହ୍ରଦ କୁହାଯାଇଛି) ନିକଟରେ ଇନ୍ଦ୍ରଭୂତିଙ୍କ ମନ୍ତ୍ରୀ ତାଙ୍କୁ ଉଦ୍ଧାର କରିଥିଲେ। ପରେ ରାଜା ଆସି ତାଙ୍କୁ ରାଜପ୍ରସାଦକୁ ନେଇ ପରେ ପୋଷ୍ୟପୁତ୍ରଭାବେ ଗ୍ରହଣ କରିଥିଲେ। କୁହାଯାଏ ଧନକୋଷ ହ୍ରଦରେ ଅନେକ ପଦ୍ମଫୁଲ ସବୁବେଳେ ଫୁଟିଥାଏ, ଏବେ ମଧ୍ୟ ଫୁଟୁଛି। ପଦ୍ମଫୁଲ ହ୍ରଦ ପାଖରୁ ପାଇ ରାଜା ତାଙ୍କୁ ପଦ୍ମସମ୍ଭବ ନାମରେ ନାମିତ କରିଥିଲେ। ତାଙ୍କ ଜନ୍ମସ୍ଥଳ ଗ୍ରାମ ବା ନଗର / ସହରକୁ ମଧ୍ୟ ତାଙ୍କ ନାମରେ ରାଜା ହିଁ ପଦ୍ମପୁର ନାମରେ ନାମିତ କରି ତାଙ୍କ ସ୍ମୃତିରେ ସେଠାରେ ପଦ୍ମାସିନୀ ମନ୍ଦିର ନିର୍ମାଣ କରିଥିଲେ। ଏହି ପଦ୍ମପୁର ନଗର ସମକାଳରେ ଜନ୍ମ ମହାକବି ଭବଭୂତିଙ୍କର ମଧ୍ୟ ଜନ୍ମସ୍ଥାନ। ସେ ମଧ୍ୟ ପଦ୍ମସମ୍ଭବଙ୍କ ଭଳି ସେହିସ୍ଥାନରେ ଅଷ୍ଟମ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ।(ସମାପ୍ତ)●

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦ୍ୱାରଶୁଣୀ ଘାଟି ରାସ୍ତା ସଂପ୍ରସାରଣ

# ୧୮ ରୁ ୨୪ ଯାଏ କଟକଣା

**ମଧ୍ୟାହ୍ନରୁ ଅପରାହ୍ଣ ୪ଟା ଯାଏ ସବୁ ଗାଡି ଚଳାଚଳ ବନ୍ଦ**

ବାରିପଦା, ୧୪।୧୧(ସମିସ): ବାଙ୍ଗିରିପୋଷି ନିକଟ ୪୯ନଂ. ଜାତୀୟ ରାଜପଥ ଦ୍ୱାରଶୁଣୀ ଘାଟି ୯କିମି ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରଶାସନ ପକ୍ଷରୁ କଟକଣା ବିଜ୍ଞପ୍ତି ପ୍ରକାଶ ପାଇଛି। କଣ୍ଟ୍ରୋଲ୍ ବ୍ଲାଷ୍ଟିଂ ସମୟରେ କୌଣସି ପଦଚାରୀ ଓ ଯାନବାହନର ପ୍ରବେଶ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କଟକଣା କରାଯାଇଛି। ଏହି କଟକଣା ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୪ଟା ଯାଏ ଗାଡ଼ି ଚଳାଚଳ ଉପରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହ ପଶୁପାଳକ ଓ ଅନ୍ୟ ଲୋକଙ୍କୁ ମଧ୍ୟ କୌଣସି ଗୃହପାଳିତ ପଶୁଙ୍କ ଛାଡ଼ିବାକୁ ବାରଣ କରାଯାଇଛି। ଆମ୍ବୁଲାନ୍ସ ଓ ଜରୁରୀ ସେବା ଯାନବାହନକୁ ପରିସ୍ଥିତି ଅନୁସାରେ ଏନଏଚଆଇ/ପୁଲିସ୍ କ୍ଲିୟରାନ୍ସ ପରେ ଅନୁମତି ଦିଆଯିବ। ସମସ୍ତ ଜନସାଧାରଣଙ୍କୁ ପ୍ରକଳ୍ପର ସଫଳତା ପାଇଁ ସହଯୋଗ କରିବାକୁ ଏନ୍ଏଚଆଇ ପକ୍ଷରୁ ନିବେଦନ କରାଯାଇଛି। ଏହି ସମୟରେ ବିଶୋଇ ଅର୍ଗଲବିନ୍ଧା, ଶଙ୍ଖାଭଙ୍ଗା, ଜୋକା, ଚନ୍ଦନପୁର, କାତରା ଛକ ଦେଇ ଯାନବାହନ ଯାତାୟାତ କରିପାରିବେ।

## ହାଇକୋର୍ଟରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ନିମ୍ନ ଅଦାଲତଙ୍କ ରେକର୍ଡ ଦାଖଲ ନିର୍ଦ୍ଦେଶ

କଟକ,୧୪।୧୧(ସମିସ): ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ନିମ୍ନ ଅଦାଲତଙ୍କ ରେକର୍ଡପତ୍ର ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପାର୍ସଲ ବୋମା ବିସ୍ଫୋରଣର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ତରଫରୁ ନିମ୍ନ ଅଦାଲତଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରବର୍ତ୍ତୀ ତାରିଖରେ ଜରିମାନା ରାଶି ପାଇଠ ନିର୍ଦ୍ଦେଶ ଉପରେ ରହିତାଦେଶ ଓ ଜାମିନ ପ୍ରଦାନ ପାଇଁ ପୁଞ୍ଜିଲାଲଙ୍କ ତରଫରୁ ଦାୟର ଅନ୍ତରୀଣ ଆବେଦନ ଉପରେ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି।

ପ୍ରକାଶଥାଉକି ଗତ ମେ' ୨୮ ତାରିଖରେ ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍ ଏହି ଘଟଣାରେ ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ରହିବା ସହ ୫୦ ହଜାର ଟଙ୍କା ଜରିମାନା ପ୍ରଦାନ ପାଇଁ ନିମ୍ନ ଅଦାଲତ ପ୍ରକାଶ କରିଥିବା ରାୟରେ ଉଲ୍ଲେଖ କରିଥିଲେ। ଏହି ରାୟକୁ ଚାଲେଞ୍ଜ କରି ପୁଞ୍ଜିଲାଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ସ୍ଥିତ ଏକ ବିବାହ ଭୋଜିରେ ଉପହାର ପାର୍ସଲ ବୋମା ବିସ୍ଫୋରଣରେ ନବବିବାହିତ ସୌମ୍ୟଶେଖର ସାହୁ ଓ ତାଙ୍କ ଜେଜେ ମା' ଜେମାମଣିଙ୍କ ମୃତ୍ୟୁ ହୋଇଥିଲା। ମୁଖ୍ୟ ଅଭିଯୁକ୍ତ ଭଇଁସା କଲେଜରେ ଇଂରାଜୀ ଅଧ୍ୟାପକ ପୁଞ୍ଜିଲାଲ ମେହେର ଏହି ଘଟଣା ଘଟାଇଥିଲେ। ତାଙ୍କୁ କ୍ରାଇମବ୍ରାଞ୍ଚ ଗତ ୨୦୧୮ ଏପ୍ରିଲ ୨୫ରେ ଗିରଫ କରିଥିଲା।

## ■ ସାହିତ୍ୟ ଅକାଦେମୀ ବାଲ୍ ସାହିତ୍ୟ ପୁରସ୍କାର

# ଓଡ଼ିଆ ଭାଷା ପାଇଁ ରାଜକିଶୋର ପାଢ଼ୀ ପୁରସ୍କୃତ

ଭୁବନେଶ୍ୱର,୧୪।୧୧(ସମିସ):ସାହିତ୍ୟ ଅକାଦେମୀ ପକ୍ଷରୁ 'ବାଲ ସାହିତ୍ୟ ପୁରସ୍କାର-୨୦୨୫' ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ଆୟୋଜିତ ଏକ ଭବ୍ୟ ସମାରୋହରେ ୨୪ଟି ଭାରତୀୟ ଭାଷାରେ ବାଲ୍ୟ ସାହିତ୍ୟକାରଙ୍କୁ ପୁରସ୍କୃତ କରାଯାଇଛି। ସେଥିମଧ୍ୟରେ ଓଡ଼ିଆ ଭାଷାରେ କବିତା 'କେତେ ଫୁଲ ଫୁଟିଚି' ପାଇଁ ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ସମ୍ମାନ ସ୍ୱରୂପ ପୁରସ୍କୃତ ବାଲ ସାହିତ୍ୟକାରମାନଙ୍କୁ ତାମ୍ରଫଳକ ସମେତ ତଥା ୫୦ହଜାରଟଙ୍କାଲେଖାଏଁଅର୍ଥରାଶିପ୍ରଦାନକରାଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ବିଖ୍ୟାତ ଗୁଜରାଟୀ ଲେଖିକା ବର୍ଷା ଦାସ ଯୋଗଦେଇ କହିଛନ୍ତି ଯେ, ବାଲ ସାହିତ୍ୟ ଆମକୁ ବିବିଧତାରେ ଏକତାର ଅନନ୍ୟ ସନ୍ଦେଶ ଦେଇଥାଏ। ତେଣୁ ଏହାର ଲେଖନ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପିଲାମାନଙ୍କୁ ବାଲ ସାହିତ୍ୟ ନିରନ୍ତର ମିଳୁଥିବା ପାଇଁ ସର୍ବଦା ଚେଷ୍ଟା କରିବା ଉଚିତ୍। ସେହିପରି ସେ ଗୁଜରାଟୀର ବିଖ୍ୟାତ



**୨୪ ଭାରତୀୟ ଭାଷାର ବାଲ୍ ସାହିତ୍ୟକାର ପୁରସ୍କୃତ**

ବାଲ୍ ସାହିତ୍ୟକାର ଗିଜୁ ଭାଇ ବଧେକାଙ୍କ ଲେଖନୀର ଅନେକ ଉଦାହରଣ ଦେଇ କହିଛନ୍ତି ଯେ ପିଲାମାନେ ବାଲ ସାହିତ୍ୟ ପଢ଼ି ପାଠପଢ଼ାରେ ରୁଚି ନେଉଥିବା ସହ ସେମାନଙ୍କ ଆତ୍ମବିଶ୍ୱାସ ମଧ୍ୟ ବଢ଼ିଥାଏ। କାହାଣୀର ବିବିଧତା ସେମାନଙ୍କୁ ସମଗ୍ର ବିଶ୍ୱ ସହ ଯୋଡ଼ିଥାଏ। ସେ ସାହିତ୍ୟ ଆକାଦେମୀ ଦ୍ୱାରା ବିଭିନ୍ନ ଭାରତୀୟ ଭାଷାରେ ବାଲସାହିତ୍ୟରଅନୁବାଦକୁଅତିଆବଶ୍ୟକମାନି ଏହାକୁ ନିରନ୍ତରବଜାୟରଖିବାରପରାମର୍ଶଦେଇଛନ୍ତି। ସାହିତ୍ୟ ଆକାଦେମୀର ଅଧ୍ୟକ୍ଷ ମାଧବ କୌଶିକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଛନ୍ତି, ପିଲାମାନଙ୍କୁ ବାଲ୍ୟାବସ୍ଥାରୁ ଯଦି ଭଲ ବାଲ୍ ସାହିତ୍ୟ ପଢ଼ିବାକୁ ମିଳେ ତେବେ ସେମାନେ ବିଭିନ୍ନ ପ୍ରକାରର ଆତଙ୍କବାଦୀ କାର୍ଯ୍ୟକଳାପରୁ ଦୂରରେ ରହିବେ। ଏଥିରେ ଅନ୍ୟଅତିଥିଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରଣାଳୟର ଉପସଚିବ ଅମିତା ପ୍ରସାଦ ସରଭାଇ, ଅକାଦେମୀର ସଚିବ ପଲ୍ଲବୀ ପ୍ରଶାନ୍ତ ହୋଲକର, ଅକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମା ପ୍ରମୁଖ ଉପସ୍ଥିତ ରହି ବାଲ ଲେଖକ କୌତୂହଳ, ଉତ୍କଣ୍ଠା ଓ ଜିଜ୍ଞାସାର ଭୂମିରେ ନିଜ କଲମରେ ଯାହା ସୃଷ୍ଟି କରନ୍ତି, ତାହା ନିଶ୍ଚୟ ପିଲାମାନଙ୍କ ପାଇଁ ପ୍ରଭାବଶାଳୀ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଆସନ୍ତା କାଲି ଅଧ୍ୟକ୍ଷତା ସାହିତ୍ୟ ଆକାଦେମୀର ଉପାଧ୍ୟକ୍ଷା କୁମୁଦ ଶର୍ମାଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ଏକାଡେମୀ ଅଡିଟୋରିୟମ୍, ପ୍ରଥମ ମହଲାରେ ଆୟୋଜିତ ହେବାକୁ ଥିବା 'ଲେଖକ ସମ୍ମିଳନୀ'ରେ ପୁରସ୍କୃତ ବାଲ୍ ସାହିତ୍ୟକାରମାନେ ନିଜ ରଚନାତ୍ମକ ଅନୁଭବ ପ୍ରଦାନ କରିବେ।

# ଏମ୍ସରେ କଣ୍ଠଶିଳ୍ପୀ ହ୍ୟୁମାନ୍‌ସାଗର

## ଲିଭର ଓ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ

ଭୁବନେଶ୍ୱର,୧୪।୧୧(ସମିସ): ଓଡିଆ ସଂଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମସ୍‌ରେ ଭର୍ତ୍ତି କରାଯାଇଛି। କିଡନୀ ଓ ଲିଭର୍ ଜନିତ ସମସ୍ୟା ଯୋଗୁଁ ସେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କୁ ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁସାରେ ବର୍ତ୍ତମାନ ହ୍ୟୁମାନସାଗର ଭେଣ୍ଟିଲେଟରରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କର ମଲ୍‌ଟି ଅରଗାନ୍ ଡିସଫଙ୍କସନାଲ ରହିଛି ବା ଶରୀରର ଅଧିକାଂଶ ଅଙ୍ଗ କାମ କରୁନାହିଁ। ବ୍ରେନରେ ସମସ୍ୟା ରହିବା ସହ ରେସପାରେଟୋରୀ ନିମୋନିଆ, ଲିଭର ଡିଜିଜ୍ ସାଙ୍ଗକୁ ସୋଡିୟମ ପରିମାଣ ମଧ୍ୟ କମିଥିବା ଜଣାପଡ଼ିଛି। ସେହିପରି କିଡ଼ନୀରେ ସମସ୍ୟା ଥିବା ସହ ନିମୋନିଆ ଯୋଗୁଁ ଅବସ୍ଥା ଅଧିକ ଗୁରୁତର ହୋଇପଡ଼ିଛି। ଏପଟେ ରକ୍ତଚାପ



ମଧ୍ୟ ସ୍ଥିର ହେଉନଥିବାରୁ ତାଙ୍କୁ ଔଷଧ ଦିଆଯାଉଛି। ବର୍ତ୍ତମାନ ତାଙ୍କ ଅବସ୍ଥା ଗୁରୁତର ଥିବା ଏମସ୍ ପକ୍ଷରୁ କୁହାଯାଇଛି। ତେବେ ୨୦୨୪ରୁ ସେ ଅସୁସ୍ଥ ରହିଥିବା ଜଣାପଡ଼ିଛି।

ସେହିପରି ଓଲିଉଡର ଆଗଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ମଧ୍ୟ ସେପ୍ଟେମ୍ବର ୪ ତାରିଖରୁ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ପୂର୍ବରୁ ସେ ଭେଣ୍ଟିଲେଟରରେ ଥିବା ବେଳେ ବର୍ତ୍ତମାନ ସେ ୱାର୍ଡକୁ ସ୍ଥାନାନ୍ତର ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସିନଥିବା ଜଣାପଡ଼ିଛି।

## ■ ପୀତବାସ ହତ୍ୟାକାଣ୍ଡ ମାମଲା

# ଶନିବାର ଟିଆଇ ପରେଡ୍‌ରେ ସାମିଲ ହେବେ ୮ ଗିରଫ ଅଭିଯୁକ୍ତ

ବ୍ରହ୍ମପୁର, ୧୪।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ୧୬ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୮ ଜଣଙ୍କର ଟିଆଇ ପରେଡ ହେବ। ପରେଡରେ ସାମିଲ ହେବାକୁ ଥିବା ଅଭିଯୁକ୍ତମାନେ ହେଲେ, କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ, ଯୋଗେନ୍ଦ୍ର ରାଉତ, ଉମା ବିଷୋୟୀ, ଶିଶୁପାଳ ପାଶ୍ୱାନ, କୁନ୍ଦନ କୁମାର, ସିମାଞ୍ଚଳ ନାୟକ ଓ ବିପିନ ସ୍ୱାଇଁ। ମାମଲାର ତଦନ୍ତ ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ଏଥିପାଇଁ କରିଥିବା ଆବେଦନକୁ ଏସଡିଜେଏମ୍ କୋ ଅନୁମତି ଦେଇଛନ୍ତି। ତଦନୁଯାୟୀ, ଆସନ୍ତା ଶନିବାର ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଭିଯୁକ୍ତଙ୍କର ଟିଆଇ ପରେଡ ହେବ। ତେବେ ପୁଲିସ ଏହି ମାମଲାରେ କାହାକୁ ପ୍ରତ୍ୟକ୍ଷଦର୍ଶୀ ରଖିଛି, ତାହା ସ୍ପଷ୍ଟ ହୋଇନାହିଁ। ଶନିବାର ଜେଲରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାକ୍ଷୀମାନେ ଓ ଅନ୍ୟ ଅଧିକାରୀଙ୍କ ଗହଣରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିବେ। ସାକ୍ଷୀ ଭାବେ ପୁଲିସ ଆକାଶ ବିଶୋୟୀ, ଏନ୍. କିରଣ କୁମାରଙ୍କ ସମେତ ଏକାଧିକ ବ୍ୟକ୍ତିଙ୍କୁ ସାମିଲ କରିଥିବା ସୂଚନା ମିଳିଛି। ତେବେ ଟିଆଇ ପରେଡ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ, ଏପରିକି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ବେଳେ ସେମାନଙ୍କ ମୁହଁ ଖୋଲା ଚିତ୍ରକୁ ସାକ୍ଷୀମାନେ ଦେଖିଥିବାରୁ ଟିଆଇ ପରେଡରେ ଅପରାଧୀ ଚିହ୍ନଟ ପ୍ରକ୍ରିୟା ପ୍ରଭାବିତ ହେବା ଆଶଙ୍କା ଥିବା ଆଲୋଚନା ହେଉଛି।

## ନୂଆପଡ଼ା ଉପନିର୍ବାଚନ

# ଜୟଙ୍କ ବାଜିମାତ୍

**ବିଜୟ ବ୍ୟବଧାନ ୮୩ହଜାର ୨୦୪**
**ଜୟ ପାଇଲେ ୧ଲକ୍ଷ ୨୩ହଜାର ୨୪୩**
**ବିଜେଡିକୁ ମିଳିଲା ୩୮ ହଜାର ୨୫୬**
**ନୋଟାକୁ ଗଲା ୧୯ ୯୫**

ନୂଆପଡ଼ା, ୧୪।୧୧ (ସମିସ): ବହୁପ୍ରତୀକ୍ଷିତ ନୂଆପଡ଼ା ବିଧାନସଭା ଉପନିର୍ବାଚନର ସବୁ ଗଣିତ ପଦାକୁ ଆସିଛି। ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଲଢ଼େଇ ହୋଇଥିବା ବେଳେ ବିଜେପିର ଜୟ ଢୋଲକିଆ ବାଜି ମାରିନେଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କଠାରୁ ୮୩ହଜାର ୨୦୪ ଭୋଟ୍ ଆଗରେ ରହି ସେ ବିଜୟ ତିଳକ ପିନ୍ଧିଛନ୍ତି। ତାଙ୍କୁ ୧ଲକ୍ଷ ୨୩ହଜାର ୨୪୩ ଖଣ୍ଡ ଭୋଟ୍ ମିଳିଥିବା ବେଳେ ଘାସିରାମ ୪୦ ହଜାର ୩୯ ଖଣ୍ଡ ଭୋଟ୍ ପାଇଛନ୍ତି। ତୃତୀୟ ସ୍ଥାନରେ ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ୩୮ହଜାର ୨୫୬ ଭୋଟ୍ ପାଇଛନ୍ତି। ସେହିପରି, ଏହି ନିର୍ବାଚନରେ ପ୍ରଥମଥର ପାଇଁ ଏଠିକାର ଭୋଟର୍ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଥିବା ଦଳବଦଳ ରାଜନୀତିକୁ ଅତି ନିକଟରୁ ଦେଖିବା ସହ ମଦ, ମାଂସ ଓ ଟଙ୍କା କାରବାରକୁ ଏତେମାତ୍ରାରେ ଦେଖି ପ୍ରାର୍ଥୀ ତଥା ଦଳ ଉପରୁ ମୁହଁ ମୋଡ଼ିଥିବା ନୋଟା ଭୋଟ୍‌ରୁ ସ୍ପଷ୍ଟ ହୋଇଛି। ନୋଟାକୁ ସର୍ବାଧିକ ୧୯ ୯୫ଖଣ୍ଡ ଭୋଟ ପଡିଥିବା ଚର୍ଚ୍ଚାର ବିଷୟ ହୋଇଛି।

### ■ ବିଜେପି ଅଫିସରେ ଜୟଙ୍କୁ ସମ୍ବର୍ଦ୍ଧନା

ଗଣତି କାର୍ଯ୍ୟକ୍ରମକୁ ଉପଭୋଗ କରିବାକୁ ବିଜେପିର ପ୍ରମୁଖ ନେତାଗଣ ନୂଆପଡ଼ାରେ ଡେରା ପକାଇ ରହିଥିଲେ। ଗଣତି କାର୍ଯ୍ୟ ଶେଷ ନ ହେଉଣୁ ଜୟଙ୍କ ନିଜର ସହର ଖରିଆରରୋଡ୍ ବସ୍ତିରେ ହୋଲିର ମାହୋଲ ହୋଇଥିଲା। ସ୍ୱତନ୍ତ୍ର ଗାଡ଼ିରେ ସବାର ହୋଇ ଜୟ ନୂଆପଡ଼ା ଅଭିମୁଖେ ଆସିଥିଲେ। ଗଣତି କେନ୍ଦ୍ରରେ ଜିଲ୍ଲାପାଳଙ୍କଠାରୁ ସାର୍ଟିଫିକେଟ୍ ହାସଲ କରିବାପରେ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରସନ୍ନ କୁମାର ପାଢ଼ୀ, ଯଦୁମଣି ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୟ ଢ଼ୋଲକିଆଙ୍କୁ ବିଜେପିର ଶତାଧିକ କର୍ମକର୍ତ୍ତା ଫୁଲମାଳ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ହେଲେ କୁଆଡ଼େ ବେଶୀ ଭୋଟରେ ବିଜୟୀ ହୋଇଥିଲେ ବୋଲି କିଛି ବରିଷ୍ଠ ନେତାଙ୍କୁ ହଜମ ହୋଇ ନଥିଲା। ତେଣୁ ନେତାମାନେ କୁଆଡ଼େ ଲୁଚି ଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏପରିକି, ଷ୍ଟେଜରେ ଜିଲ୍ଲା ସଭାପତିଙ୍କ ସହ କିଛି ନେତାଙ୍କ ମନୋମାଳିନ୍ୟ ହୋଇଥିବା ମଧ୍ୟ ଚର୍ଚ୍ଚାରେ ରହିଛି।

### ■ ବସନ୍ତଙ୍କ ଘରକୁ ଗଲେ ଜୟ

ବିଜେପିରେ ଯୋଗଦେବା ପରେ ଜୟ ଢୋଲକିଆ ପ୍ରଥମେ କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ଘରକୁ ଯାଇଥିଲେ। ବିଜୟ ପରେ ମଧ୍ୟ ନୂଆପଡ଼ାରେ ପ୍ରବେଶ କରି ପ୍ରଥମେ ବସନ୍ତ ପଣ୍ଡାଙ୍କ ଘରକୁ ଯାଇ ଦଣ୍ଡବତ ହୋଇଥିଲେ।

### ■ ଖରିଆରରୋଡ୍ ଓ ନୂଆପଡ଼ାରେ ବିଜୟ ଉତ୍ସବ

ବିଜୟ ଲାଭ କରିବା ପରେ ଜୟ ଆଜି ସଂଧ୍ୟାରେ ଖରିଆରରୋଡ୍‌ସ୍ଥିତ ନିଜ ବାସଭବନରୁ ବାହାରି ନୂଆପଡ଼ା ଅଭିମୁଖେ ଆସିଥିଲେ। ବାଟରେ ଏକତା ଛକରେ ସ୍ୱର୍ଗୀୟ ମନ୍ତ୍ରୀ ଘାସିରାମ ମାଝୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସାରା ସହର ପରିକ୍ରମା କରିଥିଲେ। ପୂରା ସହର ଆଲୋକମାଳାରେ ଝଲସିବା ସହ ବାଣଫୁଟାରେ ଦୁଲୁକିଥିଲା।

### ■ ଟଙ୍କା, ମଦ-ମାଂସର ବିଜୟ ହୋଇଛି: ଘାସିରାମ

ଏହି ଉପନିର୍ବାଚନ ମଦ, ମାଂସ ଏବଂ ଟଙ୍କାର ରାଜନୀତି ଥିଲା। ନିର୍ବାଚନ ମଣ୍ଡଳୀର ନିରୀହ, ସରଳ ଜନତାଙ୍କୁ କିଣାବିକା ରାଜନୀତି କରି ବିଜେପି ହାତେଇଛି ବୋଲି ପରାଜିତ କଂଗ୍ରେସ ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି। ସେ ମଧ୍ୟ ଠିକ ଭାବରେ ଲଢ଼ିଥିଲେ। ହେଲେ କଂଗ୍ରେସ ତରଫରୁ ଠିକ ଭାବରେ ସହାୟତା ମିଳି ନଥିଲା ବୋଲି ହାରିଗଲେ। ହେଲେ ଜନତା ଜନାର୍ଦ୍ଦନଙ୍କ ଏଭଳି ସମର୍ଥନକୁ ସେ ଗ୍ରହଣ କରିଥିବା କହିଛନ୍ତି।

### ■ ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି: ଅବନୀ ରଞ୍ଜନ

ବିଜେପି ଶତପ୍ରତିଶତ ଇଭିଏମ୍ ଟାମ୍ପରିଂ କରିଛି। ବିଜେପି ଲଢ଼େଇ ଆରମ୍ଭରୁ ହିଁ କଂଗ୍ରେସ ସହ ଲଢ଼େଇ ବୋଲି କହିଆସିଥିଲା। ନିର୍ବାଚନ ଆରମ୍ଭ ହେବାର ୪୮ ଘଣ୍ଟା ପୂର୍ବରୁ ନିରବ ଅବଧି (ସାଇଲେଣ୍ଟ ପିରିୟଡ୍) ଭାବେ ବିବେଚନା କରାଯାଇଥାଏ। ବିଜେଡି ଶାସନ କାଳରେ କୌଣସି ଦଳୀୟ କର୍ମକର୍ତ୍ତା, ନେତା ନିର୍ବାଚନମଣ୍ଡଳୀ ଭିତରେ ରହିବାର ନିୟମକୁ କଡ଼ାକଡ଼ି ପାଳନ କରୁଥିଲା। ହେଲେ ବର୍ତ୍ତମାନ ବିଜେପି ସବୁ ନିୟମକୁ ନିଜେ ଉଲ୍ଲଂଘନ କରି ଭୋଟକୁ ନିଜ ଅକ୍ତିଆରକୁ ନେଇଥିଲା। ପ୍ରାର୍ଥୀ ଚୋରିଠାରୁ ଆରମ୍ଭ କରି ଶେଷରେ ଭୋଟ ଚୋରି କଲା। ଏହା ଶାସକ ଦଳର ଅସାଧୁ ବିଜୟ ବୋଲି ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା 'ରୁଚି' ଉଦ୍ୟୋଗ ସମ୍ମାନିତ

କଟକ,୧୪।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରାର ଆୟୋଜନରେ ସଫଳ ରୂପାୟନ ଓ ସହଭାଗିତା ପାଇଁ ଏହାର ଅନ୍ୟତମ ମୁଖ୍ୟ ପୃଷ୍ଠପୋଷକ 'ରୁଚି' ମସଲା ଉଦ୍ୟୋଗକୁ କଟକ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ବମପାଟି କଟକ ବାଲିଯାତ୍ରା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ 'ରୁଚି' ଫୁଡ୍‌ଲାଇନକୁ ସମ୍ମାନିତ କରିଥିଲେ । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପୁରସ୍କାର ପ୍ରଦାନ ମଞ୍ଚରେ ରାଜ୍ୟର ଏହି ପ୍ରମୁଖ ରୁଚି ଶିଳ୍ପୋଦ୍ୟୋଗ ଏବଂ ଏହାର ପ୍ରତିଷ୍ଠାତା ବିଶିଷ୍ଟ ଉଦ୍ୟୋଗୀ ସ୍ୱର୍ଗତଃ ଡ. ଶରତ କୁମାର ସାହୁଙ୍କ ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। 'ରୁଚି' ଅନୁଷ୍ଠାନ ପକ୍ଷରୁ ଏହାର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ରାଜ୍ୟପାଳଙ୍କ ଠାରୁ ଅଙ୍ଗବସ୍ତ୍ର ଓ ସମ୍ମାନଫଳକ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଦୀର୍ଘ ୫୦ ବର୍ଷ ତଳେ କଟକରେ ପ୍ରତିଷ୍ଠା ହୋଇଥିବା ଏହି ଶିଳ୍ପୋଦ୍ୟୋଗ ଦୀର୍ଘବର୍ଷ ଧରି ବାଲିଯାତ୍ରାରେ ଅଂଶଗ୍ରହଣ କରିଆସୁଛି।

## ■ ଠିକା ଶ୍ରମିକ ମୃତ୍ୟୁ ଘଟଣା

# କ୍ଷତିପୂରଣ ପାଇଁ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଆଗରେ ଧାରଣା

ରାୟଗଡ଼ା, ୧୪।୧୧ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ପିତାମହଲ ଗ୍ରାମ ନିକଟରେ ଥିବା ରାୟଗଡ଼ା ଏଲ୍‌ପିଜି ବଟଲିଂ ପ୍ଲାଣ୍ଟରେ କାର୍ଯ୍ୟରତ ଶ୍ରମିକ ଆଲୋକ ବିଶ୍ୱାଳ (୨୫)ଙ୍କ ଗତ ୮ ତାରିଖରେ ମୃତ୍ୟୁ ଘଟିଥିଲା। କ୍ଷତିପୂରଣ ଦାବିରେ ଆଜି ମୃତ ଶ୍ରମିକଙ୍କ ପରିବାର, ସ୍ଥାନୀୟ ସରପଞ୍ଚ ଓ ଅନ୍ୟ ଶ୍ରମିକମାନେ ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଅପରାହ୍ଣରେ ଠିକାସଂସ୍ଥାର କର୍ତ୍ତୃପକ୍ଷ ପହଞ୍ଚି ଆଲୋଚନା କରିବା ପରେ ସମସ୍ତେ ଧାରଣାରୁ ଓହରିଥିବା ଜଣାପଡ଼ିଛି।




ସ୍ଥାନୀୟ ସରପଞ୍ଚ ଟୁଟୁ ତାଡିଙ୍ଗିଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, କିଛି ଦିନ ହେଲା ଆଲୋକ ପେଟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଗତ ୫ ତାରିଖରେ ତାଙ୍କ ଯନ୍ତ୍ରଣା ଅଧିକ ବଢ଼ିବାରୁ ତାଙ୍କୁ ପ୍ରଥମେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଏବଂ ପରେ ୮ ତାରିଖରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଲୋକର ମୃତ୍ୟୁ ହୋଇଥିଲା। ପ୍ଲାଣ୍ଟ ଏବଂ ଠିକା ସଂସ୍ଥାର ଅବହେଳା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସରପଞ୍ଚ ଶ୍ରୀ ତାଡିଙ୍ଗି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଆଲୋକର ଇଏସଆଇ କାର୍ଡରେ କିଛି ତ୍ରୁଟି ଥିବା ବେଳେ ଠିକାସଂସ୍ଥା ପକ୍ଷରୁ ସେଥିପ୍ରତି ଦୃଷ୍ଟି ଦିଆଯାଇନାହିଁ। ଫଳରେ ଉଚ୍ଚ ଚିକିତ୍ସା ପାଇଁ ଆଲୋକଙ୍କ ପରିବାରଲୋକେ ବହୁ ହଇରାଣ ହୋଇଥିଲେ। ତେଣୁ ସଂପୃକ୍ତ ଠିକା ସଂସ୍ଥା କ୍ଷତିପୂରଣ ପ୍ରଦାନ କରିବାକୁ ଶ୍ରୀ ତାଡିଙ୍ଗି ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାରରେ 'ନୀମୋ'..

କରିଛି। ଗତ ନିର୍ବାଚନରେ ଦୁଇ ଅଙ୍କ ଛୁଇଁ ପାରି ନ ଥିବା ଲୋକଜନଶକ୍ତି ପାର୍ଟି ୨୮ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୨୧ଟି ଆସନରେ ବିଜୟୀ ହୋଇଛି ।

କୌତୂହଳର ବିଷୟ ଯେ, ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଅଳ୍ପକେ ବିଜୟୀ ହୋଇ ସମ୍ମାନ ରଖିବାରେ ସକ୍ଷମ ହୋଇଥିଲେ ହେଁ ତାଙ୍କ ଦଳ ଆର୍‌ଜେଡି ମାତ୍ର ୨୫ଟି ଆସନରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ମହାଗଠନବନ୍ଧନର ପ୍ରମୁଖ ସହଯୋଗୀ କଂଗ୍ରେସର ଆସନ ସଂଖ୍ୟା ୬ ମଧ୍ୟରେ ସୀମିତ ରହିଛି। ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋରଙ୍କ ଜନ ସୂରଜ ପାର୍ଟି, ଭିଆଇପି ଆଦି ରାଜନୈତିକ ଦଳ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଗତ ନିର୍ବାଚନ ତୁଳନାରେ ଏନଡିଏ ୭୫ରୁ ଅଧିକ ଆସନ ଲାଭ କରିଛି। ଚଳିତ ନିର୍ବାଚନରେ ଅନ୍ୟତମ ଚର୍ଚ୍ଚିତ ପ୍ରାର୍ଥୀ ତଥା ଲାଲୁ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ମଧ୍ୟ ନିର୍ବାଚନରେ ପରାଜିତ ହୋଇଛନ୍ତି। ଭୋଜପୁରୀ ଅଭିନେତା ଆର୍‌ଜେଡି ପ୍ରାର୍ଥୀ ଖେସାରୀ ଲାଲ ପରାଭବ ଭୋଗିଥିବାବେଳେ ବିଜେପି ପ୍ରାର୍ଥୀ ତଥା ଲୋକଗୀତ ଗାୟିକା ମୈଥିଳୀ ଠାକୁର ଆଲିନଗର ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି । ତେବେ ଅସଦୁଦ୍ଦିନ ଓୱେସୀଙ୍କ ଏଏମ୍ଆଇଏମ୍ ୫ଟି ଆସନ ବଜାୟ ରଖିଛି।

### ବିଜେପି ମଥାରେ...

ବିଧାୟକ ହେବା ସ୍ୱପ୍ନ ସାକାର ହୋଇଛି। ବାପା ରାଜେନ୍ଦ୍ର ଢୋଲକିଆ ୪ ଥରର ବିଧାୟକ ଥିବାବେଳେ ବିଜେଡି ସରକାରରେ ସେ ମନ୍ତ୍ରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି; କିନ୍ତୁ ପିତା ରାଜେନ୍ଦ୍ରଙ୍କ ପରଲୋକ ପରେ ବ୍ୟବସାୟରେ ଲିପ୍ତ ଥିବା ଜୟ ରାଜନୀତିକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ବାପା ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ପରେ ରାଜନୀତିରେ ପାଦ ଥାପିଥିଲେ ଜୟ ଢୋଲକିଆ। ଗତ ଅକ୍ଟୋବର ୧୧ରେ ଅପ୍ରତ୍ୟାଶିତ ଭାବେ ସେ ବିଜେପିରେ ସାମିଲ ହୋଇଥିଲେ ଓ ଦଳୀୟ ଟିକଟରେ ନିର୍ବାଚନ ଲଢ଼ିଥିଲେ। ଏହି ଆସନ ଏବେ ବିଜେପି ହାତକୁ ଚାଲିଯାଇଥିବା ବେଳେ ଉଭୟ ବିଜେଡିକୁ ବଡ଼ ଧକ୍କା ଲାଗିଛି। ଗତ ନିର୍ବାଚନରେ ୫୧ ଆସନରେ ବିଜୟୀ ହୋଇଥିବା ବିଜେଡିର ଆସନ ସଂଖ୍ୟା ଗୋଟିଏ ହ୍ରାସ ପାଇଛି। ସେହିପରି ବିଜେପିର ଆସନ ସଂଖ୍ୟା ବିଧାନସଭାରେ ଗୋଟିଏ ବୃଦ୍ଧି ପାଇଁ ୭୯ରେ ପହଞ୍ଚିଛି। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କର ବିଧାୟକ ହେବାର ସ୍ୱପ୍ନ ଅଧୁରା ରହିଯାଇଛି। ପୂର୍ବରୁ ୫ ଥର ପରାଜୟ ସ୍ୱାଦ ଚାଖିଥିବା ଘାସିରାମ ଏଥର ନିର୍ବାଚନ ଜିତିବା ନେଇ ଆଶାବାଦୀ ଥିଲେ ମଧ୍ୟ ଗତ ନିର୍ବାଚନ ପରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି ।

ବିଜୟୀ ହେବାପରେ ବାପା ରାଜେନ୍ଦ୍ର ଢ଼ୋଲକିଆଙ୍କ ଅଧୁରା ସ୍ୱପ୍ନକୁ ପୂରା କରିବେ ବୋଲି ଦୋହରାଇଛନ୍ତି ଜୟ ଢ଼ୋଲକିଆ। ସେ କହିଛନ୍ତି ଯେ ଏହି ବିଜୟ ନୂଆପଡ଼ାବାସୀଙ୍କର। ଆଗାମୀ ଦିନରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସେ ଦିନରାତି ଏକ କରିଦେବ। ତାଙ୍କର ବିଶାଳ ବିଜୟ ହେବା ପଛରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶ ଆଭିମୁଖ୍ୟକୁ ନୂଆପଡ଼ାବାସୀ ଆସ୍ଥା ପ୍ରକଟ କରିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ୨୦୨୪ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିଲେ। ଆଜିର ଭୋଟଗଣତି ଫଳ ପ୍ରକାଶ ପାଇବା ପରେ ତାଙ୍କୁ ପୁଣିଥରେ ଦ୍ୱିତୀୟ ସ୍ଥାନ ମିଳିଛି। ନୂଆପଡ଼ାବାସୀଙ୍କ ସେବା କରିବା ପାଇଁ ସେ ଏକାଧିକ ଥର ନିର୍ବାଚନ ହାରିଥିଲେ ମଧ୍ୟ ଆଶା ହରାଇନାହାନ୍ତି। ଆଗକୁ ଯେତେ ନିର୍ବାଚନ ହେବ ସେ ନୂଆପଡ଼ାରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ପୁଣି ଥରେ ଘାସିରାମ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

### ଅଭିନନ୍ଦନ ଜଣାଇଲେ...

କରିଥିବା ପ୍ରତ୍ୟେକ ନେତା, କର୍ମୀ ଏବଂ ସମର୍ଥକଙ୍କୁ ନବୀନ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।

ନବୀନ କହିଛନ୍ତି ଯେ ନିର୍ବାଚନ ଆସେ ଏବଂ ଯାଏ; କିନ୍ତୁ ଆମର ମୂଲ୍ୟବୋଧ ଏବଂ ଲୋକଙ୍କ ବିଶ୍ୱାସ ପ୍ରତି ସର୍ବଦା ସମ୍ମାନ ରହିବା ଆବଶ୍ୟକ। ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ଓ ଲୋକଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ଆମ ଅନୁଷ୍ଠାନଗୁଡ଼ିକର ଦାୟିତ୍ୱ। ବିଜେଡି ଅନେକ ଉତ୍ଥାନ-ପତନ ଦେଇ ଗତି କରିଛି। ତଥାପି ଲୋକଙ୍କ ପାଇଁ ଲଢ଼ିବା ପାଇଁ ଆମର ସଂକଳ୍ପ ଅତୁଟ ରହିଛି, ଆଗକୁ ମଧ୍ୟ ଏହା ଜାରି ରହିବ। ଆମ ଦଳ ଲଢ଼ୁଆ ବିଜୁ ବାବୁଙ୍କ ଦ୍ୱାରା ଅନୁପ୍ରାଣିତ। ଓଡ଼ିଶା ଲୋକଙ୍କ ଅଧିକାର ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ପୁନର୍ବାର ନୂଆପଡ଼ାବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ଯେଉଁମାନେ ବିଜେଡିକୁ ଭୋଟ ଦେଇଛନ୍ତି ଏବଂ ଏହି ଉପନିର୍ବାଚନ ପାଇଁ କଠିନ ପରିଶ୍ରମ କରିଥିବା ଦଳର ସମସ୍ତ କର୍ମୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

Phone No. (06854)241159/232714, Email: ceo@koraputccb.com
**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE - 764003: DIST: KORAPUT (ODISHA)
Letter No. 4036/P&S / 2025-26, Date 13.11.2025
**QUOTATION CALL NOTICE**

Sealed quotations are invited from the intending registered firm for making a Gold weighing Machine for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.20.11.2025** by **5.30** P.M latest as per following specification along with **2%** security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **21.11.2025** at **4.30** P.M in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No | Particulars | Qty. required approximately | Proposed installation Site/Places in the KCCB Ltd., Branch bank |
|---|---|---|---|
| 1. | Gold Weighing Machine:<br>Electronic Weighing Scale<br>Make: Contech<br>Model: CTL 600<br>Capacity: 600<br>Readability:0.01g<br>Pan Size: 115<br>Digital display and wind shield<br>Duly verified & stamped by Legal Metrology Deptt. Govt. of Odisha. | 6 | KCCB Ltd., Main, Koraput, Semiliguda, M.V. 79 Branch @ Kalimela, Gunupur & Padmapur Branch. |

The above items should be quoted including GST, Transportation, Delivery/Supply at the above Branch Bank of the Koraput Central Cooperative Bank Ltd., Jeypore (within undivided Koraput District) including installation/charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies The authority reserves the right to reject all or any quotations without assigning any reason thereof Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik Manager P&S, KCC Bank Ltd., Head Office, Jeypore. Mobile No.: 9777519964.

**Secretary**
**Koraput Central Cooperative Bank Ltd.,**
**Jeypore**

**AFFIDAVIT**

I Mohammed Salauddin, S/o.: Md Nazar Mohiuddin, At: Bazar Sahi, PO/PS-Dhamnagar, Dist.: Bhadrak, PIN-756117, Odisha. declare by this affidavit No. 53296 Dated. 12.11.2025 that now onwards I shall be known as **Md Salauddin** for all future purposes

**AFFIDAVIT**

By virtue of an affidavit No.51 sworn before The Executive Magistrate, Bhubaneswar, dated: 28/10/2025, I, Sai Omm Sahoo, S/O- Debarchan Sahoo, resident of: Plot No.36/403, Lenkudi, Ranga Bazar, Bhubaneswar, Dist: Khorda, PIN: 752100, Odisha declare that I have changed my name from Sai Omm Santosh Kumar Sahoo to Sai Omm Sahoo. Henceforth, I shall be known as Sai Omm Sahoo for all purposes.
**Sai Omm Sahoo**

**AFFIDAVIT**

I Manoja Kumar Padhi, Resident of Plot No.: EB 723, Badagada Brit Colony, Bhaskareswar Temple, Bhubaneswar, Khordha, Odisha-751018, Odisha Declare by this Affidavit No.: 37, Date: 13.11.2025, that now onwards, I shall be known as **Manoj Kumar Padhi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar. CF No:- 106 on dated 11.11.2025.I Nilanchala Patro, Son of Late.Panchanana Patro, Resident at: - Khilabadi,PO/PS:-Surada. Dist. Ganjam. PIN. 761108. Odisha. declare that' I have changed my Son's name from Rudranshu Patro to Rudransh Patro.Henceforth He shall be known as **RUDRANSH PATRO** for all future purposes.
**Nilanchala Patro**

**NOTICE**

By virtue of an affidavit sworn before The Executive Magistrate, Bhubaneswar, dated 14.11.2025 I, Mr. Subash Jena, Address At-Salia Sahi, Mahabir Nagar, PO-RRL, Ps- Nayapalli, Bhubaneswar, Dist-Khordha, odisha-751013 declare that I have changed my Daughter's name from Liza Jena to Deepti Mahi Jena Henceforth, she shall be known as **Deepti Mahi Jena** for all purposes.
**Sd/- Subash Jena**

**AFFIDAVIT**

By virtue of an affidavit sworn before the Executive Magistrate Bhubaneswar, vide no.18 dtd.10.11.2025, I Rasmita Bhoi, D/o- Ghania Bhoi resident of Kaliakera, Po.- Gabakund, Ps.- Chandanpur, Dist.-Puri, Odisha-752045 state that,my actual and correct name is Rasmita Bhoi, Date of Birth is 01.12.2003 but in my Aadhar card my name has been wrongly mentioned as Bangu Bhoi & Date of Birth 20.05.2005. That, **Rasmita Bhoi** and **Bangu Bhoi** is one and same person who is myself.

**SALE**

01 Number of TATA ACE GOLD PETROL CX/2023, Registration No.- OD-15-W-3690, Model-2023, - ENGINE NO – 275MPFI02AWXS13076, CHASSIS NO - MAT559023PZA02822, For Details, Contact – 9437019531, SUNDARAM FINANCE LTD., 1ST FLOOR, SABAT COMPLEX, NEAR WESCO OFFICE, AINTHAPALLI , PO/DIST- SAMBALPUR-768004

# ସାଇବାବାଙ୍କ ଫଟୋରୁ ଝରୁଛି ବିଭୂତି!



କଲ୍ୟାଣସିଂହପୁର,୧୪।୧୧(ସମିସ): ସାଇବାବାଙ୍କ ଫଟୋରୁ ଝରୁଛି ବିଭୁତି। ଏଭଳି ଦାବି କରିଛନ୍ତି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ମାଝିଗୁଡା ପଞ୍ଚାୟତ ସଦର ବ୍ୟାଙ୍କ ସାହିର ପି ସାବିତ୍ରୀ ଆମାଙ୍କ ପରିବାର ଲୋକେ। ସେମାନେ କହିଛନ୍ତି ଯେ ୨୦୦୭ ମସିହା ଶ୍ରୀ ଗୁଣ୍ଡିଚା ବେଳେ ବିଭୁତି ବାହାରି ବାହୁଡ଼ା ବେଳେ ବନ୍ଦ ହୋଇଥିଲା। ପୁଣି ୧୮ ବର୍ଷ ପରେ ଗତ ମଙ୍ଗଳବାର ସନ୍ଧ୍ୟା ୬ରେ ସବିତ୍ରୀଙ୍କ ସାଙ୍ଗ ଆପାଲା ନର୍ସିମା ବାବାଙ୍କ ଫୋଟୋରେ ଏକ ରଙ୍ଗୀନ ଉଜ୍ଜଳ ଆଲୋକ ହେଉଥିବା ଦେଖି ସାଙ୍ଗେ ସାଙ୍ଗେ ସାବିତ୍ରୀ ଆମାକୁ ଜଣାଇଥିଲା। ସାହି ପଡିଶାଙ୍କୁ କହିଥିଲେ। ବର୍ତ୍ତମାନ ଆଖପାଖ ଅଞ୍ଚଳରୁ ଲୋକମାନେ ଯାଇ ସାଇ ବାବାଙ୍କ ଫଟୋର ମଥାରୁ ବାହାରୁଥିବା ବିଭୁତିକୁ ଦର୍ଶନ କରି ଆସୁଥିବା ଦେଖିବାକୁ ମିଳିଛି। ସାବିତ୍ରୀ ଆମା କହିବା ସୂଚନା ଅନୁଯାୟୀ ସେ ମେ ମାସରେ ବହୁତ ଅସୁସ୍ଥ ହୋଇ କୋମାକୁ ଚାଲିଯାଇଥିଲେ। ତାଙ୍କୁ ଦେଖି ଡାକ୍ତର ବଞ୍ଚିବ ନାହିଁ ବୋଲି କହିଥିବା ବେଳେ ତାଙ୍କୁ ସାଇବାବା ବଞ୍ଚାଇ ଥିବା ସେ କହୁଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଶିଶୁ ଦିବସ ପାଳିତ





ରାୟଗଡା,୧୪।୧୧ (ସମିସ): ରାୟଗଡା ସହରର ସ୍ଥାନୀୟ ନ୍ୟୁ କଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ଭିଏସ୍ ରାଜୁ ଯୋଗଦେଇ ବିଦ୍ୟାଳୟର ଶିଶୁ ବିକାଶ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତଥା ଆଜାଦ୍ ହିନ୍ଦ୍ ୟୁଥ୍ ଆସୋସିଏସନ୍‌ର ଉପ ସଭାପତି ନୀଳମଣି ପାଟ୍ଟଯୋଶୀ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷା ସଂଯୋଜିକା ସୁନୀତା ଖାଡାଙ୍ଗାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପୁରସ୍କାର ବିତରଣ କରାଯାଇଥିଲା। ଏହି ଉତ୍ସବରେ ଅଭିଭାବକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମମତା ରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ





ମାଥିଲି, ୧୪ ।୧୧ (ସମିସ): ଅନ୍‌ଲାଇନ ଓ ସାଇବର ଠକେଇ ରୋକିବା ଓ ସୁରକ୍ଷିତ ରହିବା ପାଇଁ ମାଲକାନଗିରି ଜିଲ୍ଲା ମାଥିଲି ଥାନା ପକ୍ଷରୁ ମାଥିଲି ସଦର ମହକୁମା ଦୁର୍ଗା ମଣ୍ଡପ ଠାରେ ସାଇବର ଠକେଇ ଓ ସୁରକ୍ଷିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମ ମାଥିଲି ଥାନା ଠାରୁ ସାଇବର ଠକେଇ ସଚେତନତା ରଥ ବାହାରି ଏକ ବିରାଟ ଶୋଭାଯାତ୍ରାରେ ମାଥିଲି ବଜାର ପରିକ୍ରମା କରି ସଦର ମହକୁମା ଠାରେ ଥିବା ଦୁର୍ଗା ମଣ୍ଡପ ଠାରେ ମାଥିଲି ଥାନା ଓ ଜିଲ୍ଲା ପୋଲିସ ତରଫରୁ ମୁଖ୍ୟ ଅତିଥି ଭାବରେ ଦିବ୍ୟ ରଞ୍ଜନ ଦଳେଇ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ମାଥିଲି ବ୍ଲକ ଉପାଧ୍ୟକ୍ଷା ଦେବକୀ ଦଳେଇ, ଜିଲ୍ଲା ପରିଷଦ ଜୋନ-୩ସଭ୍ୟା ସସ୍ମିତା ମାଝୀ ଜୋନ- ୧ର ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ର ସାଂସଦ ବ୍ଲକ ପ୍ରତିନିଧି ବନମାଳୀ ବରଜା, ପ୍ରେରଣା ମହିଳା ଟ୍ରଷ୍ଟର ସଭାନେତ୍ରୀ ସନ୍ତୋଷିନୀ ପାତ୍ର, ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ୍ୟା ଲୋପାମୁଦ୍ରା ମହାପାତ୍ର ଯୋଗ ଦେଇ ଏକ ବିରାଟ ସଚେତନତା ସଭାର ଆୟୋଜନ କରିଥିଲେ। ଏହି ସଭାରେ ମାଥିଲି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବହୁ ଜନସମାଗମ ହୋଇଥଲା। କାର୍ଯ୍ୟକ୍ରମକୁ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ପରିଚାଳନା କରିଥିବା ବେଳେ ଥାନାର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ସୂର୍ଯ୍ୟମୁଖୀ ବିହନ ଦେଇ ହରଡ଼ଘଣାରେ ଚାଷୀ

# କୃଷି ଓ ଲ୍ୟାମ୍ପ୍‌ସ ଅଧିକାରୀଙ୍କ ସନ୍ଦେହଜନକ କାର୍ଯ୍ୟ




କଲ୍ୟାଣସିଂହପୁର,୧୪।୧୧(ସମିସ): ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକ ଏକ କୃଷି ବହୁଳ ବ୍ଲକ। ଏଠି ସମସ୍ତ ପ୍ରକାର ବିହନ କ୍ରୟ ଠୁ ଆରମ୍ଭ କରି ଫସଲ ବିକ୍ରି ପର୍ଯ୍ୟନ୍ତ ଚାଷୀ ନିର୍ଯ୍ୟାତିତ ଓ ଠକମୀର ଶିକାର ହୁଅନ୍ତି କହିଲେ ଭୁଲ ହେବନାହିଁ। ଏଠି ଧାନ, ମାଣ୍ଡିଆ, କାନ୍ଦୁଲ, ଝୁଡୁଙ୍ଗ, କପା, ବିରିରେ ଠକମୀର ଶିକାର ହେଉଥବା ନେଳେ ବର୍ତମାନ ସୂର୍ଯ୍ୟମୁଖୀ ବିହନ ଖୁଦ ସରକାରୀ ସଂସ୍ଥାକୁ ବିକ୍ରି କରି ଠକମୀର ଶିକାର ହେବା ସହ କୃଷି ଅଧିକାରୀ ଓ ଲ୍ୟାମ୍ପ ଏମଡିଙ୍କ ଭୂମିକା ସନ୍ଦେହ ଘେରକୁ ଆସିଯାଇଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ବ୍ଲକ୍‌ର ୯ ଜଣ ଚାଷୀ ୧୬ କ୍ୱିଣ୍ଟାଲ ସୂର୍ଯ୍ୟମୁଖୀ ବିହନ ମାର୍କଫେଡକୁ ବିକ୍ରି କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଚାଷୀ କଷ୍ଟାର୍ଜିତ ପ୍ରାପ୍ୟ ପାଇନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଚାଷୀମାନେ। ଏହି କିଣା ଓ ବିକାକୁ ନେଇ ସନ୍ଦେହରେ ଛନ୍ଦି ହୋଇ ଯାଇଛନ୍ତି ଲ୍ୟାମ୍ପସ୍ ଏମ୍‌ଡି ଓ କୃଷି ଅଧିକାରୀ। ଚଳିତ ବର୍ଷ ଜୁଲାଇ ମାସରେ କଲ୍ୟାଣସିଂହପୁର ବ୍ଲକ କୃଷି ବିଭାଗ ସ୍ଥାନୀୟ ଲ୍ୟାମ୍ପ୍‌ସ ସହାୟତାରେ ବୁଢ଼ାଗୁଡା ଆରଏମ୍‌ସି ଜରିଆରେ ଚାଷୀଙ୍କ ନିକଟରୁ ସୂର୍ଯ୍ୟମୂଖୀ ବିହନ କିଣିଥିଲା। ପାଞ୍ଚ ମାସ ବିତିଗଲାଣି, ହେଲେ ଚାଷୀ ସରକାରଙ୍କୁ ବିକ୍ରି କରିଥିବା ବିହନର ମୂଲ୍ୟ ମିଳିପାରିଲା ନାହିଁ। ଟଙ୍କା ମାଗିଲେ କୃଷି ବିଭାଗ ଲ୍ୟାମ୍ପ୍‌ସ ଦେବ ବୋଲି କହୁଛି। ଲ୍ୟାମ୍ପ୍‌ସକୁ ମାଗିଲେ, ଆମେ ମାଧ୍ୟମ କୃଷି ଓ ମାର୍କଫେଡ଼ ଦେବ ବୋଲି କହୁଛନ୍ତି। ମାର୍କଫେଡ୍ ଅଧିକାରୀ ବିହନର ମାନ ନିରୂପଣ ପରେ କିଣିଥିଲେ ମଧ୍ୟ ପ୍ରାପ୍ୟ ପ୍ରଦାନରେ ବିଳମ୍ବ କରୁଛନ୍ତି ବୋଲି କୃଷି ବିଭାଗ କହୁଛି। ଉଭୟଙ୍କ ମଧ୍ୟରେ କାଦୁଅ ଫାପଡାଫୋପଡ଼ି ଘଟଣା ସନ୍ଦେହ ଘେରକୁ ଆସିଯାଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିହନ ବିକା ଟଙ୍କା ପାଇବାରେ ବିଳମ୍ବକୁ ନେଇ କଲ୍ୟାଣସିଂହପୁରରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଚାଷୀ ଅଭିଯୋଗ କରିଥିଲେ। ତଥାପି ସୁଫଳ ମିଳିପାରିନି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କୃଷି ବିଭାଗ ବେଖାତିରି କଲା। ଜିଲ୍ଲାପାଳ ନିର୍ଦ୍ଦେଶ ଦେଇନାହାନ୍ତି ବୋଲି ଆଲୋଚନା ହେଉଛି। ବ୍ଲକର ସିଙ୍ଗାରି ପଞ୍ଚାୟତ କରଞ୍ଜା ଗ୍ରାମର ଗୋପାଳ କୁରୁଡ଼ିଆ ସୁନାଖଣ୍ଡି ପଞ୍ଚାୟତ ମନେଇଗୁଡ଼ା ଗ୍ରାମର ଚାଷୀ ରାମ ନିସିକା, କଲ୍ୟାଣସିଂହପୁର ତେଲ ମିଲର ମାଲିକ ଚନ୍ଦନ ଖାଡ଼ଙ୍ଗା ସରକାରଙ୍କ ଠାରେ ବିକ୍ରି କରିଥିଲେ। ଟଙ୍କା ମିଳିବା ବିଳମ୍ବ ହେବାରୁ ଲ୍ୟାମ୍ପ୍‌ସ ଓ କୃଷି ବିଭାଗକୁ ଦାୟୀ କରିଥିଲେ। ଏ ସମ୍ପର୍କରେ କଲ୍ୟାଣସିଂହପୁର ଲ୍ୟାମ୍ପ୍‌ସ ପରିଚାଳନା ନିର୍ଦ୍ଦେଶକ ତାରିଣୀ ତ୍ରିପାଠୀ, ବ୍ଲକ୍ କୃଷି ଅଧିକାରୀ ସୁଜିତ କୁମାର ପାଢ଼ୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ମାର୍କଫେଡ୍‌କୁ ଦୋଷ ଦେଇ ଉଭୟ ବିଭାଗ ଅଧିକାରୀ ଖସିଯିବାକୁ ବସିଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, କଲ୍ୟାଣସିଂହପୁର ବ୍ଲକ୍ ସେରିଗୁମ୍ମା ପଞ୍ଚାୟତର ଜଣେ, ଶିକରପାଇ ଦୁଇ, ସୁନାଖଣ୍ଡିର ଜଣେ, କଲ୍ୟାଣସିଂହପୁରର ଜଣେ, ସିଙ୍ଗାରିର ଜଣେ, ପୂଜାରିଗୁଡ଼ାର ଜଣେ ଚାଷୀ ସୂର୍ଯ୍ୟମୂଖୀ ବିହନ ବିକ୍ରି କରିଥିଲେ। ଏ ନେଇ ମାର୍କଫେଡର ଏରିଆ ମ୍ୟାନେଜର ରଶ୍ମି ରଞ୍ଜନ ବିଶ୍ୱାଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନି।

# ବ୍ଲକ୍‌ସ୍ତରୀୟ ସରଗି ଫୁଲ ୨୦୨୫

ମାଥିଲି,୧୪ ।୧୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗମ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମାଥିଲି ବ୍ଲକ ସ୍ତରୀୟ ସରଗୀ ଫୁଲ ୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତି ରଞ୍ଜନ, ପାଙ୍ଗମ ସରପଞ୍ଚ ଇନ୍ଦ୍ର ନାୟକ, ଚାଉଳମେନ୍ଦି ସରପଞ୍ଚ ଜଳନ୍ଦର ନାୟକ, ଜିଲ୍ଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ମାଥିଲି ଅଧ୍ୟାପକ ପ୍ରଦୀପ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥିତି ଅତିଥି ଛାତ୍ରଛାତ୍ରୀଙ୍କ ଶିକ୍ଷା ପ୍ରତି ଆତ୍ମ ବିଶ୍ୱାସ ଜାଗ୍ରତ କରାଇବା ସମସ୍ତଙ୍କର ଦାୟିତ୍ୱ ରହିବା ଦରକାର ବୋଲି ଅଭିହିତ କରିଥିଲେ। ସମସ୍ତ ଶିକ୍ଷା ଅନୁଷ୍ଠାନର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। କୃତି ଛାତ୍ରୀ ଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଆଇଟିଡିଏ ବିଭାଗର ମନମୁଖୀ କାର୍ଯ୍ୟ

# ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାତିଅଧରେ ଚାଲୁଛି ଛାତ ଢଳେଇ



କୋରୁକୋଣ୍ଡା,୧୪ ।୧୧(ସମିସ):ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ମାରିୱାଡା ଗ୍ରାମପଞ୍ଚାୟତ ସଦର ମାରିୱାଡା ଆଶ୍ରମ ବିଦ୍ୟାଳୟରେ ପିଏସ୍‌ଏଚ୍ ୪୦ ଶଯ୍ୟା ବିଶିଷ୍ଟ ଏକ ନୂତନ ୨ ମହଲା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ନିମନ୍ତେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ୧ କୋଟି ୬୧ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୁକା ପୂଜାରୀଙ୍କ ଅଭିଯୋଗ ଅନୁଯାୟୀ, ନିର୍ମାଣ କାର୍ଯ୍ୟ ବହୁ ନିମ୍ନମାନର ହେଉଥିଲେ ମଧ୍ୟ ନା ବିଭାଗୀୟ ଅଧିକାରୀ ଶୁଣୁଛନ୍ତି ନା ଠିକାଦାର। ଯେପରିକି ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ନିର୍ମାଣ କାର୍ଯ୍ୟ। କୋଠାର ପ୍ରଥମ ମହଲା ଛାତ ପଡିବା ସମୟରେ ବର୍ଷା ହେଉଥିଲେ ମଧ୍ୟ ଛାତ ପଡିଥିବା ବେଳେ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ କିମ୍ବା କନିଷ୍ଠ ଯନ୍ତ୍ରୀଙ୍କର ଦେଖା ମିଳି ନଥିଲା। ଟେଣ୍ଡର ପାଇଥିବା ଠିକାଦାରଙ୍କ ମଧ୍ୟ ଦେଖା ମିଳିନଥିଲା। କେବଳ ମାତ୍ର ଠିକାଦାରଙ୍କ ୨ ମେଟଙ୍କ ଉପସ୍ଥିତି ସେଠାରେ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ଦ୍ୱିତୀୟ ମହଲା ଟିର ଛାତ ନିର୍ମାଣ କାର୍ଯ୍ୟ ମଧ୍ୟ ଠିକାଦାର ଦିନ ଦ୍ୱିପହରୁ ପକାଇବା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ମଧ୍ୟରାତ୍ର ପର୍ଯ୍ୟନ୍ତ କାମ ଚାଲିଥିବା ଦେଖିବାକୁ ମିଳିଥିଲା। ପ୍ରାୟ ୬ ଘଣ୍ଟା ଧରି ରାତ୍ର ସମୟରେ ନୂତନ ଛାତ ନିର୍ମାଣ କାମ ଚାଲିଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଯନ୍ତ୍ରୀ କିମ୍ବା ସହକାରୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟରେ ଉପସ୍ଥିତ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏହି କୋଠା ନିର୍ମାଣର ପ୍ରଥମ ଛାତ ପଡିବା ସମୟରେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତି ଦେଖା ମିଳି ନଥିବା ବେଳେ ବର୍ତ୍ତମାନ ପୁନଃ ମଧ୍ୟ ସେହିପରି ସମାନ ସ୍ଥିତି ଦେଖିବାକୁ ମିଳିଛି। ଯାହାକି ଠିକାଦାରଙ୍କୁ ସୁହାଇଲା ପରି ଏପରି ନିମ୍ନ ମାନର କାର୍ଯ୍ୟ କରିବାକୁ ଆଇଟିଡିଏ ବିଭାଗ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀ ସାହସ ଦେଉଥିବା ସାଧାରଣରେ ଆଲୋଚନା ହେଉଛି। ଏପରି ନିମ୍ନମାନର କାର୍ଯ୍ୟ ହେତୁ ଯଦି ଆଗାମୀ ଭବିଷ୍ୟତରେ ଛାତଟି ଭୁଶୁଡ଼ି ପଡେ। ଏଥିପାଇଁ ସମ୍ପୃକ୍ତ ଠିକାଦାର ଏବଂ ଯନ୍ତ୍ରୀ ଦାୟୀ ରହିବେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ପୂଜାରୀ କହିଛନ୍ତି। ଏନେଇ ଆମେ କନିଷ୍ଠ ଯନ୍ତ୍ରୀ ଚନ୍ଦନ କୁମାର ଦଳେଇଙ୍କୁ ଫୋନ ମାଧ୍ୟମରେ ଯୋଗେ ଯୋଗାଯୋଗ କରିବାରୁ ଆମ ଚେଷ୍ଟା କରିଥିଲେ ମଧ୍ୟ ସେ ଆମ ଫୋନ ଗ୍ରହଣ କରିନଥିବା କାରଣରୁ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଗୁଡାରୀରୁ ସରକାରୀ ବସ୍ ଚଳାଚଳ କେବେ?

ଗୁଡାରୀ,୧୪।୧୧(ସମିସ): ଗୁଡାରୀରୁ ଭୁବନେଶ୍ୱର କିମ୍ବା ଜିଲ୍ଲା ମହକୁମା ଯିବା ପାଇଁ ସରକାରୀ ବସ୍‌ର ସୁବିଧା ନାହିଁ। ଗୁଡାରୀ ଠାରୁ ରାତ୍ରି ସମୟରେ ଯାତାୟତ କରିବାକୁ ହେଲେ ଏଠାରୁ ୧୮ କିମି ଦୂରରେ ଥିବା ଗୁମୁଡ଼ା ଉପରେ ନିର୍ଭର କରିବାକୁ ପଡିଥାଏ। ଓଡ଼ିଶା ରାଜ୍ୟ ପରିବହନ ବିଭାଗ ତରଫରୁ ଗତ ଜୁଲାଇ ୨୨ ତାରିଖରେ ରାଜ୍ୟ ସରକାରଙ୍କ ଚିଠି ନମ୍ବର ୯୫୨ ଅନୁସାରେ ଗୁଡାରୀ ଠାରୁ ଜୟପୁର, ବିଶାଖାପାଟନା ଏବଂ ଭୁବନେଶ୍ୱରକୁ ତିନୋଟି ସରକାରୀ ବସ୍ ଚଳାଚଳ କରିବା ଅନୁମତି ମିଳିଛି । କିନ୍ତୁ ଇତିମଧ୍ୟରେ ତିନି ମାସ ବିତିଯାଇଛି, କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାର କାରଣ ଅସ୍ପଷ୍ଟ ରହିଛି। ବିକାଶ ଆଡକୁ ଗତି କରୁଥିବା ଗୁଡାରୀ ସହର ମୁଖ୍ୟ ସମସ୍ୟା ପାଲଟିଛି ସରକାରୀ ବସ୍ ସେବା। ୮୦ରୁ ଶହେ ଖଣ୍ଡ ଗ୍ରାମକୁ ନେଇ ଗଠନ କରାଯାଇଥିବା ଗୁଡାରୀ ବ୍ଲକ୍‌ର ସାଧାରଣ ଲୋକେ ରାଜଧାନି କିମ୍ବା ସ୍ୱାସ୍ଥ୍ୟ ପାଇଁ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଉପରେ ନିର୍ଭର କରିବାକୁ ପଡିଥାଏ । କିନ୍ତ ଆଜି ପର୍ଯ୍ୟନ୍ତ ସରକାରୀ ସ୍ତରରେ ଗମନାଗମନ ପାଇଁ ବିଶେଷ ସୁବିଧା ନାହିଁ। ଏମିତିରେ ପରିଷଦର ଲୋକ କିଛି ମାସ ତଳେ ତିନୋଟି ସରକାରୀ ବସ୍ ଚଳାଚଳ କରିବା ପାଇଁ ରାଜ୍ୟ ସରକାରକୁ ଅନୁମୋଦନ କରିଥିବା ଶୁଣିବା ପରେ ଖୁସି ବ୍ୟକ୍ତ କରିଥିଲେ। ଗତ ଶୁକ୍ରବାର ଦିନ ଡିଏମ୍,ଆର ସଞ୍ଜୟ ମିଶ୍ରଙ୍କୁ ଫୋନ ମାଧ୍ୟମରେ ଯୋଗଯୋଗ କରିବାରେ ଶ୍ରୀ ମିଶ୍ର କହିଛନ୍ତି ଆମର ସମସ୍ତ ସର୍ଭେର୍ କାମ ଶେଷ ହୋଇଛି। କିନ୍ତୁ ପରିଷଦକୁ କେବେ ବସ୍ ସେବା କାର୍ଯ୍ୟକ୍ଷମ ହେବ କହିବା ସମ୍ଭବ ନୁହେଁ। ଏଥିରୁ ଜଣାପଡ଼ିଛି, ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନର ଦୂରଦୃଷ୍ଟିର ଅଭାବ ଯୋଗୁଁ ଆଜି ସରକାରୀ ବସ୍ ଚଳାଚଳ କରିବାରେ ବାଧା ସୃଷ୍ଟି କରୁଛି। ଏମିତିରେ ଗତ ସାଧାରଣ ନିର୍ବାଚନରେ ରାୟଗଡ଼ା ଜିଲ୍ଲାର ତିନୋଟି ନିର୍ବାଚନ ମଣ୍ଡଳି କଂଗ୍ରେସ ଅଧିନକୁ ଯାଇଛି । ଏଣୁ ରାଜ୍ୟ ସରକାର ପାତରଅନ୍ତର ନୀତି ଅପଣେଇ ଥିବା ସାଧାରଣରେ ଚର୍ଚ୍ଚା ଲାଗିରହିଛି। ସରକାର ଏହାକୁ କେବେ କାର୍ଯ୍ୟକାରୀ କରୁଛନ୍ତି, ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ଜେଇ ବିରୁଦ୍ଧରେ ପଞ୍ଚାୟତ ପ୍ରତିନିଧି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୪।୧୧(ସମିସ): ବୈପାରିଗୁଡ଼ା ବ୍ଲକ୍ ବୋଦାପୁଟ ପଞ୍ଚାୟତ ଦାୟିତ୍ୱରେ ଥିବା ଜଣେ କନିଷ୍ଠ ଯନ୍ତ୍ରୀ ଏକ ଏଷ୍ଟିମେଟ କରିବା ପାଇଁ ୨୦/୩୦ ହଜାର ଓ ପ୍ରତି ବିଲରେ ୩୦ ପ୍ରତିଶତ ଲାଞ୍ଚ ଦାବି କରୁଥିବା ଅଭିଯୋଗ କରି ପଞ୍ଚାୟତ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରତିନିଧି ମାନଙ୍କ ଅଭିଯୋଗ ଅନୁଯାୟୀ ସେ ଗତ ୮-୯ ମାସ ହେଲା ବୋଦାପୁଟ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ଠାରୁ ପଞ୍ଚାୟତରେ ବିକାଶ ମୂଳକ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ମନରେଗା ଯୋଜନାରେ ଏଷ୍ଟିମେଟ୍ କରିବା ପାଇଁ ଗୋଟେ ପ୍ରକଳ୍ପ ବାବଦରେ ୩୦ ହଜାର ଟଙ୍କା ଦାବି କରୁଥିବା ବେଳେ ଅନ୍ୟାନ୍ୟ କାମରେ ବିଲର ୩୦ ପ୍ରତିଶତ ଲାଞ୍ଚ ଦାବି କରୁଥିବା ଅଭିଯୋଗ ଉଠାଇଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ମାନସିକତାକୁ ନେଇ ପଞ୍ଚାୟତ ପ୍ରତିନିଧି ଏବଂ ସାଧାରଣ ଲୋକ ଅତିଷ୍ଠ ହୋଇ ପଡ଼ିଛନ୍ତି। ତେଣୁ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ବୋଦାପୁଟ ନାଏବ ସରପଞ୍ଚ ନରସିଂହ ହନ୍ତାଳ, ସମିତି ସଭ୍ୟା କମଳା ହରିଜନ ପ୍ରମୁଖଙ୍କ ନେତୃତ୍ୱରେ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ଲାଞ୍ଚୁଆ ଯନ୍ତ୍ରୀଙ୍କୁ ବଦଳି କରିବା ନିମନ୍ତେ ଦାବି କରିଛନ୍ତି।

# ଅମ୍ବାଦଳା ବିଜେପି ପାଳିଲା ବିଜୟ ଦିବସ

ଅମ୍ବାଦଳା,୧୪ ।୧୧(ସମିସ): ବିହାରରେ ବିଜେପିର ବିପୁଳ ବିଜୟ ଓ ଓଡ଼ିଶାର ନୂଆପଡ଼ା ଉପ ନିର୍ବାଚନରେ ବିଜେପିର ବିଧାୟକ ପ୍ରାର୍ଥୀ ଜୟ ଢୋଲକିଆଙ୍କ ବିଜୟକୁ ଦେଇ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ୍ ଆମ୍ବାଦଳା ମଣ୍ଡଳରେ ବିଜୟ ଉତ୍ସବ ପାଳନ ହୋଇଯାଇଛି। ଅମ୍ବାଦଳା ମଣ୍ଡଳ ସଭାପତି ଅନନ୍ତ ମାଲଦୋରାଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିବା ସହ ଆତାସବାଜି ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରିବା ସହ ଭାରତ ମାତକି ଜୟ, ବିଜେପି ଜିନ୍ଦାବାଦ ନାରା ଦେଇଥିଲେ। ବିହାରର ବିଜୟ ସମସ୍ତ ଦେଶବାସୀଙ୍କ ପାଇଁ ଏକ ବାର୍ତ୍ତା ବୋଲି କହିଛନ୍ତି ଅମ୍ବାଦଳା ମଣ୍ଡଳ ସଭାପତି ଅନନ୍ତ ମାଲଦୋରା। ଏହି ଉତ୍ସବରେ ବରିଷ୍ଠ ବିଜେପି ନେତା ଭିକାରୀ ନାହାକଙ୍କ ସମେତ ରବିନ୍ଦ୍ର ବିଶ୍ୱାଳ, ହରେକୃଷ୍ଣ ବେହେରା, ସୀମାଞ୍ଚଳ ପାତ୍ର, ଡମ୍ବୁର ହଂସ, ହରେନ୍ଦ୍ର ଗୌଡ, ଅଶୋକ ପୂଜାରୀ, ପିଣ୍ଟୁ ମହାନ୍ତି, ନରତମ ସୁନା ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମି ଉପସ୍ଥିତ ରହିଥିଲେ।

## 'ଆସ ସ୍କୁଲ ଯିବା' ଅଭିଯାନ

# ୨୯୫ ଜଣ ଶିଶୁ ମୁଖ୍ୟସ୍ରୋତକୁ ଫେରିଲେ





ରାୟଗଡ଼ା,୧୪।୧୧(ସମିସ): ରାୟଗଡ଼ା ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ ଶୁକ୍ରବାର ଦିନ କୁମ୍ଭିକୋଟା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସମଗ୍ର ଶିକ୍ଷା ତରଫରୁ ଏହି କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ପ୍ରାରମ୍ଭରେ ଏକ ବିଶାଳ ରାଲି କୁମ୍ଭିକୋଟା ଗ୍ରାମପଞ୍ଚାୟତ ସଦର ମହକୁମାର ପ୍ରତ୍ୟେକ ସାହି ବୁଲି ଅଧାରୁ ପାଠ ଛାଡିଥିବା ଶିଶୁଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ସଚେତନ କରାଯାଇଥିଲା। ଶହ ଶହ ଛାତ୍ର,ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବିଭିନ୍ନ ବ୍ଲକରୁ ଆସିଥିବା ଏବିଇଓ, ସିଆରସିସି, ସରପଞ୍ଚ ଓ ନିର୍ବାଚିତ ପ୍ରତିନିଧି ରାଲିରେ ସାମିଲ ହୋଇଥିଲେ। ପରେ କୁମ୍ଭିକୋଟା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧୀକାରୀ ଭଜନଲାଲ ମାଝୀ ଓ ଶାନ୍ତିଲତା ମୁନୀ, କାଶିପୁର ଗୋଷ୍ଠୀ ଶିକ୍ଷାଧିକାରୀ ଉମର ସିଂ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରକାଶ କୁମାର ନାୟକ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇଶ୍ୱର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଶିଶୁଦିବସ ପାଳନ ପୂର୍ବକ ଚାଚା ନେହେରୁଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଅତିଥିବୃନ୍ଦ ଉକ୍ତ ଦିବସର ମହତ୍ୱ ବଖାଣିବା ସହ ଆସ ସ୍କୁଲ ଯିବା ଅଭିଯାନର ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରିଥିଲେ। ଅଧାରୁ ପାଠ ଛାଡୁଥିବା,ଆଦୌ ନାମ ଲେଖାଇ ନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିବୃନ୍ଦ କହିଥିଲେ। ପ୍ରକାଶ ଥାଉକି, ସ୍କୁଲ ବାହାରେ ଥିବା ଶିଶୁଙ୍କୁ ଚିହ୍ନଟ କରିବା ନିମନ୍ତେ ଜିଲ୍ଲାରେ ଗୃହ ପରିଦର୍ଶନ ସର୍ଭେକ୍ଷଣ କରାଯାଇ ମୋଟ ଶତର ହଜାର ନଅ ଶହ ଚବିଶି ଜଣ ଶିଶୁଙ୍କୁ ଚିହ୍ନଟ କରାଯାଇଥିଲା। ସେଥି ମଧ୍ୟରୁ ଚାରି ହଜାର ଆଠଶହ ଏଗାର ଜଣଙ୍କୁ ବିଭିନ୍ନ ବିଦ୍ୟାଳୟ ତଥା ମୁକ୍ତ ବିଦ୍ୟାଳୟରେ ନାମଲେଖାଇ ମୁଖ୍ୟସ୍ରୋତକୁ ଅଣାଯାଇଛି। ଶୁକ୍ରବାର ଏକଦିନରେ ଏଗାର ଗୋଟି ବ୍ଲକରେ ମୋଟ ଦୁଇଶହ ପଞ୍ଚାନବେ ଜଣଙ୍କୁ ବିଦ୍ୟାଳୟ ତଥା ମୁକ୍ତ ବିଦ୍ୟାଳୟରେ ନାମ ଲେଖା ଯାଇଥିବା ଏଡିଇଓ ଭଜନଲାଲ ମାଝୀ କହିଛନ୍ତି। କୁମ୍ଭିକୋଟା ଠାରେ ୮୮ ସହ ରାୟଗଡ଼ା ବ୍ଲକରେ ୧୨୬, ବିଷମକଟକରେ ୩୦, ଚନ୍ଦ୍ରପୁରରେ ୧୫, ଗୁଡାରୀରେ ୧୦, ଗୁଣୁପୁରରୁ ୧୬, କଲ୍ୟାଣସିଂହପୁର ୩୦, କାଶିପୁରରେ ୧୨, କୋଲନରା ୨୯ ଓ ରାମନାଗୁଡା ୧୫ଜଣ ଶିଶୁ ନାମ ଲେଖାଇଛନ୍ତି। ଏହା ଏକ ସାମୂହିକ ଦାୟିତ୍ୱ। ବିକଶିତ ଭାରତ ଏବଂ ବିକଶିତ ଓଡିଶା ଗଠନ ଦିଗରେ ବିଦ୍ୟାଳୟ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ପିଲା ବିଦ୍ୟାଳୟକୁ ଆସିଲେ ହିଁ ଏହା ପୂରଣ ହେବ। ଏଥିପାଇଁ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଗୋଷ୍ଠୀ ଓ ଅଭିଭାବକଙ୍କ ସହଯୋଗ କାମନା କରିଛନ୍ତି । କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମକର୍ତ୍ତା, ଏବିଇଓ ଛବିଲାଲ ସିଂ, ବଳରାମ ହୁଇକା,ପବିତ୍ର ମୋହନ ନାୟକ, କୁମ୍ଭିକୋଟା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ସମସ୍ତ ସିଆରସିସି ଓ ସ୍ଥାନୀୟ ଶିକ୍ଷକ ସହଯୋଗ କରିଥିଲେ।

# ଜନଜାତି ଗୌରବ ଦିବସ ପାଳିତ





ରାୟଗଡ଼ା,୧୪।୧୧(ସମିସ): ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ରାୟଗଡା ବିଜେପି ତରଫରୁ ଜନଜାତି ଗୌରବ ଦିବସ ଭାବରେ ପାଳନ କରାଯାଇଛି। ଏ ନେଇ ରାୟଗଡ଼ା ସହର ସିରିଗୁଡା ସ୍ଥିତ ବିଜେପି କାର୍ଯ୍ୟାଳୟ ତରଫରୁ ଜନଜାତି ମୋର୍ଚ୍ଚାର ଜାତୀୟ ସାଧାରଣ ସଂପାଦକ କାଳୀରାମ ମାଝିଙ୍କ ପୌରହିତ୍ୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଆଦିବାସୀ, ହରିଜନ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଧାୟକ ନବରଙ୍ଗପୁର ଗୌରୀ ମାଝୀ, ବିଧାୟକ କୋଟପାଡ ରୁପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡକାମି ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୧ ମସିହାରେ ଭାରତ ସରକାର ବିର୍ସା ମୁଣ୍ଡାଙ୍କ ଜନ୍ମ ଜୟନ୍ତୀକୁ ଜନଜାତି ଗୌରବ ଦିବସ ଭାବେ ପାଳନ କରିବା ପାଇଁ ଭାରତ ସରକାର ଘୋଷଣା କରିଥିଲେ ବୋଲି ମନ୍ତ୍ରୀ ଶ୍ରୀଗଣ୍ଡ ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗୋପି ଆନନ୍ଦ, ରାୟଗଡା ବିଧାୟକ ପ୍ରାର୍ଥି ବସନ୍ତ ଉଲ୍ଲାକା, ବିଷମକଟକ ବିଧାୟକ ପ୍ରାର୍ଥି ଜଗନ୍ନାଥ ନୁଣ୍ଡ଼ୁକା, ବରିଷ୍ଠ ବିଜେପି ନେତା ରଜତ ମାଦଳା, ରାମଚନ୍ଦ୍ର ବେହେରା, ଜାତୀୟ କାଉନସିଲ ମେମ୍ବର ୱାଇ ଗଣପତି, ଅନୀଲ କୁମାର ଜାଡି,ତରୁଣ ଗରଡିଆ, ସାନ୍ତୁନୁ ସୁବୁଦ୍ଧି,ନବୀନ ବିଡିକା, ଉମେଶ ଖୋସଲା, ପ୍ରିତମ ଖରା, ନାରୀନେତ୍ରୀ ଅଶ୍ୱନୀ କଞ୍ଚଡା, ରଜିତା କରଡା, ମଞ୍ଜୁଳା ମିଣିୟାକା ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଦ୍ୱାରା ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ୍ ଉଦ୍‌ଘାଟନ ହୋଇଥିଲା। ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାର ପ୍ରମୁଖ ବ୍ୟକ୍ତିତ୍ୱ ସୁମନୀ ଝୋଡିଆ, କୁଶ ୱାଡାକାଙ୍କୁ ସମ୍ମାନିତ କରାଯାଇଥିଲା।

# ଆନ୍ଧ୍ର ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ଭଣ୍ଡୁର କଲେ ବିଡିଓ



ପଟ୍ଟାଙ୍ଗି,୧୪ା୧୧(ସମିସ): ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆରେ ଅନୁପ୍ରବେଶ କରି ସ୍ୱାସ୍ଥ୍ୟସେବା ଯୋଗାଉଥିବା ବେଳେ କାର୍ଯ୍ୟକ୍ରମକୁ ଭଣ୍ଡୁର କଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ। ସୂଚନା ଅନୁଯାୟୀ ଆନ୍ଧ୍ରପ୍ରଦେଶର ପାର୍ବତିପୁରମ୍ ମାନ୍ୟମ୍ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ତୋନାମ ସ୍ୱାସ୍ଥ୍ୟ କେନ୍ଦ୍ର ତତ୍ତ୍ୱାବଧାନରେ ଆଜି ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯୋଗାଇବା ନିମନ୍ତେ ଉପର ଗଞ୍ଜେଇପଦର ଗ୍ରାମରେ ପହଞ୍ଚିଥିଲେ। ଏ ସମ୍ପର୍କରେ ପଟ୍ଟାଙ୍ଗି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ ନିକଟରେ ସୂଚନା ମିଳିଥିଲା। ସେ ତୁରନ୍ତ ଏଇ ଅଜୟ ରାମ ତରାଇ, ଏପିଓ ସୌମେନ୍ଦ୍ର ନାୟକ ଏବଂ କୋଟିଆ ପୋଲିସଙ୍କୁ ଘଟଣା ସ୍ଥଳରେ ପହଞ୍ଚିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଘଟଣା ସ୍ଥଳରେ ଅଧିକାରୀ ଗଣ ପହଞ୍ଚିବା ପରେ ଆନ୍ଧ୍ରର ଉକ୍ତ କାର୍ଯ୍ୟକ୍ରମଟିକୁ ବନ୍ଦ କରିବାକୁ କହିଥିଲେ। କିନ୍ତୁ କିଛି ସମୟ ଧରି ଉଭୟ ଅଧିକାରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସେମାନେ ସ୍ୱାସ୍ଥ୍ୟସେବାକୁ ବନ୍ଦ କରି ଫେରିଯାଇଥିବା ଜଣାପଡିଛି। ପ୍ରକାଶ ଥାଉକି ଗତ ମଙ୍ଗଳବାର ଆନ୍ଧ୍ର କୋଟିଆର ସୀମାନ୍ତ ଗ୍ରାମ ନେରେଡିୱାଲାସାର ସାପ୍ତାହିକ ହାଟରେ ଆଦିବାସୀ ଆନ୍ଦୋଳନ ନେତା ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ଅବସରରେ ଆଦିବାସୀ ମେଳାର ଆୟୋଜନ କରିଥିଲା। ଗିରିଜନା କୋଅପରେଟିଭ୍ କର୍ପୋରେସନ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ସୀମାନ୍ତ ସାଲୁରୁ ବ୍ଲକର ବିଭାଗୀୟ ଅଧିକାରୀ ମାନେ ଆଦିବାସୀ ସମବାୟ ସମିତି ଗୁଡ଼ିକର ଷ୍ଟଲ ସ୍ଥାପନ କରିବା ସହ ବିଭିନ୍ନ ସାମଗ୍ରୀ ବିକ୍ରି କରିଥିଲେ। ଲୋକଙ୍କୁ ଆନ୍ଧ୍ରର ଗୁଣବତ୍ତା ସାମଗ୍ରୀ ଗୁଡ଼ିକୁ କିଣିବା ନିମନ୍ତେ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମର ତିନିଦିନ ପରେ ପୁର୍ନବାର ଆନ୍ଧ୍ର ଅନୁପ୍ରବେଶ କରି ସ୍ୱାସ୍ଥ୍ୟସେବା ଆୟୋଜନ କରିଥିବା ନଜରକୁ ଆସିଛି।

# ପ୍ରାଚୀନ କଳା ଓ ସଂସ୍କୃତି ପରିଷଦର ୬ ବିଦ୍ୟାର୍ଥୀ ପୁରସ୍କୃତ








ସୁନାବେଡ଼ା,୧୪ା୧୧ (ସମିସ): ଶିଶୁ ଦିବସ ଅବସରରେ ସାଇ ସୈନିକ ସ୍କୁଲରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ୪ଟି ବର୍ଗରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ପ୍ରତିଯୋଗୀତାରେ ସୁନାବେଡ଼ା, ସେମିଳିଗୁଡା, ଦାମନଯୋଡିର ସମସ୍ତ ବିଦ୍ୟାଳୟର ୧୦୦୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସାଇ ସୈନିକ ସ୍କୁଲର ସଭାପତି ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତି ରେଖା ଭଞ୍ଜଙ୍କ ସହଯୋଗରେ ଏହି ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏବିଓ ପ୍ରିୟମ୍ବଦା ପାତ୍ର , ସିଆର୍‌ସିସି ଋତୁ ପୂର୍ଣ୍ଣା ଦାସ, ମାନଭଞ୍ଜନ, ପୋଷ୍ଟମାଷ୍ଟର ବି ରାଧା ରାଜୁ ପ୍ରମୁଖ ଉପସ୍ଥିତି ଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାର କନିଷ୍ଠ ବର୍ଗରେ ସୁନାବେଡ଼ାର ଦେବାଂଶୀ କୁଳଦୀପ ପ୍ରଥମ ସ୍ଥାନ, ସର୍ବ କନିଷ୍ଠ ବର୍ଗରେ ଜାଙ୍କସିନି ସାହୁ ଦ୍ୱିତୀୟ ସ୍ଥାନ, ରାଲିପ୍ତା ମହାପାତ୍ର ତୃତୀୟ ସ୍ଥାନ, ଅଂଶୁମାନ ପଟ୍ଟନାୟକ ତୃତୀୟ ସ୍ଥାନ, ସୁପର କନିଷ୍ଠ ବର୍ଗରେ ନିଖିଲ ବାରିକ ତୃତୀୟ ସ୍ଥାନ, ଦାମନଯୋଡିର ସୋନାଲିକା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଏହି ସଫଳତା ପାଇଁ 'ପ୍ରାଚୀନ କଳା ଓ ସଂସ୍କୃତି ପରିଷଦ' ର ସଭାପତି ଶେଖ ଇବ୍ରାହିମ, ସମ୍ପାଦକ ମନୋଜ କୁମାର ମୁଦୁଲି, ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସଚିବ ଅନୁରାଗ ପାତ୍ର, ପରିଚାଳନା ସଚିବ ତାପସ କୁମାର ମଲ୍ଲିକ, ଶିକ୍ଷୟିତ୍ରୀ ହୃଦାଞ୍ଜଳି ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିଛନ୍ତି।

# ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ନନ୍ଦପୁର,୧୪ା୧୧ (ସମିସ): ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନନ୍ଦପୁରର ବାର୍ଷିକ ଉତ୍ସବ ଆଜି ମହା ଆଡ଼ମ୍ବରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ବୈଜୟନ୍ତୀ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଦ୍ୟାଳୟର ସୂତ୍ରଧାର ଜୟରାମ ପାଙ୍ଗି, ତହସିଲଦାର ଦେବବ୍ରତ ମହାରଣା, ସ୍ୱତନ୍ତ୍ର ଅତିଥି ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁର୍ଗା ପ୍ରସାଦ ଦୋରା ଓ ସିନ୍ଧେଦେବୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ କାର୍ଯ୍ୟକ୍ରମକୁ ମହିମା ମଣ୍ଡିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶେଖ୍ ଗଫୁର, ଦେବେନ୍ଦ୍ର ଖେମୁଣ୍ଡୁ, କାମେଶ୍ କାମୁଡି, ପୂର୍ବତନ ମହାବିଦ୍ୟାଳୟ ପରିଚାଳନା ସମ୍ପାଦକ ସୁରେନ୍ଦ୍ର ଖେମୁଣ୍ଡୁ, ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ଓ ପୂର୍ବତନ ସମିତି ସଭ୍ୟା ବିଜୟ ଲକ୍ଷ୍ମୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟର ବିଦ୍ୟାର୍ଥୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ବିଶିଷ୍ଟ ଲେଖକ ଓ ସାହିତ୍ୟିକ ରବି ନାରାୟଣ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପଟ୍ଟନାୟକ, ଶ୍ରୀରାମ ପାତ୍ର, ୱିଲିଅମ ତୁରୁକ୍ ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ବିଦ୍ୟାର୍ଥୀ ବୃନ୍ଦ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଜୟପୁର,୧୪ା୧୧(ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଠାରେ ଯୁବ ରେଡକ୍ରସ ଏବଂ ଏନ୍‌ଏନ୍‌ଏସ୍‌ର ମିଳିତ ଭାବେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମହବିଦ୍ୟାଳୟର ଅଧ୍ୟକ୍ଷ ଡ.ବିବେକାନନ୍ଦ ସୁନା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ।ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାମାନେ ରକ୍ତ ଦାନ କରିଥିଲେ। ଜୟପୁର ରକ୍ତ ଭଣ୍ଡାରର କର୍ମକର୍ତ୍ତାମାନେ ଉପସ୍ଥିତ ରହି ରକ୍ତଦାତା ମାନଙ୍କ ଠାରୁ ସମୁଦାୟ ୨୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରମାଣପତ୍ର ପ୍ରଦାନ କରିବା ସହ ସମ୍ମାନିତ କରାଯାଇଥିଲା। ଏଥିରେ ଯୁବ ରେଡକ୍ରସ୍ କାଉନସିଲର ଡ. ଉପାନନ୍ଦ ପାଣି , ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ସୁନୀତା କୁମାରୀ ପ୍ରଧାନ ଏବଂ ସୀମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସମସ୍ତ କର୍ମକର୍ତ୍ତା ଏବଂ ସ୍ୱେଚ୍ଛାସେବୀ ମାନେ ବିପୁଳ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ରାୟଗଡ଼ା ଜିଲ୍ଲା ବିଜେପିର ବିଜୟ ଉତ୍ସବ

ରାୟଗଡ଼ା,୧୪ା୧୧(ସମିସ): ନୂଆପଡ଼ା ଓ ବିହାରରେ ବିଜେପିର ବିପୁଳ ବିଜୟକୁ ନେଇ ଆଜି ରାୟଗଡା ଜିଲ୍ଲା ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି । ଜିଲ୍ଲା ସଭାପତି ଏମ. ଗୋପୀ ଆନନ୍ଦଙ୍କ ନେତୃତ୍ୱରେ ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ ଛକ ଠାରେ ବିଜେପିର ବରିଷ୍ଠ ନେତା, ପଦାଧିକାରୀ ଓ କର୍ମୀ ମାନେ ଉପସ୍ଥିତ ରହି ବାଣ ଫୁଟାଇ ବିଜୟ ଉତ୍ସବ ପାଳିଥିଲେ । ଏଥିରେ ବିଜେପି କାର୍ଯ୍ୟକର୍ତ୍ତା ରଜତ ମାଦଳା,ବସନ୍ତ ଉଲାକା,ଚକ୍ର ବିଡ଼ିକା,ରାଜେଶ ପାଣିଗ୍ରାହୀ, ମଞ୍ଜୁଳା ମିନିୟାକା, ଉମେଶ ଖୋସଲା, ଶାନ୍ତନୁ ସୁବୁଦ୍ଧିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ସେହିପରି ରିଙ୍ଗ ରୋଡ଼ଠାରେ ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ୟାଲ୍ଲା ଭେଙ୍କେଟେଶ୍ୱର ରାଓ (କୋଣ୍ଡାବାବୁ)ଙ୍କ କାର୍ଯ୍ୟାଳୟ ଠାରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ବିଜୟ ଉତ୍ସବ ସହ କୋଣ୍ଡାବାବୁଙ୍କ ୬୩ତମ ଜନ୍ମଦିନକୁ ଆଜି ଧୁମଧାମରେ ପାଳନ କରିଛନ୍ତି ।

# ବିଧାୟକଙ୍କ ବିରୁଦ୍ଧରେ ଅଭିଯୋଗର ପ୍ରତିବାଦ

କୋରୁକୋଣ୍ଡା,୧୪ ।୧୧ (ସମିସ): ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ବ୍ଲକରେ ଶତ ପ୍ରତିଶତ କାମ ବାଣ୍ଟିବା ଅଭିଯୋଗ କରି ବିଗତ ଦିନରେ କୋରୁକୋଣ୍ଡା ବିଡ଼ିଓଙ୍କୁ ବ୍ଲକ ଚେୟାରମ୍ୟାନଙ୍କ ସମେତ ୧୨ ଜନ ପ୍ରତିନିଧି ବିଡ଼ିଓଙ୍କୁ ଦାବିପତ୍ର ଦେଇଥିବା ବେଳେ ଏହି ଅଭିଯୋଗକୁଖଣ୍ଡନ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକଙ୍କ ଜିଲ୍ଲା ପ୍ରତିନିଧି ଗୋବିନ୍ଦ ପାତ୍ର। ଏନେଇ ଆଜି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଶ୍ରୀ ପାତ୍ର କହିଛନ୍ତି ଯେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ବିଧାୟକ ୪୦ ପ୍ରତିଶତ କାର୍ଯ୍ୟ ନିମନ୍ତେ ପ୍ରକଳ୍ପ ଦେବାର ପ୍ରାବଧାନ ରହିଛି ସତ, କିନ୍ତୁ ବିଧାୟକ ନିଜ ମନ ମୁତାବକ ଶତ ପ୍ରତିଶତ କାର୍ଯ୍ୟକୁ ବିଡ଼ିଓଙ୍କୁ ଚାପ ପକାଉଥିବା ଘଟଣା ସମ୍ପୂର୍ଣ ମିଥ୍ୟା। ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ଆସିବା ପରେ କେତେକଙ୍କ ସ୍ୱାର୍ଥରେ ବାଧା ହେବାରୁ ସେମାନେ ଏଭଳି ଅଭିଯୋଗ କରୁଛନ୍ତି। ଦାବିପତ୍ର ବିଡିଓଙ୍କୁ ଦେଇ ବିଧାୟକଙ୍କୁ ଭୟଭୀତ କରାଇବା ସେମାନଙ୍କ ଉଦ୍ଦେଶ୍ୟ ବୋଲି ଶ୍ରୀ ପାତ୍ର କହିଛନ୍ତି। ଆଗାମୀ ଦିନରେ ଯଦି କୌଣସି ଜନ ପ୍ରତିନିଧି ମାନେ ସିଧାସଳଖ ବିକାଶ ମୂଳକ କାର୍ଯ୍ୟରେ ଲିପ୍ତ ରହି ଠିକାଦାରୀ କାମ କରନ୍ତି ତାହେଲେ କଂଗ୍ରେସ ବ୍ଲକ କାର୍ଯ୍ୟାଳୟ ଘେରାଉ କରି ସମସ୍ତ କାର୍ଯ୍ୟ ବନ୍ଦ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଦୀପ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାୟଗଡ଼ା,୧୪ା୧୧(ସମିସ): ରାୟଗଡ଼ା ସହରର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଆଇଏସସିଇ, ନୂଆଦିଲ୍ଲୀ ସହ ଅନୁବନ୍ଧିତ ଦୀପ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ ଶୁକ୍ରବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଉପ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଭାବେ ସୁପ୍ରିମକୋର୍ଟର ମାନବ ଅଧିକାର, ନୂଆଦିଲ୍ଲୀ ଆଇନଜୀବି ତଥା ଜିଲ୍ଲା ଭାଜପା ସଭାପତି ଏମ୍ ଗୋପୀ ଆନନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରାଦେଶିକ ପରିଚାଳକ ମଦର ରେଟ୍ଟୀ ଠକରାପିଲିଲି ଏବଂ ବିଦ୍ୟାଳୟ ଅଧ୍ୟକ୍ଷା ସିଷ୍ଟର ଗ୍ରେସୀ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଘୋଷକ ଘୋଷିକା ଭାବେ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ବିଭିନ୍ନ କ୍ଷେତ୍ରରେ କୃତୀ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଅଭିଭାବକ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ରାଜ୍ୟସ୍ତରୀୟ ଭାରତ୍ତୋଳନ ପ୍ରତିଯୋଗିତା

ମାଲକାନଗିରି, ୧୪ ।୧୧ (ସମିସ): ମାଲକାନଗିରି ଜିଲ୍ଲାର ସଂସ୍କୃତି ଭାବନରେ ଉଦ୍‌ଘାଟିତ ହେଲା ୬ଷ୍ଠତମ ଶକ୍ତି ଭାରତ୍ତୋଳନ ପ୍ରତିଯୋଗିତା। ପ୍ରଥମ ଥର ପାଇଁ ମାଲକାନଗିରି ଜିଲ୍ଲାରେ ଏହି ରାଜ୍ୟସ୍ତରୀୟ ଶକ୍ତି ଭାରତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏଥିଲାଗି ସାରା ରାଜ୍ୟରୁ ୨୫୦ ଜଣ ପ୍ରତିଯୋଗୀ ଭାଗ ନେବାକୁ ମାଲକାନଗିରି ଆସିଛନ୍ତି। ଖେଳାଳୀ ମାନଙ୍କୁ ସହଯୋଗ କରିବା ପାଇଁ ୫୦ରୁ ଅଧିକ କର୍ମକର୍ତ୍ତା ଆସିଛନ୍ତି। ରାଜ୍ୟସ୍ତରରୁ ଆସିଥିବା ଅଭିଜ୍ଞ ଜୁରି ମାନଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା କରାଯିବ। ଏହା ମାଲକାନଗିରି ଜିଲ୍ଲା ପାଇଁ ନିଶ୍ଚିତ ଭାବେ ଗୌରବର କଥା। ଆଗାମୀ ପିଢ଼ିକୁ ପ୍ରୋତ୍ସାହନ ମିଳିବାରେ ସହାୟକ ହେବ ବୋଲି ପ୍ରକାଶ କରିଛନ୍ତି ବାହାରୁ ଆସିଥିବା ଖେଳାଳି ମାନେ। ଏହି ପ୍ରତିଯୋଗୀତାକୁ ସ୍ଥାନୀୟ ପହିଲବାନ ସିଦ୍ଧାର୍ଥ ବେହେରାଙ୍କ ପ୍ରୟାସରେ ଆୟୋଜିତ ହୋଇଥିଲା। ପ୍ରତିଯୋଗୀତା ଦେଖିବା ପାଇଁ ବହୁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି।

# ଇଲେକ୍ଟ୍ରିକାଲସ୍ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ମାଲକାନଗିରି,୧୪ ।୧୧ (ସମିସ):ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଘରୋଇ ଭାବେ ଇଲେକ୍ଟ୍ରିସିଆନ କାମ କରୁଥିବା ଯୁବକ ମାନେ ମା'ଭୈରବୀ ଇଲେକ୍ଟ୍ରିକାଲସ କର୍ମଚାରୀ ସଂଘ ଗଠନ କରିଛନ୍ତି। ଏହି ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛ। ମା'ଭୈରବୀ ଲକ୍ଟ୍ରିକାଲସ କର୍ମଚାରୀ ସଂଘର ନୂତନ ସଭାପତି ଭାବେ ଡମ୍ବୁ ଯାନୀ, ଉପ ସଭାପତି ଭାବେ କାଣ୍ଡି କୁରାମି, ସମ୍ପାଦକ ଲକ୍ଷ୍ମୀ କାନ୍ତ ଦୁର୍ଗା, ସହ ସମ୍ପାଦକ ଅର୍ଜୁନ ମାଡକାମୀ, ଜିତେନ୍ଦ୍ର ପାଣିଗ୍ରାହୀ, କୋର କମିଟି ସଦସ୍ୟ ଭାବେ ତ୍ରିଲୋଚନ ଯାନୀ, ରମେଶ ଦୁର୍ଗା, ପ୍ରଭାକର ବାଗ, ଶେଖ ହାସିର, ରମାନାଥ ଗାନ୍ଧାରୀ, ସୁବାଷ ପୂଜାରୀ ଓ ତ୍ରିନାଥ ଯାନୀ ସର୍ବ ସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି।

# ବିଭିନ୍ନ ସ୍ଥାନରେ ଶିଶୁ ଦିବସ କାର୍ଯ୍ୟକ୍ରମ









ରାୟଗଡ଼ା, ୧୪ା୧୧ (ସମିସ): ରାୟଗଡ଼ା ସହର ସ୍ଥିତ ଗାନ୍ଧୀ ନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅଙ୍କୁର ଫାଉଣ୍ଡେସନ ତରଫରୁ ଶିଶୁ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ପିଲା ମାନଙ୍କ ପାଇଁ ଗଳ୍ପ କଥନ, ରଚନା ଓ ଚିତ୍ରାଙ୍କନ ଏକ କର୍ମଶାଳା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରାୟ ୫୨ ଜଣ ଛାତ୍ରଛାତ୍ରୀ ଉକ୍ରର୍ଷ କର୍ମଶାଳାରେ ଯୋଗ ଦେଇଥିଲେ। ସଭାରେ ପ୍ରଧାନ ଶିକ୍ଷକ ପ୍ରତାପ ବାତ୍ରିଆ ସଭାପତିତ୍ୱ କରିଥିବା ବେଳେ ଅଙ୍କୁର ଫାଉଣ୍ଡେସନର ସଂଯୋଜକ ଶିବ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଆଜିର ଶିଶୁ ଆଗାମୀ ଦିନର ଭବିଷ୍ୟ ଉପରେ ମୁଖ୍ୟ ଅତିଥି ଆଲୋକପାତ କରି ପିଲାମାନଙ୍କୁ ଏକ ସୁନାଗରିକ ଭାବରେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତା ଆମର ଲକ୍ଷ୍ୟ ନୁହେଁ, ଛାତ୍ର ଛାତ୍ରୀ ମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନ ଆଣିବା ପାଇଁ ପ୍ରତିବର୍ଷ ଅଙ୍କୁର ଫାଉଣ୍ଡେସନ ତାହାର ପ୍ରୟାସ ଜାରି ରଖିଛି ବୋଲି ମ୍ୟାନେଜିଂ ଡାଇରେକ୍ଟର ଚିନ୍ମୟୀ ପଣ୍ଡା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ଲେଙ୍କା ଓ ଦେବାଂଶି ସାହୁ ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ଜୟପୁର :** ଜୟପୁର ସହରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଏବଂ ଶିଶୁ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶିଶୁ ଦିବସ ଉପଲକ୍ଷେ ପ୍ରଧାନାଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏକ ସହଭୋଜ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଶିଶୁଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ନୀଳକଣ୍ଠ ମିଶ୍ର, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଭାପତି କିଶୋର ଚନ୍ଦ୍ର ପଣ୍ଡା ଏବଂ ଯୁଗ୍ମ ସଂପାଦକ ତପନ୍ କିରଣ ତ୍ରିପାଠୀ ଉପସ୍ଥିତ ଥିଲେ। ସହଭୋଜ କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ଏବଂ ଗୁରୁଜୀ ଗୁରୁମା ତଥା ବିଦ୍ୟାଳୟର ମାତୃଭାରତୀର ସଦସ୍ୟାଗଣ ଅଂଶ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଶିଶୁଙ୍କୁ ଅନ୍ୟତମ ମୁଖ୍ୟ ଅତିଥି ସଂଗ୍ରାମ କେଶରୀ ମିଶ୍ରଙ୍କ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟାମନ୍ଦିରର ବରିଷ୍ଠ ଗୁରୁମା ସୁମିତ୍ରା ପଟ୍ଟନାୟକ ଏବଂ ବୌଦ୍ଧିକ ପ୍ରଦାନ ସରୋଜିନୀ ପାଣିଗ୍ରାହୀଙ୍କ କରିଥିଲେ। ସେହିପରି ପାରବେଢା ଅରବିନ୍ଦ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ଡ.ରମଣୀ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ସହଭୋଜ ଏବଂ ଶିଶୁ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାଶ ଯୋଗଦେଇ ଶିଶୁଦିବସ ବିଷୟରେ କିଛି ବୌଦ୍ଧିକ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବାଘଭଣ୍ଡାର ସାହିସ୍ଥିତ ବିଜ୍ଞାନ ଇଣ୍ଟର ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିଶୁ ଦିବସରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେହିପରି ମଡେର୍ଣ୍ଣ ଇଂଲିଶ ବିଦ୍ୟାଳୟ, ନାରାୟଣୀ ଇଂଲିଶ ବିଦ୍ୟାଳୟ, ସିଟି ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ସରକାରୀ ବିଦ୍ୟାଳୟରେ ଏହି ଦିବସ ପାଳନ ଆନନ୍ଦ ଉଲ୍ଲାସରେ କରାଯାଇଥିଲା।

**ମାଲକାନଗିରି :** ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସଦରରେ ଥିବା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ସେଣ୍ଟ ଜାଭିଅର, କେନ୍ଦ୍ରୀୟ ବିଦ୍ୟାଳୟ ଭଳି ଅନେକ ବିଦ୍ୟାଳୟରେ କାର୍ଯ୍ୟକ୍ରମର ଆୟୋଜନ କରୟାଇଥିଲା। ଶିଶୁ ଦିବସ ଉପଲକ୍ଷେ ଏହି ବିଦ୍ୟାଳୟ ମାନଙ୍କରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଯଥା ନୃତ୍ୟ ପ୍ରତିଯୋଗିତା, ବକ୍ତୃତକ୍ଷ ପ୍ରତିଯୋଗିତା, ଗାୟନ ପ୍ରତିଯୋଗିତା, ଶିକ୍ଷା ପାଇଁ ବ୍ୟବହୃତ ସାମଗ୍ରୀ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ସେଣ୍ଟ ଜାଭିଅର ବିଦ୍ୟାଳୟରେ ପିଲାମାନଙ୍କ ଦ୍ୱାରା ଏକ "ଫୁଡ଼ କୋର୍ଟ" ତଥା ଖାଦ୍ୟ ମେଳାର ଆୟୋଜନ କରୟାଇଥିଲା। ଛାତ୍ରଛାତ୍ରୀମାନେ ଅନେକ ପାରମ୍ପରିକ ଓ ଆଧୁନିକ ବ୍ୟଞ୍ଜନ ସାମଗ୍ରୀର ପସରା ଏହି ଫୁଡ୍‌କୋର୍ଟରେ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ମାନଙ୍କରେ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅନ୍ୟ କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ। ମାଲକାନଗିରି ଜିଲ୍ଲା ସଦର ମହାକୁମା ସରସ୍ୱତୀ ଶିଶୁ ମନ୍ଦିର, ପରିବର୍ତନ ଶିଶୁ ଗୃହ, କୋରକୁଣ୍ଡା ନୀଳାଞ୍ଚଳ ଆଦିବାସୀ ସେବାଶ୍ରମ, ଚିତ୍ରକୋଣ୍ଡା ବନବାସୀ ସେବାଶ୍ରମ, ଖଇରପୁଟ ଜୟ ଚିଲଡ୍ରେନ୍ସ ହୋମ ଶିଶୁ ଗୃହରେ ଶିଶୁ ଦିବସ ପାଳିତ ହୋଇଛି। ଅନ୍ତେବାସୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

**ନନ୍ଦପୁର :** ଲିବର୍ଟୀ ଇଂଲିଶ୍ ସ୍କୁଲ, ନନ୍ଦପୁର ପକ୍ଷରୁ ଏବର୍ଷ ଶିଶୁ ଦିବସକୁ ଏକ ବିଶେଷ ଆକର୍ଷଣୀୟ ରୂପରେ ପାଳିତ କରାଯାଇଛି। ସ୍କୁଲ ପକ୍ଷରୁ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳରେ ଏକ ମନୋରଞ୍ଜନ ଯାତ୍ରାର ଆୟୋଜନ କରାଯାଇଥିଲା। ଶିଶୁମାନେ ପ୍ରକୃତିକ ଶୋଭା ଘେରା ଏହି ପର୍ଯ୍ୟଟନ ସ୍ଥଳରେ ଖେଳ ଗୀତ ସଙ୍ଗୀତର ଆନନ୍ଦ ଉଠାଇଥିଲେ। ସ୍କୁଲ ପ୍ରଧାନ ଅଧ୍ୟକ୍ଷା ଉର୍ମିଳା କୁଲଦୀପ ଏ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷିକା, ଅଭିଭାବକଙ୍କ ସହ ଜ୍ୟୋତି ପ୍ରକାଶ ଆବ୍ରାହାମ, ଅନ୍ନପୂର୍ଣ୍ଣା ଦିଣ୍ଡା, ନମିତା ଖିଲୋ, ସ୍ୱାଗତିକା ତ୍ରିପାଠୀ, ସବିତ୍ରୀ ପଣ୍ଡା, ସ୍ମୃତିପ୍ରିୟା ମହାନ୍ତି, ଏଲିଜା ବାଘ, କବିତା ଶର୍ମା, ଶିବ ଶଙ୍କର ଦୀପ, ଗାୟତ୍ରୀ ଖିଲୋ, ଲକ୍ଷ୍ମୀକାନ୍ତ ଖିଲୋ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ଦୁର୍ଗା ପ୍ରସାଦ ଦୋରା ଓ ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ମହାନନ୍ଦ ଯୋଗ ଦେଇଥିଲେ।

**କୋରାପୁଟ :** ସ୍ଥାନୀୟ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ଦିବସ ଅବସରରେ ଶିଶୁ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୩ ତାରିଖ ଦିନ ଅନୁଷ୍ଠିତ ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶୁକ୍ରବାର ପ୍ରାତଃ ଅଧିବେଶନରେ କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ସୁଜିତ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଶିଶୁ ମନ୍ଦିରର ଶିକ୍ଷା ପ୍ରଣାଳୀକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଯୋଗ ଦେଇ ଗୁରୁ ଶିଷ୍ୟ ସମ୍ପର୍କ ଓ ଶିଶୁଟିର ସର୍ବାଙ୍ଗୀନ ବିକାଶ ନିମିତ୍ତ ଶିକ୍ଷା ପ୍ରଦାନ କରିବାକୁ ଗୁରୁତ୍ୱାରୋପ କରିଥିଲେ।ଶିଶୁ ଶିବିର ଅବସରରେ ଶିଶୁ ପ୍ରାରମ୍ଭ ଠାରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିସର ମଧ୍ୟରେ ନୂତନ ବନ୍ଦନା ମଣ୍ଡପ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର, ଉପ ସଭାପତି ପ୍ରଭାକର ଦାସ, ସମ୍ପାଦକ ବିଭୁଦତ୍ତ ମହାପାତ୍ର,ଯୁଗ୍ମ ସମ୍ପାଦକ ସସ୍ମିତା ବେହେରା, କୋଷାଧ୍ୟକ୍ଷ ଏନ. ରମେଶ,ସଦସ୍ୟ ପ୍ରହ୍ଲାଦ ସାହୁ ,ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହ ପ୍ରଧାନଆଚାର୍ଯ୍ୟ ରଘୁନାଥ ତାଡ଼ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜୟପୁର :** ଜୟପୁର ସ୍ଥିତ ଜିଲ୍ଲା ଆଇନ ସେବାପ୍ରାଧିକରଣ ପକ୍ଷରୁ ଆଜି ଶିଶୁ ଦିବସ ସ୍ଥାନୀୟ ପାରାବେଢା ସ୍ଥିତ ଉକ୍ରଳ ବାଳାଶ୍ରମ ଠାରେ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବାପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରେଜିଷ୍ଟ୍ରାର ତଥା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ବିଷ୍ଣୁ ପ୍ରସାଦ ଦେବତା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମୁଖ୍ୟ ଲିଗାଲ ଡିଫେନ୍ସ କାଉନସିଲ ପ୍ରମୋଦ ଦାଶ, ଡେପୁଟି ଲିଗାଲ ଡିଫେନ୍ସ କାଉନସେଲ ହରିଶଚନ୍ଦ୍ର ମୁଦୁଲି, ସହକାରୀ ଲିଗାଲ ଡିଫେନ୍ସ କାଉନସେଲ ଉଦିତ୍ ନାରାୟଣ ପ୍ରଧାନ, ରଚନା ରାଉଳ ଏବଂ ପାନେଲ ଆଇନଜୀବୀ ଗିରିଧର ଖରା ସହିତ ଉକ୍ରଳ ବାଳାଶ୍ରମର କର୍ମକର୍ତ୍ତା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ।

**ରାୟଗଡ଼ା :** ଶୁକ୍ରବାର ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗାୟତ୍ରୀ ନଗର, ରାୟଗଡ଼ାଠାରେ ଶିଶୁ ଦିବସ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଉଚ୍ଚ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ମିନତୀ ନନ୍ଦ ଓ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ, ପଙ୍କଜ ଲୋଚନ ବେହେରା ମଞ୍ଚାସୀନ ଅତିଥି ରୂପେ ଯୋଗ ଦେଇଥିଲେ। ସହ ପ୍ରଧାନ ଆଚାର୍ଯ୍ୟା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟା ମାନସୀ ସେଠୀ ଶିଶୁ ଦିବସ ଉପଲକ୍ଷେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଭାରତୀ ପାତ୍ର ଧନ୍ୟବାଦ ଅର୍ପଣ କରିଥଇଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୬ ● ପାଉଣ୍ଡ ୧୧୭.୨୪
- ୟୁରୋ ୧୦୩.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୮,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୫୬୨.୦୦
- ନିଫ୍ଟି ୨୫,୯୦୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




# ଇଭି ନୀତିର ପୁନର୍ବିଚାର ଜରୁରୀ: ସୁପ୍ରିମକୋର୍ଟ

## ବଡ଼ ସହରରେ ଆରମ୍ଭ କରାଯାଉ ପାଇଲଟ୍ ପ୍ରକଳ୍ପ

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଦେଶରେ ପ୍ରଚଳିତ ଇଲେକ୍ଟ୍ରିକ୍ ଯାନ (ଇଭି) ନୀତିର ପୁନର୍ବିଚାର କରାଯିବା ଆବଶ୍ୟକ। ଗୁରୁବାର ସୁପ୍ରିମକୋର୍ଟ ଇଲେକ୍ଟ୍ରିକ୍ ଯାନକୁ ପ୍ରୋତ୍ସାହିତ କରୁଥିବା ନୀତି ଉପରେ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହା କହିଛନ୍ତି। ଶୁଣାଣି ସମୟରେ, କୋର୍ଟ ମୌଖିକ ଭାବରେ ସରକାରଙ୍କୁ ଜାତୀୟ ବୈଦ୍ୟୁତିକ ଗତିଶୀଳତା ମିଶନ୍ ଯୋଜନା (ଏନ୍‌ଇଏମ୍‌ଏମ୍‌ପି) ୨୦୨୦ର ପୁନଃବିଚାର କରିବାକୁ ପରାମର୍ଶ ଦେଇଛନ୍ତି। ଏହାଦିଲ୍ଲୀ, ମୁମ୍ବଇ, କଲକାତା, ଚେନ୍ନାଇ ଏବଂ ବେଙ୍ଗାଲୁରୁ ଭଳି ମେଟ୍ରୋ ସହରରେ ପାଇଲଟ୍ ପ୍ରକଳ୍ପଗୁଡ଼ିକୁ ଆରମ୍ଭ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜ୍ୟୋମଲ୍ୟା ବାଗଚୀଙ୍କ ଖଣ୍ଡପୀଠ ସମ୍ମୁଖରେ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ଦର୍ଶାଇଥିଲେ ଯେ ଇଭି କ୍ରୟ ଉପରେ ରିଆତି ଏବଂ ଟିକସ ଛାଡ଼ ଭଳି ସରକାରଙ୍କ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏହି ଜନସ୍ୱାର୍ଥ ମାମଲା ସେଣ୍ଟର ଫର ପବ୍ଲିକ୍ ଇଣ୍ଟରେଷ୍ଟ ଲିଟିଗେସନ୍, କମନ୍ କଜ୍ ଏବଂ ସୀତାରାମ ଜିନ୍ଦଲ ଫାଉଣ୍ଡେସନ୍ ୨୦୧୯ରେ ପିଆଇଏଲ୍ ଦାୟର କରିଥିଲେ। ଲକ୍ଷ୍ୟ ଥିଲା ଜୀବାଶ୍ମ ଇନ୍ଧନ ଯାନରୁ ନିର୍ଗମନକୁ ରୋକିବା, ଯାହା ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନରେ ଯୋଗଦାନ କରିବ। ଆବେଦନକାରୀମାନେ ଯୁକ୍ତି ଦେଇଥିଲେ ଯେ ସରକାରୀ ଅବହେଳା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛ ପରିବେଶ ଅଧିକାରକୁ ଉଲ୍ଲଂଘନ କରୁଛି। ସେମାନେ ସରକାର ସହରଗୁଡ଼ିକୁ "ଗ୍ୟାସ୍ ଚାମ୍ବର»ରେ ପରିଣତ କରୁଥିବା ଅଭିଯୋଗ କରିଥିଲେ। ଆବେଦନକାରୀମାନେ ଭାରୀ ଶିଳ୍ପ ମନ୍ତ୍ରଣାଳୟର ଏନ୍‌ଇଏମ୍‌ଏମ୍‌ପି ୨୦୧୨ ଏବଂ ନୀତି ଆୟୋଗର ୨୦୧୮ «ଶୂନ୍ୟ ନିର୍ଗମନ ଯାନ" ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏଥିରେ ଇଭି ଉପରେ ରିଆତି, ଟିକସ ଛାଡ଼, ସରକାରୀ ଯାନଗୁଡ଼ିକୁ ଇଭିରେ ପରିବର୍ତ୍ତନ, ବାଧ୍ୟତାମୂଳକ ଚାର୍ଜିଂ ପଏଣ୍ଟ ଏବଂ ଏକ ଫି' ସିଷ୍ଟମ (ପ୍ରଦୂଷକ ଯାନ ଉପରେ ଫି, ଇଭି ଉପରେ ସବସିଡି) ଅନ୍ତର୍ଭୁକ୍ତ ଥିଲା। ସେମାନେ ବ୍ୟକ୍ତିଗତ ଚାର୍ଜିଂ ଭିତ୍ତିଭୂମି ପାଇଁ ପ୍ରୋତ୍ସାହନ, ଟୋଲ୍/ପାର୍କିଂ ଛାଡ଼ ଏବଂ ହାଇଡ୍ରୋଜେନ୍ ଯାନ ଉପରେ ଧ୍ୟାନ ଦେବାକୁ ମଧ୍ୟ ଆହ୍ୱାନ କରିଥିଲେ।



ମାସକ ପରେ ପରବର୍ତ୍ତୀ ଶୁଣାଣି

୨୦୨୦ରେ, ସୁପ୍ରିମକୋର୍ଟ କହିଥିଲେ ଯେ ଏହି ପ୍ରସଙ୍ଗ କେବଳ ଏନ୍‌ସିଆର୍‌ର ନୁହେଁ ବରଂ ସମଗ୍ର ଦେଶର ପରିବେଶକୁ ପ୍ରଭାବିତ କରେ। କୋର୍ଟ ପକ୍ଷମାନଙ୍କଠାରୁ ଇଭି କ୍ରୟ, ଚାର୍ଜିଂ ପୋର୍ଟ, ଇନ୍ଧନ ପ୍ରଣାଳୀ, ହାଇଡ୍ରୋଜେନ୍ ଯାନ, ଅନ୍ୟାନ୍ୟ ଶକ୍ତି ଉତ୍ସ ଏବଂ ଆମଦାନୀ/ପରିବେଶିକ ପ୍ରଭାବ ଉପରେ ସହାୟତା ଲୋଡ଼ିଥିଲେ। କୋର୍ଟ ସ୍ୱୀକାର କରିଛନ୍ତି ଯେ ସରକାରଙ୍କ ସୁପାରିଶଗୁଡ଼ିକୁ କାର୍ଯ୍ୟକାରୀ ନ କରିବା ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜିର ଶୁଣାଣିରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜ୍ୟୋମଲ୍ୟା ବାଗଚୀଙ୍କ ଖଣ୍ଡପୀଠ ସମ୍ମୁଖରେ, ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ଦେଇଥିଲେ ଯେ ଇଭିର ଉଚ୍ଚ ମୂଲ୍ୟ ହ୍ରାସ କରିବା ପାଇଁ ପ୍ରୋତ୍ସାହନ ରାଶି ଏବଂ ଚାର୍ଜିଂ ପଏଣ୍ଟ ଆବଶ୍ୟକ। ଆଟର୍ଣ୍ଣି ଜେନେରାଲ ଆର. ଭେଙ୍କଟରମଣି କୋର୍ଟଙ୍କୁ ସୂଚନା ଦେଇଛନ୍ତି ଯେ ୧୩ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଇଭିକୁ ପ୍ରୋତ୍ସାହିତ କରିବା ପାଇଁ ଏକାଠି କାମ କରୁଛନ୍ତି। କୋର୍ଟ ସମସ୍ତ ବିଜ୍ଞପ୍ତି ଏବଂ ପ୍ରଗତି ରିପୋର୍ଟ ଗୋଟିଏ ମାସ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

**କୋର୍ଟ ଗଲେ ଅନୀଲ ଅମ୍ବାନୀ**

# କୋବ୍ରାପୋଷ୍ଟ ବିରୋଧରେ ଦାଖଲ କଲେ ମାନହାନୀ ମୋକଦ୍ଦମା



**ନୂଆଦିଲ୍ଲୀ, ୧୪।୧୧ (ଏଜେନ୍ସି):** କୋବ୍ରାପୋଷ୍ଟ ବିରୋଧରେ କୋର୍ଟ ଯାଇଛନ୍ତି ଶିଳ୍ପପତି ତଥା ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନୀଲ ଅମ୍ବାନୀ। ଖାଲି କୋବ୍ରା ପୋଷ୍ଟ ନୁହେଁ, ଅନୀଲ ଦ ଇକୋନୋମିକ୍ ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ମଧ୍ୟ ମାନହାନୀ ମାମଲା ଦାଖଲ କରିଛନ୍ତି। ଦିଲ୍ଲୀର ଏକ କୋର୍ଟରେ ଏ ନେଇ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି, ଯାହାର ଶୁଣାଣି ଆରମ୍ଭ ହୋଇଛି।

ସୂଚନାନୁସାରେ, ବିଭିନ୍ନ ଗଣମାଧ୍ୟମରେ ତାଙ୍କ କମ୍ପାନୀ ୪୧ ହଜାର କୋଟି ଟଙ୍କାର ଠକେଇ କରିଥିବା ନେଇ ଖବର ପ୍ରକାଶ ପାଇଥିଲା। ଗୁରୁବାର ଏହି ମାମଲାର ଶୁଣାଣି ବରିଷ୍ଠ ବିଚାରପତି ବିବେକ ବେନିଓ୍ୱାଲ କରିଛନ୍ତି। କୋର୍ଟ ତଥ୍ୟ ଅନୁସାରେ, କୋବ୍ରାପୋଷ୍ଟ, ଇକୋନୋମିକ୍ ଟାଇମ୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ବିରୋଧରେ ପିଟିସନ୍ ଫାଇଲ କରାଯାଇଛି। ପ୍ରଥମେ କୋବ୍ରାପୋଷ୍ଟରେ ଅକ୍ଟୋବର ୩୦ରେ ଖବର ପ୍ରକାଶ ପାଇଥିଲା ଯେ, ଅନିଲ ଅମ୍ବାନୀଙ୍କ କମ୍ପାନୀ ୪୧,୯୨୧ କୋଟିର ଏକ ଆର୍ଥିକ ଠକେଇ କରିଥିଲା। ୨୦୦୬ ମସିହାରୁ ଏହି ଠକେଇ ଚାଲିଥିଲା। ଅନ୍ୟ ଖବର କାଗଜ ଏବଂ ଓ୍ୱେବସାଇଟରେ ଏ ନେଇ ଖବର ପ୍ରକାଶିତ ହୋଇଥିଲା। ଏହା ରିଲାଏନ୍ସ ଏବଂ ଅନୀଲ ଅମ୍ବାନୀଙ୍କ ସମ୍ମାନହାନୀ କରୁଥିବା କୋର୍ଟରେ ଆବେଦନ ହୋଇଛି।

# ଖଣ୍ଡଗିରିରେ ଚାନ୍ଦି ଭଣ୍ଡାରର ୨୫ତମ ଷ୍ଟୋର

**ଭୁବନେଶ୍ୱର,୧୪।୧୧(ସମିସ):** ଚାନ୍ଦି ଭଣ୍ଡାର ଖଣ୍ଡଗିରିରେ ଏହାର ୨୫ତମ ଷ୍ଟୋର ଶୁଭାରମ୍ଭ କରିଛି। ଖଣ୍ଡଗିରି ଗୁମ୍ଫା ରୋଡ୍‌ରେ ୨୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ନୂଆ ଷ୍ଟୋର ଡିଜାଇନ୍ ଏବଂ ମନମୋହକ ଡିସ୍ ଅତି ସୁନ୍ଦର ପରିବେଶ ପ୍ରଦାନ କରୁଛି। ଐତିହ୍ୟ ସହିତ ମିଶ୍ରିତ ଆଧୁନିକ ବିଳାସକୁ ପ୍ରତିଫଳିତ କରିବା ପାଇଁ ଏହି ନୂଆ ଷ୍ଟୋର ରୁପା କଳାକୃତିର ସର୍ବୋତ୍ତମ ପ୍ରଦର୍ଶନ କରୁଛି। ଏଥିସହିତ ଏହା ଗ୍ରାହକଙ୍କୁ ଏକ ନିମଗ୍ନ ଏବଂ ପ୍ରେରଣାଦାୟକ ସପିଂ ଅଭିଜ୍ଞତା ପ୍ରଦାନ କରୁଛି। ଏହି ସ୍ୱତନ୍ତ୍ର ଅବସରକୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' କ୍ୟାମ୍ପେନ୍ ଆଣିଛି। ଗ୍ରାହକ ନଭେମ୍ବର ୧୫ରୁ ୩୦ ପର୍ଯ୍ୟନ୍ତ ରୁପା ଗହଣା ଏବଂ କଳାକୃତିର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର୍ ଉକ୍ତ ମୂଲ୍ୟବାନ ଗ୍ରାହକମାନଙ୍କ ପ୍ରତି ଏକ କୃତଜ୍ଞତାର ନିଦର୍ଶନ, ଯେଉଁମାନେ ଚାନ୍ଦି ଭଣ୍ଡାରକୁ ସେମାନଙ୍କ କାହାଣୀ ଆଣିଛନ୍ତି ଓ ଚାନ୍ଦି ଭଣ୍ଡାରକୁ ସେମାନଙ୍କ ସ୍ୱତନ୍ତ୍ର ଦିନର ଅଂଶ କରିଥାନ୍ତି। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ଆମ ଗହଣା ଆଭୁଷଣଠାରୁ ଆହୁରି ଅଧିକ କିଛି।




ଏହା ପରମ୍ପରାର ଏକ ଖଣ୍ଡ, ପ୍ରେମର ପ୍ରକାଶନ ଏବଂ ଆମ ଗ୍ରାହକଙ୍କ ବିବାହ କାହାଣୀର ଅଂଶ। ଏହି କ୍ୟାମ୍ପେନ୍ ସହ ଆମେ ବାସ୍ତବ ଦମ୍ପତିଙ୍କ ସେହି ସମ୍ପର୍କ ଏବଂ ପ୍ରକୃତ ସୌନ୍ଦର୍ଯ୍ୟକୁ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ସର୍ବୋତ୍ତମ ଗହଣା ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର। ପାରମ୍ପରିକ ରୁପା ଆଇଟମ୍ ସହିତ ଆଧୁନିକ ଲାଇଫଷ୍ଟାଇଲ୍ ଉତ୍ପାଦ ଏହା ଉପଲବ୍ଧ କରିଥାଏ।

# ଏନ୍‌ଡିଏର ବିହାର ବିଜୟ ପରେ ବି ବଜାରରେ ନିରାଶା

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ବିହାର ନିର୍ବାଚନରେ ଏନ୍‌ଡିଏର ବିଶାଳ ବିଜୟ ନିଶ୍ଚିତ ହେବା ସତ୍ତ୍ୱେ, ଷ୍ଟକ୍ ବଜାର ହ୍ରାସ ପାଇଛି। ଏକଜିଟ୍ ପୋଲର ଆଶା ଅନୁସାରେ ୭୫୦ ପଏଣ୍ଟ ବୃଦ୍ଧି ପାଇଥିବା ସେନସେକ୍ସ ଫଳାଫଳ ଦିନ କାରବାର ମଧ୍ୟରେ ୩୭୬ ପଏଣ୍ଟ ହ୍ରାସ ପାଇଲା। ଏହି ହ୍ରାସର ଅନେକ ପ୍ରମୁଖ କାରଣ ରହିଛି। ବିହାର ବିଧାନସଭା ନିର୍ବାଚନର ଫଳାଫଳ ପୁଣି ଥରେ ଏହି ପ୍ରଶ୍ନ ଉଠାଇଛି। ଏକଜିଟ୍ ପୋଲରେ ଏନ୍‌ଡିଏ ପାଇଁ ଏକ ବଡ଼ ବିଜୟ ପୂର୍ବାନୁମାନ କରିଥିଲା ଏବଂ ବଜାର ଉତ୍ସାହରେ ଭରି ଯାଇଥିଲା। ବୁଧବାର ସେନସେକ୍ସ ୭୫୦ ପଏଣ୍ଟ ଏବଂ ନିଫ୍ଟି ୨୩୦ ପଏଣ୍ଟ ବୃଦ୍ଧି ପାଇଲା। ନିବେଶକମାନେ ଉତ୍ସାହିତ ଥିଲେ।

> **ନିର୍ବାଚନ ଫଳାଫଳ ଦିନ ବଜାର ଖସିବା ଟ୍ରେଣ୍ଡ ପାଲଟିଛି**
>
> **ଏକ୍‌ଜିଟ୍ ପୋଲ୍‌ରେ ଉଠିଥିଲା**
>
> **ବିହାର ନିର୍ବାଚନ ଫଳାଫଳ; ପ୍ରଫିଟ୍ ବୁକିଂର ଖେଳ**

ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ସେନସେକ୍ସ ୩୭୬ ପଏଣ୍ଟ କିମ୍ବା ୦.୪୪% ହ୍ରାସ ପାଇ ୮୪,୧୦୨.୯୬ ପଏଣ୍ଟରେ କାରବାର କରୁଥିଲା। ନିଫ୍ଟି ୧୧୦.୭୧ ପଏଣ୍ଟ କିମ୍ବା ୦.୪୨% ହ୍ରାସ ପାଇ ୨୫,୭୭୧.୪୦ ପଏଣ୍ଟରେ କାରବାର କରୁଥିଲା। ଇନଫୋସିସ୍, ଆଇଚର ମୋଟର୍ସ ଏବଂ ଟାଟା ଷ୍ଟିଲ୍ ଭଳି ପ୍ରମୁଖ କମ୍ପାନୀଗୁଡ଼ିକର ସେୟାର ନିଫ୍ଟିରେ ୩% ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଏହାର ଅର୍ଥ ହେଉଛି ଯେ ଫଳାଫଳ ଆସିବାର ଦୁଇ ଦିନ ପୂର୍ବରୁ ଏହି ଖବରକୁ ପାଳନ କରୁଥିବା ବଜାର, ଫଳାଫଳ ନିଶ୍ଚିତ ହେବା ପରେ ଦୁର୍ବଳ ହୋଇଗଲା। କ'ଣ ସେୟାର ବଜାର ମଧ୍ୟ "ନିଶ୍ଚିତତା" ପୂର୍ବରୁ ଉତ୍ସାହ ଉପରେ ଖେଳେ? ସାଧାରଣ ନିବେଶକଙ୍କ ମନ ଭାବୁଛି ଯେ ଏହି ବିରୋଧାଭାସ ପଛରେ କାରଣ କ'ଣ। ବିଶେଷଜ୍ଞମାନେ କୁହନ୍ତି ଯେ ଏହାର ସରଳ ଉତ୍ତର ହେଉଛି ପ୍ରଫିଟ୍ ବୁକିଂ।

ସେୟାର ବଜାର କେବଳ ଗୋଟିଏ ଦଳକୁ ନୁହେଁ, 'ସ୍ଥିର ଏବଂ ନିର୍ଣ୍ଣାୟକ ନେତୃତ୍ୱ'କୁ ଭଲ ପାଏ। ଯେତେବେଳେ ବଜାର ଏକ ଦୃଢ଼, ସ୍ଥିର ସରକାର ଗଠନ ଆଶା କରେ ଯାହା ଆର୍ଥିକ ସଂସ୍କାରକୁ ଆଗକୁ ବଢ଼ାଇବ, ସେତେବେଳେ ଏହା ପୂର୍ବରୁ ଉତ୍ସବ ପାଳନ କରିବା ଆରମ୍ଭ କରେ। ଏହି କାରଣରୁ, ଏକଜିଟ୍ ପୋଲଗୁଡ଼ିକ ଏନ୍‌ଡିଏ ପାଇଁ ଏକ ବଡ଼ ବିଜୟର ପୂର୍ବାନୁମାନ କରିବା ମାତ୍ରେ ବଜାରରେ ବୃଦ୍ଧି ଘଟିଥିଲା। କିନ୍ତୁ ଫଳାଫଳ ଦିନ ବଜାରର ଏହି ହ୍ରାସ ନୂଆ ନୁହେଁ। ଯଦି ଆମେ ୨୦୧୦ ବିହାର ନିର୍ବାଚନକୁ ଦେଖିବା, ଯେତେବେଳେ ନୀତିଶ କୁମାରଙ୍କ ନେତୃତ୍ୱରେ ଏନ୍‌ଡିଏ ଏକ ବଡ଼ ବିଜୟ ହାସଲ କରିଥିଲା। କାରଣ ବିଶ୍ୱରେ ମାନ୍ଦାବସ୍ଥା ଥିବାରୁ ବଜାର ପ୍ରଭାବିତ ହୋଇ ନ ଥିଲା।

# ବେଦାନ୍ତର ନନ୍ଦଘର ୧୬ଟି ରାଜ୍ୟରେ ୧୦,୦୦୦ ଟପିଲା

**ଭୁବନେଶ୍ୱର, ୧୪।୧୧(ସମିସ):** ଶିଶୁ ଦିବସ ଅବସରରେ, ବେଦାନ୍ତ ଗ୍ରୁପର ସାମାଜିକ ପ୍ରଭାବ ଶାଖା ଅନିଲ ଅଗ୍ରୱାଲ ଫାଉଣ୍ଡେସନ (ଏଏଏଫ), ଭାରତର ଅଗ୍ରଣୀ ଶକ୍ତି ପରିବର୍ତ୍ତନ ଧାତୁ, ତୈଳ ଏବଂ ଗ୍ୟାସ, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟ, ଭାରତର ସାମାଜିକ ପ୍ରଭାବ ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ ଘୋଷଣା କରିଛି। ବେଦାନ୍ତର ପ୍ରମୁଖ ସାମାଜିକ ପ୍ରଭାବ ପଦକ୍ଷେପ, ନନ୍ଦଘର ୧୬ଟି ରାଜ୍ୟରେ ୧୦,୦୦୦ କେନ୍ଦ୍ର ମାଇଲଖୁଂଟ ଅତିକ୍ରମ କରିଛି, ସାରା ଦେଶରେ ପ୍ରତିଦିନ ଚାରି ଲକ୍ଷରୁ ଅଧିକ ଶିଶୁ ଏବଂ ତିନି ଲକ୍ଷ ମହିଳାଙ୍କ ଜୀବନକୁ ପରିବର୍ତ୍ତନ କରୁଛି। ନନ୍ଦଘର ଗ୍ରାମୀଣ କେନ୍ଦ୍ରଗୁଡ଼ିକୁ ଆଧୁନିକୀକରଣ କରି ଏବଂ ଉନ୍ନତ ପୁଷ୍ଟିସାର, ପ୍ରାରମ୍ଭିକ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ମହିଳା ଏବଂ ଶିଶୁମାନଙ୍କୁ ସଶକ୍ତ କରି ଭାରତର ଅଙ୍ଗନୱାଡି ଇକୋସିଷ୍ଟମକୁ ପୁନଃପରିଭାଷିତ କରୁଛି। ଭାରତ ସରକାରଙ୍କ ସମନ୍ୱିତ ଶିଶୁ ବିକାଶ ଯୋଜନା ସହିତ ମିଳିତ ଭାବରେ, ଯାହା ଚଳିତ ବର୍ଷ ୫୦ ବର୍ଷ ପୂରଣ କରୁଛି।

## ବାଲିଯାତ୍ରାରେ ଭାରତ ମସଲାର ଲକି ଡ୍ର ସହିତ ବମ୍ପର ପ୍ରାଇଜ୍ ଘୋଷଣା

# ବମ୍ପର ପ୍ରାଇଜ୍ ବିଜେତା ସୁମିତ୍ରାଙ୍କୁ ମିଳିଲା ସ୍କୁଟି

**କଟକ, ୧୪।୧୧(ସମିସ):** ଭାରତ ମସଲା ପକ୍ଷରୁ ପ୍ରତିଦିନ ଉଠାଯାଇଥିବା ଲକି ଡ୍ର'ର ଶେଷ ଦିନର ଭାଗ୍ୟଶାଳୀ ବିଜେତାମାନଙ୍କର ଭାଗ୍ୟର କୁପନଗୁଡ଼ିକୁ ଦୁଇ ନମ୍ବର ଷ୍ଟଲ୍‌ରେ ସର୍ବସମ୍ମୁଖରେ ଉଠାଣ କରାଯାଇଥିଲା। ଏଥିରେ ପ୍ରଥମ ବିଜେତା ଜଣକ ହେଉଛନ୍ତି କଟକ ଖାନନଗରର ପ୍ରିୟଦର୍ଶିନୀ ରଣା, ଯିଏକି ମୁଖ୍ୟ ଅତିଥି ନିର୍ଦ୍ଦେଶିକା ଏସ ଏନ ମିଲେନିୟମଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ। ସେହିପରି ୨ୟ ବିଜେତା ବିଡିଏ ଭୁବନେଶ୍ୱରର ପୌଷଲ୍ୟା ମିତ୍ର ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା କଟକ ନିମସାହିର ରିନୁ ବେଗମଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା କଟକ ଜଗତପୁର ଶାନ୍ତନୁ କୁମାର ବେହେରା ଫ୍ରାଇଂ ପ୍ୟାନ୍ ମୁଖ୍ୟ ଅତିଥି ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ଯାଜପୁର ଜିଲ୍ଲା ଜାରକା ଅଞ୍ଚଳର ସୁମିତ୍ରା ପରିଡାଙ୍କୁ ବମ୍ପର୍ ପ୍ରାଇଜ ସ୍ୱରୂପ ସ୍କୁଟି (ଇଭି) ପ୍ରଦାନ କରାଯାଇଥିଲା। ଏଥିରେ ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।




# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ କ୍ଷୁଧାମୁକ୍ତ ବିଶ୍ୱ ପଦକ୍ଷେପକୁ ବଢ଼ାଉଛି


**ଭୁବନେଶ୍ୱର ,୧୪।୧୧(ଏଜେନ୍ସି):** ବିଶ୍ୱର ୫ମ ବୃହତ୍ତମ ଅଳଙ୍କାର ଖୁଚୁରା ବିକ୍ରେତା ଏବଂ ଭାରତର ଅଗ୍ରଣୀ କର୍ପୋରେଟ୍ ସାମାଜିକ ଦାୟିତ୍ୱ ଗ୍ରହଣ କରୁଥିବା କମ୍ପାନୀ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଇଥିଓପିଆକୁ ଏହାର ପ୍ରମୁଖ ହଙ୍ଗର ଫ୍ରି ୱାର୍ଲ୍ଡ ପଦକ୍ଷେପର ବିସ୍ତାର ଘୋଷଣା କରିଛି। ଭାରତ ଏବଂ ଜାମ୍ବିଆରେ ଏହାର ପରିବର୍ତ୍ତନମୂଳକ ସଫଳତା ପରେ, ଏହି ପଦକ୍ଷେପ ଏବେ ଆଫ୍ରିକୀୟ ମହାଦେଶରେ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରୁଛି। ଭାରତର ସାମୂହିକ ପ୍ରଗତିରେ ମୂଳ, ହଙ୍ଗର ଫ୍ରି ୱାର୍ଲ୍ଡ ମଡେଲ୍ ପ୍ରତିନିଧିତ୍ୱ କରେ ଯେ ଭାରତୀୟ ଉଦ୍ୟୋଗ ସ୍ଥାନୀୟ ସଫଳତାରୁ ବିଶ୍ୱ ପ୍ରଭାବ କିପରି ନିର୍ମାଣ କରିପାରିବ। ନିରନ୍ତର ଭାବରେ ଏହାର ନିଟ୍ ଲାଭର ୫% - ଭାରତରେ ବାଧ୍ୟତାମୂଳକ ସିଏସଆର୍ ଆବଣ୍ଟନର ଦୁଇଗୁଣରୁ ଅଧିକ - ନିବେଶ କରି ମାଲାବାର କର୍ପୋରେଟ୍ ସାମାଜିକ ଦାୟିତ୍ୱର ସ୍କେଲ ଏବଂ ଆନ୍ତରିକତାକୁ ପୁନଃପରିଭାଷିତ କରି ଚାଲିଛି, ଏହାର ପ୍ରମାଣିତ ଭାରତ-ଆଧାରିତ ଢାଞ୍ଚାକୁ କ୍ଷୁଧା ଏବଂ ଶିକ୍ଷାଗତ ଅସମାନତା ବିରୁଦ୍ଧରେ ଏକ ବିଶ୍ୱ ଆନ୍ଦୋଳନରେ ରୂପେ ପ୍ରତିଫଳିତ କରୁଛି। ଦୁବାଇ ଗୋଲ୍ଡ ସୌକର ମାଲାବାର ଇଛଷ୍ଟଗ୍ରୁ;ରନ୍ୟାସନାଲ ହବ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାଲାବାର ଗ୍ରୁପ୍‌ର ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଅବଦୁଲ ସଲାମ କେ.ପି. ଆନୁଷ୍ଠାନିକ ଭାବରେ ଦୁବାଇର ଇଥିଓପିଆ କନସୁଲ ଜେନେରାଲ ମହାମହିମ ଅସମେଲାଶ ବେକେଲେଙ୍କୁ ହଙ୍ଗର ଫ୍ରି ୱାର୍ଲ୍ଡ କାର୍ଯ୍ୟକ୍ରମର ଆଗ୍ରହ ପତ୍ର ପ୍ରଦାନ କରିଥିଲେ।

# ପ୍ରଥମ ଗୃହରଣ ଆଣିଥିଲେ ଡିବି ରେମେଡିଓସ୍

## ୧୯୭୮ରେ ଏଚ୍‌ଡିଏଫ୍‌ସିରୁ ନେଇଥିଲେ ୭୦ ହଜାର ଟଙ୍କା

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଆଜିକାଲି, ଯେତେବେଳେ କେହି ଘର କିଣିବା ବିଷୟରେ ଚିନ୍ତା କରନ୍ତି, ସେତେବେଳେ ମନକୁ ପ୍ରଥମ ଚିନ୍ତା ଆସେ ଗୃହ ଋଣ। ପ୍ରାୟ ପ୍ରତ୍ୟେକ ବ୍ୟାଙ୍କ ଆକର୍ଷଣୀୟ ସୁଧ ହାର ଏବଂ ସହଜ କିସ୍ତିରେ ଋଣ ପ୍ରଦାନ କରିବାକୁ ପ୍ରସ୍ତୁତ। କିନ୍ତୁ ଆପଣ କେବେ ଭାବିଛନ୍ତି କି ଭାରତରେ ଏହି ଧାରା କିପରି ଆରମ୍ଭ ହୋଇଥିଲା? ଏକ ସମୟ ଥିଲା ଯେତେବେଳେ ଆମ ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଗୃହ ଋଣ ଶବ୍ଦର ଅସ୍ତିତ୍ୱ ମଧ୍ୟ ନ ଥିଲା। ଆଜି, ଆମେ ଜାଣିବା ଯେ ଭାରତରେ ପ୍ରଥମ ଗୃହ ଋଣ କିଏ ନେଇଥିଲେ, କେଉଁ ବ୍ୟାଙ୍କ ଏହାକୁ ପ୍ରଦାନ କରିଥିଲା ଏବଂ ଏହାର ମୂଲ୍ୟ କେତେ ଥିଲା। ଭାରତରେ ଗୃହ ଋଣର ଯାତ୍ରା ୧୯୭୮ ମସିହାରେ ଆରମ୍ଭ ହୋଇଥିଲା। ଡି.ବି. ରେମେଡିଓସ୍ ଦେଶର ପ୍ରଥମ ଗୃହ ଋଣ ନେଇଥିବା ଗ୍ରାହକ। ମୁମ୍ବାଇରେ ସେ ଘର ତିଆରି ପାଇଁ ୭୦,୦୦୦ ଟଙ୍କାର ଋଣ ଏଚ୍‌ଡିଏଫ୍‌ସି (ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ)କୁ ମାଗିଥିଲେ, ହେଲେ ତାଙ୍କୁ ୩୦,୦୦୦ ଟଙ୍କାର ଋଣ ମିଳିଥିଲା। ଏହି ଋଣର ସୁଧ ହାର ୧୦.୫% ଥିଲା। ରେମେଡିଓସ୍ ମୁମ୍ବାଇର ମାଲାଡ ଅଞ୍ଚଳରେ ଏହି ଘର ନିର୍ମାଣ କରୁଥିଲେ। ଏହି ଋଣପରିମାଣ ତାଙ୍କ ଘରର ମୋଟ ମୂଲ୍ୟର ଅଧାରୁ କମ୍ ଥିଲା।

ଭାରତରେ ବ୍ୟାଙ୍କିଙ୍ଗର ଇତିହାସ ବହୁତ ପୁରୁଣା। ୧୯୩୫ ମସିହାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପ୍ରତିଷ୍ଠା ଏକ କେନ୍ଦ୍ରୀକୃତ ଢାଞ୍ଚା ପ୍ରଦାନ କରିଥିଲା। ୧୯୬୯ ଏବଂ ୧୯୮୦ ମସିହାରେ ବ୍ୟାଙ୍କଗୁଡ଼ିକର ଜାତୀୟକରଣ ସାଧାରଣ ଲୋକଙ୍କ ପାଇଁ ବ୍ୟାଙ୍କ ସେବାକୁ ସୁଲଭ କରିଥିଲା। ଏହା ସତ୍ତ୍ୱେ, ୧୯୭୦ ଦଶକ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଶିଳ୍ପ ଏବଂ ବାଣିଜ୍ୟ ଉପରେ ଧ୍ୟାନ ଦେଉଥିଲେ।



«ଗୃହ ନିର୍ମାଣ" ପାଇଁ ସାଧାରଣ ଲୋକଙ୍କୁ ଋଣ ପ୍ରଦାନ କରିବା ପାଇଁ କୌଣସି ସଂଗଠିତ ଢାଞ୍ଚା ନ ଥିଲା। ସେହି ସମୟରେ, ଯେତେବେଳେ ସରକାରୀ ବ୍ୟାଙ୍କଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ ପ୍ରବେଶ କରିବାକୁ ସଙ୍କୋଚ କରୁଥିଲେ, ଗୋଟିଏ କମ୍ପାନୀ ଏହି ବଜାରରେ ଉପସ୍ଥିତି ଜାହିର କରିଥିଲା। ସେହି କମ୍ପାନୀ ହେଉଛି, ଏଚ୍‌ଡିଏଫ୍‌ସି (ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନ)। ସେହି ସମୟରେ, ଏଚ୍‌ଡିଏଫ୍‌ସି ଗୃହ ଋଣ ବଜାରରେ ଏକମାତ୍ର ସଂଗଠିତ ସଂସ୍ଥା ଥିଲା।

୨୦୦୨ ପୂର୍ବରୁ, ବ୍ୟାଙ୍କଗୁଡ଼ିକର ଏକ ପ୍ରମୁଖ ଚିନ୍ତା ଥିଲା। ଯଦି ଜଣେ ଗ୍ରାହକ ଗୃହ ଋଣରେ ଖିଲାପ କରନ୍ତି (ଖିଲାପୀ), ତେବେ ବ୍ୟାଙ୍କ ଏହାକୁ କିପରି ପରିଚାଳନା କରିବେ? ଏହି ସମ୍ପର୍କରେ କୌଣସି ସ୍ପଷ୍ଟ ଏବଂ ଦୃଢ଼ ଆଇନ ନ ଥିଲା। ବ୍ୟାଙ୍କଗୁଡ଼ିକ ଋଣ ଦେବାକୁ ଭୟ କରୁଥିଲେ, ଭୟ କରୁଥିଲେ ଯେ ସେମାନଙ୍କର ଟଙ୍କା ଅଟକି ଯାଇପାରେ। ଏହି ଭୟକୁ ଦୂର କରିବା ପାଇଁ, ୨୦୦୨ରେ ସରଫେସୀ ଆଇନ ପ୍ରଣୟନ କରାଯାଇଥିଲା। ଏହି ଆଇନ ବ୍ୟାଙ୍କଗୁଡ଼ିକୁ ଋଣ ଖିଲାପୀ ହେଲେ ସମ୍ପତ୍ତି ଜବତ କରିବାର ଏବଂ ସେମାନଙ୍କ ଟଙ୍କା ପୁନରୁଦ୍ଧାର ପାଇଁ ଏହାକୁ ନିଲାମ କରିବାର ଅଧିକାର ଦେଇଥିଲା। ଏହି ଆଇନ ବ୍ୟାଙ୍କଗୁଡ଼ିକୁ ପ୍ରଚଣ୍ଡ ଆତ୍ମବିଶ୍ୱାସ ଦେଇଥିଲା। ଏହା ପରେ ହିଁ ଅଧିକାଂଶ ସରକାରୀ ଏବଂ ବେସରକାରୀ ବ୍ୟାଙ୍କ ଗୃହ ଋଣ ବଜାରରେ ପ୍ରବେଶ କରିଥିଲେ।


**ମଧ୍ୟବିତ୍ତଙ୍କୁ ଚେତାବନୀ**

# ବଜେଟ୍ ବାହାରେ ଗୃହଋଣ କଲେ ବର୍‌ବାଦ

**ନୂଆଦିଲ୍ଲୀ,୧୪।୧୧(ଏଜେନ୍ସି):** ଯଦି ଆପଣ ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ବଡ଼ ସହରରେ ଘର କିଣିବାର ସ୍ୱପ୍ନ ଦେଖୁଛନ୍ତି, ତେବେ ଏହା ସ୍ୱପ୍ନ ହୋଇ ରହିଯାଇପାରେ। ଏଠାରେ ପ୍ରପର୍ଟି ମୂଲ୍ୟ ଏତେ ମହଙ୍ଗା ଯେ ଏହା ସାଧାରଣ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ବାହାରେ ହୋଇଯାଉଛି। ଏହି ସମୟରେ, ଯଦି ଜଣେ ମଧ୍ୟବିତ୍ତ ଶ୍ରେଣୀର ବ୍ୟକ୍ତି ଋଣ ନେଇ ଘର କିଣିବାକୁ ଚାହାଁନ୍ତି, ତେବେ ସେମାନେ ବର୍ବାଦ୍ ହୋଇଯାଇପାରନ୍ତି। ତଥାପି, ଅନେକ ଲୋକ ଏଭଳି କରି ପୂର୍ବରୁ ନଷ୍ଟ ହଇରାଣଶ ହରକତ୍ ହୋଇଛନ୍ତି। ହେଲେ ବଜାର ବିଶେଷଜ୍ଞମାନେ ଏବେ ଏ ନେଇ ସତର୍କ କରାଇଛନ୍ତି।

ଲିଙ୍କଡଇନ୍‌ରେ ଏକ ପୋଷ୍ଟରେ, ବିଶେଷଜ୍ଞ ସୁଜୟ ୟୁ କହିଛନ୍ତି ଯେ ପ୍ରମୁଖ ସହରଗୁଡ଼ିକରେ ଘର କିଣିବା ଆଉ ସମ୍ପତ୍ତି ସୃଷ୍ଟି କରିବା ନୁହେଁ, ବରଂ ଏଭଳି ପଦକ୍ଷେପ ଆପଣଙ୍କୁ ଅସୁବିଧାରେ ପକାଇପାରେ। ସେ ବ୍ୟାଖ୍ୟା କରିଛନ୍ତି ଯେ ଆଜିର ସହରାଞ୍ଚଳ ଭାରତୀୟଙ୍କ ପାଇଁ ଘର କିଣିବା ଅପେକ୍ଷା ଭଡା ନେବା ଅଧିକ ଲାଭଦାୟକ। ତାଙ୍କ ପୋଷ୍ଟରେ, ସୁଜୟ ଏହି ଧାରଣାକୁ ଏଡାଇଯାଇଛନ୍ତି ଯେ ସମ୍ପତ୍ତି କିଣିବା ଅର୍ଥ ଧନୀ ହେବା।

ତାଙ୍କ ମତରେ ଆଜିର ସମୟରେ ମୁମ୍ବଇରେ ଏକ ୨ ବିଏଚ୍‌କେ ଫ୍ଲାଟର ମୂଲ୍ୟ ୨ ରୁ ୨.୨ କୋଟି ଟଙ୍କା। ବେଙ୍ଗାଲୁରୁରେ, ଏହା ୧.୨ ରୁ ୧.୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି। ଅନ୍ୟପକ୍ଷରେ, ଏହି ସହରଗୁଡ଼ିକରେ ଗୋଟିଏ ପରିବାରର ହାରାହାରି ବାର୍ଷିକ ଆୟ କେବଳ ୨୦ ରୁ ୩୦ ଲକ୍ଷ। ଏହାର ଅର୍ଥ ହେଉଛି ଘରର ମୂଲ୍ୟ ପରିବାରର ଆୟଠାରୁ ୮ରୁ ୧୨ ଗୁଣ ଅଧିକ, ଯେତେବେଳେ କି ବିଶ୍ୱ ସ୍ତରରେ ଏହା ୩ରୁ ୫ଗୁଣ ରହିବା ଯୁକ୍ତିଯୁକ୍ତ ବୋଲି ବିବେଚନା କରାଯାଏ।




ସୁଜୟ ତାଙ୍କ ପୋଷ୍ଟରେ ଗୃହ ଋଣ ଇଏମ୍‌ଆଇ ଉପରେ ମଧ୍ୟ ନିଜର ମତ ପ୍ରକାଶ କରି। ସେ ଏହାକୁ ଏକ ଫାଶ ଭାବରେ ବର୍ଣ୍ଣନା କରିଥିଲେ। ସେ ଲେଖିଛନ୍ତି ଯେ ମୁମ୍ବାଇରେ ୨ କୋଟି ମୂଲ୍ୟର ଏକ ଫ୍ଲାଟ୍ ପାଇଁ, ପ୍ରତି ମାସରେ ୧.୪ ଲକ୍ଷ ଟଙ୍କାରୁ ଅଧିକ ଇଏମ୍‌ଆଇ ଦେବାକୁ ପଡ଼େ। ଏହି ଇଏମ୍‌ଆଇ ପରିବାରର ମୋଟ ଆୟର ୫୦ ରୁ ୭୦% ଆୟ ଖାଇଯାଏ। ସୁଜୟ ଏ ନେଇ ଚେତାଇ ଦେଇଛନ୍ତି। ତାଙ୍କ ଅନୁସାରେ, ବିଶ୍ୱବ୍ୟାପୀ ଆର୍ଥିକ ପରାମର୍ଶଦାତାମାନେ କୁହନ୍ତି ଯେ ଘର ଭଡ଼ା କିମ୍ବା ଇଏମ୍‌ଆଇ ଜଣଙ୍କର ଆୟର ୩୦% ରୁ ଅଧିକ ହେବା ଉଚିତ୍ ନୁହେଁ। ସେ ଏହା ମଧ୍ୟ ବ୍ୟାଖ୍ୟା କରିଛନ୍ତି ଯେ ସମ୍ପତ୍ତିରୁ ରିଟର୍ଣ୍ଣ ମଧ୍ୟ ବହୁତ କମ୍। ଏକ ପ୍ରମୁଖ ଅଧ୍ୟୟନ ଅନୁଯାୟୀ, ୨୦୧୩ ରୁ ୨୦୨୩ ମଧ୍ୟରେ ମୁମ୍ବାଇରେ ସମ୍ପତ୍ତି ମୂଲ୍ୟ ୧% ହ୍ରାସ ପାଇଛି। ସାରା ଦେଶରେ ୨୦୧୦ ପରଠାରୁ ପ୍ରପର୍ଟି ମୂଲ୍ୟ ବାର୍ଷିକ ମାତ୍ର ୩% ବୃଦ୍ଧି ପାଇଛି। ଏହି ସମୟରେ, ଭଡା ରିଟର୍ଣ୍ଣ ପ୍ରାୟ ୨%, ଯାହା ବିଶ୍ୱରେ ସର୍ବନିମ୍ନ।

ସୁଜୟ କହିଛନ୍ତି, ସମ୍ପତ୍ତିରେ ନିବେଶ ଆପଣଙ୍କୁ ଧନୀ କରି ନ ଥାଏ, ବରଂ ଆପଣଙ୍କର ସ୍ୱାଧୀନତା, ଗତିବିଧିର ସ୍ୱାଧୀନତା ଏବଂ ନିବେଶ କରିବାର କ୍ଷମତା ହ୍ରାସ କରିଥାଏ। ସେ ବେଙ୍ଗାଲୁରୁର ହ୍ୱାଇଟ୍ ଫିଲ୍ଡ ଅଞ୍ଚଳର ଯୁବ ଭଡାଟିଆଙ୍କ ଉଦାହରଣ ଦେଇଥିଲେ। ଏହି ଲୋକମାନେ ସେମାନଙ୍କର ଇଏମ୍‌ଆଇ ସଞ୍ଚୟ କରନ୍ତି ଏବଂ ଏସ୍‌ଆଇପି (ସିଷ୍ଟମେଟିକ୍ ନିବେଶ ଯୋଜନା) ରେ ନିବେଶ କରନ୍ତି। ଏହା କରି ସେମାନେ ଦୁଇ ଦଶନ୍ଧି ପରେ ଯେଉଁମାନେ ବଡ଼ ଗୃହ ଋଣ ନେଇଛନ୍ତି ସେମାନଙ୍କ ଅପେକ୍ଷା ଅଧିକ ଧନ ଅର୍ଜ୍ଜନ କରିଥାନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେଇପାରେ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟାର ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଦୀର୍ଘଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହି ପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୩୦-ସମାଜ ସଂସ୍କାରକ ରାଜା ରାମମୋହନ ରାୟଙ୍କ ବିଲାତ ଯାତ୍ରା।
- ୧୯୨୦- ଜେନିଭାରେ ଲିଗ୍ ଅଫ୍ ନେସନ୍‌ର ପ୍ରଥମ ବୈଠକ ଆରମ୍ଭ।
- ୧୯୬୧- ମିଳିତ ଜାତିସଂଘ ପରମାଣୁ ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଇଲା।
- ୧୯୭୧- ଇଣ୍ଟେଲ୍ ବିଶ୍ୱର ପ୍ରଥମ ମାଇକ୍ରୋପ୍ରୋସେସର୍ ଇଣ୍ଟେଲ୍ ୪୦୦୪ ଲଞ୍ଚ୍ କଲା।
- ୨୦୦୦- ଝାଡ଼ଖଣ୍ଡ ଭାରତର ୨୮ତମ ରାଜ୍ୟ ହେଲା।
- ୨୦୦୭- ଚିଲିରେ ୭.୭ ତୀବ୍ରତାର ଭୂମିକମ୍ପ ଆସିଥିଲା।

## ବିରଳ ବେଙ୍ଗ
# ପାଟିରେ ଦେଖେ ଦୁନିଆ




କାନାଡ଼ାର ଓଣ୍ଟାରିଓ ଅନ୍ତର୍ଗତ ବର୍ଲିଂଟନ୍‌ରେ ଏକ ବିରଳ ପ୍ରଜାତିର ବେଙ୍ଗର ସନ୍ଧାନ ମିଳିଛି। ସାଧାରଣ ବେଙ୍ଗର ଆଖି ମୁହଁ ଉପରେ ଥିବାବେଳେ ଏହାର ଆଖି ପାଟି ଭିତରେ ରହିଛି। ବୈଜ୍ଞାନିକମାନେ ଏହାର ନାଁ ଦେଇଛନ୍ତି 'ଇଣ୍ଟ୍ରୋସ୍ପେକ୍ଟିଭ ଫ୍ରଗ୍'। କାରଣ ଏହି ବେଙ୍ଗକୁ ଦୁନିଆ ଦେଖିବାକୁ ତା'ର ପାଟି ଖୋଲିବାକୁ ପଡ଼ିଥାଏ। ପାଟି ଭିତରେ ଆଖି ରହିବା କାରଣ ଜେନେଟିକ୍ ମ୍ୟୁଟେଶନ। ଘଟଣାକ୍ରମେ ଓଣ୍ଟାରିଓର ଜଣେ ହାଇସ୍କୁଲ ଛାତ୍ର ଡିଡ୍ରେ ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ସେ ଏକ ବିଚିତ୍ର ବେଙ୍ଗକୁ ଦେଖିଥିଲେ। ତାଙ୍କୁ ଲାଗିଥିଲା ବେଙ୍ଗଟି ଆଖି ବନ୍ଦ କରି ଶୋଇଛି। ହେଲେ ବେଙ୍ଗଟିକୁ ଧରିବାବେଳେ ସେ ପାଟି ଖୋଲିଥିଲା। ବେଙ୍ଗର ଆଖି ତା'ର ପାଟି ଭିତରେ ଥିବା ଦେଖି ଡିଡ୍ରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେଣୁ ସେ ଏହି ବେଙ୍ଗକୁ ନେଇ ଘରେ ରଖିଥିଲେ। ଏହାର ନାଁ ଦେଇଥିଲେ 'ଗୋଲମ'। ଏହା ସହିତ ସେ ସାମ୍ବାଦିକ ସ୍କଟ୍ ଗାର୍ଡନରଙ୍କୁ ଫୋନ୍ କରି ବେଙ୍ଗଟି ବିଷୟରେ କହିଥିଲେ। ସ୍କଟ୍ ବେଙ୍ଗର କଳା ଧଳା ଫଟୋ ଉଠାଇ ଥିଲେ। ଫଟୋରେ ବେଙ୍ଗର ମୁହଁ ଖୋଲାଥିଲା। ଗାର୍ଡନରଙ୍କ କହିବାନୁସାରେ, ଏହି ବେଙ୍ଗଟି ସାମାନ୍ୟ ଦେଖାଯାଉଥିଲେ ହେଁ, ଏହା ଆଖି ଖୋଲିଲେ ଭୟାନକ ଲାଗିଥାଏ। ବୈଜ୍ଞାନିକଙ୍କ କହିବା ଅନୁସାରେ, ଏହା ମ୍ୟାକ୍ରୋମ୍ୟୁଟେସନ ଅଟେ। ସାଧାରଣତଃ ବେଙ୍ଗ ଭ୍ରୁଣରେ ଆଖି ମୁଣ୍ଡ ଉପରେ ବିକଶିତ ହୁଏ। ଆଖି ଡୋଳା ବାହାରକୁ ଆସିଥାଏ। ହେଲେ ଗୋଲମର ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଯାଇ ଥାଇପାରେ। ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ପ୍ରଫେସର ଜେମ୍ସ ବୋଗର୍ଟ ଏହି ମାମଲାର ଯାଞ୍ଚ କରିଥିଲେ। ତାଙ୍କ କହିବାନୁସାରେ, 'ବେଙ୍ଗ ପାଟି ଭିତରେ ଆଖି ରହିବା ଜିନ୍ ନିୟନ୍ତ୍ରଣରେ ବ୍ୟାହତ କିମ୍ବା ପରିବେଶ ପ୍ରଦୂଷଣର ମଧ୍ୟ କାରଣ ହୋଇପାରେ। ଗୋଲମ୍ କ୍ଷେତ୍ରରେ କିନ୍ତୁ ଏହା ଜନ୍ମଜାତ।'

## ପ୍ରଥମ ଥର ଏକାଠି ଆସିବେ
# ଶ୍ରଦ୍ଧା-ରଣଦୀପ



ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ବହୁତ ଦେଖିଚାହିଁ ଫିଲ୍ମ ସାଇନ୍ କରନ୍ତି। 'ସ୍ତ୍ରୀ ୨'ର ଜବରଦସ୍ତ ସଫଳତା ପରେ ଏବେ ସେ 'ଇଥା' ଫିଲ୍ମରେ ଲିଡ୍ ରୋଲରେ ନଜର ଆସିବେ। 'ଛାବା' ଭଳି ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ଲକ୍ଷ୍ମଣ ଉତେକର ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏଥିରେ ଶ୍ରଦ୍ଧା କପୁରଙ୍କ ବିପକ୍ଷରେ ରଣଦୀପ ହୁଦା ଦେଖାଯିବେ। ପ୍ରଥମ ଥର ପାଇଁ ରଣଦୀପ ଓ ଶ୍ରଦ୍ଧା ଏକାଠି ବଡ଼ ପରଦାରେ ନଜର ଆସିବେ। ଏଇ ମାସ ଶେଷ ଆଡ଼କୁ ଏହାର ସୁଟିଂ ମୁମ୍ବାଇରୁ ଆରମ୍ଭ ହେବ। 'ଇଥା' ପ୍ରସିଦ୍ଧ ଲାବଣୀ ତଥା ତମାଶା କଳାକାର ବିଠାବାଇ ନାରାୟଣ ଗାଓଁଙ୍କର ବାୟୋପିକ୍ ହେବ। ଏଥିପାଇଁ ଶ୍ରଦ୍ଧା ଏବେ ଲାବଣୀ ନୃତ୍ୟ ଶିଖୁଛନ୍ତି। ଏଯାବତ୍ ଏହି ଫିଲ୍ମର ରିଲିଜ୍ ଡେଟ୍ ସାମ୍ନାକୁ ଆସିନାହିଁ।

## ଆଜି ଆସିଥିଲେ
# ବିପ୍ଳବୀ ବିର୍ସା ମୁଣ୍ଡା



ବିର୍ସା ମୁଣ୍ଡା ଭାରତର ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବରେ ଇତିହାସରେ ବିଖ୍ୟାତ। ୧୮୭୫ ମସିହା ଆଜିର ଦିନରେ ସେ ଅଧୁନା ଝାଡ଼ଖଣ୍ଡ ରାଜ୍ୟର ଖୁଣ୍ଟି ଜିଲ୍ଲା ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ବାଲ୍ୟଶିକ୍ଷା ସାଲଗାଠାରେ ଆରମ୍ଭ ହୋଇଥିଲା। ଚାଇଁବସା ମିଶନ୍ ସ୍କୁଲରେ ପଢୁଥିଲାବେଳେ ଗୋରା ପ୍ରଧାନଶିକ୍ଷକ ଆକ୍ରୋଶମୂଳକ ଭାବେ ବିର୍ସାଙ୍କୁ ଚାବୁକରେ ମାଡ଼ ମାରିଥିଲେ ଓ ସ୍କୁଲରୁ ବହିଷ୍କାର କରି ଦେଇଥିଲେ। ସେବେଠାରୁ ପାଠପଢ଼ା ଛାଡ଼ି ବ୍ରିଟିଶ୍ ଶାସନରୁ ଓଡ଼ିଶାକୁ ମୁକ୍ତ କରିବାକୁ ସେ ଲାଗିପଡ଼ିଥିଲେ। ଏଥିପାଇଁ ସ୍ଥାନୀୟ ଆଦିବାସୀଙ୍କୁ ସେ ଏକାଠି କରିଥିଲେ। ସେବକପଟ୍ଟା ନ ଲେଖିବା, ଖଜଣା ନ ଦେବା ଏବଂ ବନ୍ଧୁକ ମୁନକୁ ଡରି ଧର୍ମ ପରିବର୍ତ୍ତନ ନ କରିବାକୁ ସେ ଆଦିବାସୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଥିଲେ। ତାଙ୍କ ନେତୃତ୍ୱରେ ଆଦିବାସୀମାନେ ଏକତ୍ରିତ ହୋଇ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ବିପ୍ଳବ କରିବା ପାଇଁ ଆଗଭର ହେବାର ଦେଖି ଇଂରେଜ ଶାସକ ପ୍ରମାଦ ଗଣିଲେ। ୧୮୯୫ ମସିହା ଅଗଷ୍ଟ ୧୬ ଦିନ ଇଂରେଜ ସିପାହୀ ବିର୍ସା ମୁଣ୍ଡାଙ୍କ ସମେତ ତାଙ୍କର ୧୫ ଜଣ ସାଥିଙ୍କୁ ଗିରଫ କରିଥିଲେ। ଦେଶଦ୍ରୋହ ଅପରାଧରେ ତାଙ୍କୁ ଦୁଇବର୍ଷ କାରାଦଣ୍ଡ ଦିଆଗଲା। ଏଥିପାଇଁ ତାଙ୍କୁ ରାଞ୍ଚି ଜେଲ୍‌କୁ ପଠାଇ ଦିଆଗଲା। ମହାରାଣୀ ଭିକ୍ଟୋରିଆଙ୍କ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅନେକ କଏଦୀଙ୍କୁ ମୁକ୍ତ କରି ଦିଆଯାଇଥିଲା। ଏମିତିରେ ବିର୍ସା ଓ ତାଙ୍କର ସହକର୍ମୀମାନେ ମଧ୍ୟ ମୁକ୍ତି ପାଇ ଯାଇଥିଲେ। ତାଙ୍କ ଆହ୍ୱାନରେ ଶହ ଶହ ଯୁବକ ନିଜ ମାତୃଭୂମିକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବାପାଇଁ ଶପଥ ନେଲେ। ସେମାନେ ୧୮୯୯ ମସିହା ଡିସେମ୍ବର ୯ ତାରିଖ ଦିନ ନିଆଁହୁଳା, ଧନୁତୀର ଓ ବର୍ଚ୍ଛା ଧରି ଗୋରାମାନଙ୍କର ବାସଭବନ ଓ ଅଫିସ୍‌ରେ ନିଆଁ ଲଗାଇଦେଲେ। ରାଞ୍ଚି ବିଚାରାଳୟ ଆକ୍ରମଣ କରୁଥିବା ସମୟରେ ସେମାନଙ୍କ ଭିତରୁ ୧୨ଜଣ ଶହୀଦ ହୋଇଥିଲେ। ବ୍ରିଟିଶ୍ ସରକାର ବିର୍ସାଙ୍କୁ ଧରାଇଦେଲେ ପାଞ୍ଚଶହ ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରିଥିଲେ। ତାଙ୍କର ସନ୍ଧାନ ନେବାପାଇଁ କନେଷ୍ଟବଳ ବୁଦ୍ଧୁରାମ ଓ ଜୟରାମଙ୍କୁ ଇଟିକା ଗ୍ରାମକୁ ପଠାଗଲା। ବିର୍ସାଙ୍କର ମୁଖ୍ୟ ସହକର୍ମୀ ଗୟା ମୁଣ୍ଡା ଅନ୍ୟ ଗ୍ରାମବାସୀଙ୍କ ସହାୟତାରେ ୧୯୦୦ ମସିହା ଜାନୁଆରୀ ୧୫ ତାରିଖରେ ଦୁଇଜଣ କନେଷ୍ଟବଳଙ୍କୁ ହତ୍ୟା କରିଥିଲେ। ଏହାର ପ୍ରତିଶୋଧ ନେଇ ମିଃ ଷ୍ଟ୍ରିଟ୍ ଫିଲ୍ଡ ସଶସ୍ତ୍ର ପୋଲିସ୍ ବାହିନୀ ସହାୟତାରେ ଗୟା ମୁଣ୍ଡାଙ୍କୁ ଗିରଫ କରିବା ସମୟରେ ସେମାନଙ୍କ ଭୀଷଣ ଅସ୍ତ୍ରାଘାତରେ ସେ ମୃତ୍ୟୁବରଣ କରିଥିଲେ। ଏହା ପରେ ବିର୍ସାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଦମନଲୀଳାର ମୁଖ୍ୟକେନ୍ଦ୍ର ଖୁଣ୍ଟିଥାନାରେ ନିଆଁ ଲଗାଇଦେଲେ, କନେଷ୍ଟବଳ ରଘୁରାମକୁ ହତ୍ୟାକଲେ ଓ ଅନ୍ୟ ପୁଲିସ୍‌ମାନଙ୍କୁ ଥାନା ଛାଡ଼ି ଚାଲିଯିବାକୁ ଧମକ ଦେଲେ। ଏହାର ଜବାବରେ ୩୦୦ ଫୁଟ ଉଚ୍ଚା ଡୋମ୍ବରି ପାହାଡ଼, ଯେଉଁଠି ବିର୍ସା ଓ ତାଙ୍କ ସହକର୍ମୀ ନରସିଂହ ଅନ୍ୟ ସଂଗ୍ରାମୀମାନଙ୍କୁ ଉଦ୍‌ବୋଧନ ଦେଉଥିଲେ, ତାକୁ ଘେରିଗଲେ ଓ ଆତ୍ମସମର୍ପଣ କରିବାପାଇଁ ଘୋଷଣା କଲେ। ବିଦ୍ରୋହୀମାନେ ଏଥିରେ ରାଜି ନ ହୋଇ ପାହାଡ଼ ଉପରୁ ଧନୁତୀର, ବର୍ଚ୍ଛା ଓ ପଥରଦ୍ୱାରା ଇଂରେଜମାନଙ୍କ ଉପରେ ଆକ୍ରମଣ ଆରମ୍ଭ କରିଦେଲେ। ଏହାର ଜବାବରେ ଇଂରେଜମାନଙ୍କ ତରଫରୁ ଗୁଳିଗୋଳା ମାଡ଼ରେ ନରସିଂହ ମୁଣ୍ଡାଙ୍କ ସମେତ ଦୁଇଶହ ବିଦ୍ରୋହୀ ଶହୀଦ୍ ହୋଇ ଯାଇଥିଲେ। ବିର୍ସା ଅଳ୍ପକେ ବଞ୍ଚିଯାଇ ଆତ୍ମଗୋପନ ପାଇଁ ଚକ୍ରଧରପୁର ଜଙ୍ଗଲକୁ ଚାଲିଗଲେ। କେତେଜଣ ବିଶ୍ୱାସଘାତକଙ୍କ ପାଇଁ ୧୯୦୦ ମସିହା ମାର୍ଚ୍ଚ ୩ ତାରିଖରେ ଇଂରେଜ ସରକାର ତାଙ୍କୁ ଗିରଫକରି ରାଞ୍ଚି ଜେଲ୍‌କୁ ପଠାଇ ଦେଲେ। ତାଙ୍କ ପାଦରେ କଡ଼ା ପିନ୍ଧାଇ ଦିଆଯାଇଥିଲା, ଅନେକ ପ୍ରକାରର ନିର୍ଯାତନା ଦିଆଯାଉଥିଲା ଓ ତାଙ୍କ ଖାଦ୍ୟରେ ବିଷ ମିଶାଇ ଦିଆଯାଇଥିଲା। ମାତ୍ର ପଚିଶ ବର୍ଷ ବୟସ୍କ ବିଦ୍ରୋହୀ ବିର୍ସା ରାଞ୍ଚି ଜେଲ୍‌ରେ ୧୯୦୦ ମସିହା ଜୁନ୍ ୯ ତାରିଖ ଦିନ ଶେଷନିଃଶ୍ୱାସ ତ୍ୟାଗକଲେ। ବିର୍ସା ମୁଣ୍ଡା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଅଗ୍ରଗଣ୍ୟ ସଂଗ୍ରାମୀ ଯାହାଙ୍କର ସାହସ ଓ ବଳିଦାନ ହଜାର ହଜାର ଭାରତୀୟଙ୍କୁ ଅନୁପ୍ରାଣିତ କରିଥିଲା।

## ପ୍ରହେଳିକା



- ସାଗର ଦୁଲଣୀ ନାମେ ବିଖ୍ୟାତ
ତାଙ୍କ ଯୋଗୁଁ ମିଳେ ଧନ ସମ୍ପଦ
କଳା ସାଆନ୍ତଙ୍କ ସେ ପାଟରାଣୀ
ଦୀନ ଦରିଦ୍ରକୁ କରନ୍ତି ଧନୀ
ସ୍ୱଚ୍ଛତା ପରଖି ସିଏ
ମାଣବସା ଦିନ ଗୃହେ ବିରାଜନ୍ତି
କୁହ ତାଙ୍କ ନାମ କିଏ।

**ଉତ୍ତର-ଲକ୍ଷ୍ମୀ ମାତା**

- ମଗୁଶିର ମାସ ଗୁରୁବାରରେ
ସଭିଏଁ ପାଳନ୍ତି ସେ ପର୍ବ ଘରେ
ଘରଦ୍ୱାର ଖଳା ଝୋଟିରେ ହସେ
ଧୂପ ନୈବେଦ୍ୟର ମହକ ଆସେ
ଖଟୁଲିରେ ଶୋହେ ଧାନର ବେଣି
ପୂଜନ୍ତି ଭକ୍ତିରେ ସର୍ବ ଗୃହିଣୀ
ପର୍ବ ମଧ୍ୟେ ସିଏ ସାର
ଶଙ୍ଖ ହୁଳହୁଳି ଉଛୁଳି ପଡ଼ଇ
କୁହ ଦେଖି ନାମ ତା'ର।

**ଉତ୍ତର-ମାଣବସା ପର୍ବ**

- ମାଣବସା ପର୍ବ ଯେବେ ଆସଇ
ଏ ପିଠା ମାତାଙ୍କୁ ଭୋଗ ଲାଗଇ
ଚାଉଳ ଚୂନାରେ ହୁଏ ତିଆରି
ଛେନା ନଡ଼ିଆର ପୁରରେ ଭରି
ହାତକୁ ଲାଗଇ ଭାରି କୋମଳ
ଖାଇବାକୁ ହୁଏ ମନ ବ୍ୟାକୁଳ
ଅଥାରରେ ସିଝା ହୁଏ
ଦେଖିବାକୁ ସିଏ ଧଳା ଫର ଫର
କୁହ ତା'ର ନାମ କିଏ।

**ଉତ୍ତର-ମଣ୍ଡାପିଠା**

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ଆସିଛି ଶୀତ ଶୁଭୁଚି ଗୀତ



ପ୍ରଶାନ୍ତ କୁମାର ଦାଶ

ଆସିଛି ଶୀତ ଶୁଭୁଚି ଗୀତ
ରାତିଟା ଗଲେ ପାହି
ସକାଳ ହେଲେ ଖରା ପଡ଼ିଲେ
ଝଲସେ ଗାଆଁ ସାହି ॥
ସବୁରି ଓଠେ ଭରିବ ହସ
ପଳାଇ ଯିବ ଦୁଃଖ
ଶୀତଟି ସିନା ଥରାଏ ଦେହ
ବାଣ୍ଟୁଥାଏ ସେ ସୁଖ ॥
ଦିନ ଛୁଟିବ ଘୋଡ଼ାଟି ପରି
ରାତି ହୋଇବ ବଡ଼
ନ ଡରି ଶୀତ ଶିଶିର ଦାଉ
ଫୁଟିବ ଗଛେ କଢ଼ ॥
ଚାଷୀ ଦେଖିବ ସୁନା ସପନ
ନରମ ଶେଯେ ଶୋଇ
ସକାଳୁ ସଞ୍ଜ କ୍ଷେତରେ ଚାରା
କେତେ ସେ ଦେବ ରୋଇ ॥
ଶୀତ ଋତୁ ତ ଅମଳ ଋତୁ
ନାନା ଫସଲ ମିଳେ
ରହିବ ନାହିଁ ଦୁଃଖ ଅଭାବ
ଚାଷୀ ଭାଇର ତିଳେ ॥
ଓଷା ପରବ ଗେଲ ଗରବ
ଶୀତ ସଭିଙ୍କୁ ଦେବ
ସୁନ୍ଦର କରି ସରସ ଧରା
ଶେଷେ ମେଲାଣି ନେବ ॥

କୁଞ୍ଜର –ସଙ୍ଗଳାଇ, ପୁରୀ
ମୋ-୯୬୭୮୮୨୨୧୯୦

## ଶୀତ ଗୀତଗାଏ



ରମାକାନ୍ତ ଦାସ

ଶୀତ ଗୀତଗାଏ
କୁହୁଡ଼ି ଖରାରେ
ଶୀତଳ ପବନ ଦେଇ
ଶୀତ ଗୀତଗାଏ
ଗଙ୍ଗଶିଉଳିର
ମଧୁର ମହକେ
ଚଉଦିଗ ମହକାଇ ॥
ଶୀତ ଗୀତଗାଏ
ଧାନ କିଆରିରେ
ଶିଶିର ମୁକୁତା ଥୋଇ
ଶୀତ ଗୀତଗାଏ
ଘର ଅଗଣାରେ
ଦେହକୁ ଦିଏ ଥରାଇ ॥
ଶୀତ ଗୀତଗାଏ
କୁହୁଡ଼ି ଚାଦରେ
ପତରୁ ଝରଇ
ମୁକୁତା ବିନ୍ଦୁ
ଶୀତ ଗୀତଗାଏ
ବରଫ କଣାରେ
ସଜାଇ ତଟିନୀ ସିନ୍ଧୁ ॥
ଶୀତ ଗୀତଗାଏ
ବାଡ଼ି ବଗିଚାରେ
ସୋରିଷ ଫୁଲ ମହକଇ
ଶୀତ ଗୀତଗାଏ
ପୋଖରୀ ତୁଠରେ
ଶୀତଳ ପବନ ଯାଏ ବହି ॥
ଶୀତ ଗୀତଗାଏ
ଘାସ ଗାଲିଚାରେ
କୁହୁଡ଼ିର ଆସ୍ତରଣେ
ଶୀତ ଗୀତଗାଏ
ଗାଆଁ ଗଛମାଳେ
ସୁରୁଜ ଆଲୋକ ବୁଣେ ॥

ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ - ୯୬୭୮୮୧୫୩୬୯

## ସୁମନ

# ଶତ୍ରୁତା ହାର ମାନିଲା



ସୁବ୍ରତ ଦାସ



ଜଙ୍ଗଲରେ ହାତୀ ରଜା ହେବା ପରେ ସିଂହର କ୍ରୋଧ ବଢ଼ି ଯାଇଥିଲା। ଯେଉଁମାନେ ହାତୀ ସପକ୍ଷରେ ମତ ଦେଇଥିଲେ, ସିଂହ ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସ୍ଥିର କରିଥିଲା। ସେଥିପାଇଁ ସିଂହ ତା'ର ସମର୍ଥକମାନଙ୍କୁ ଡାକି ହାତୀର ଆଦେଶ ନ ମାନିବାକୁ ପରାମର୍ଶ ଦେଇଥିଲା। ଯେପରି ପୂର୍ବରୁ ଜଙ୍ଗଲରେ ନିଜ ଇଚ୍ଛାରେ ଶିକାର କରୁଥିଲା, ସେପରି କରିବା ପାଇଁ ମତାଉଥିଲା। ଯିଏ ପ୍ରତିବାଦ କରିବ,ତାକୁ ଦଳବଦ୍ଧ ଭାବେ ମିଶି ଆକ୍ରମଣ କରିବେ ବୋଲି ସିଂହ ଚେତାବନୀ ଦେଇଥିଲା। ସିଂହର ସମର୍ଥକମାନେ ତାକୁ ବିଶ୍ୱାସ କରି ହଁ ମାରିଥିଲେ। ଏମିତି କିଛିଦିନ ବିତିଗଲା । ଅନେକ ସମୟରେ ସିଂହ ନିରୀହ ପଶୁପକ୍ଷୀମାନଙ୍କୁ ଶିକାର କରିବା ପାଇଁ ଧମକ ଦେଲା ,ଭୟ ଦେଖାଇଲା । ନିରୀହ ଜୀବଜନ୍ତୁମାନେ ଡରି ହାତୀ ପାଖରେ ପହଞ୍ଚି ଅଭିଯୋଗ କଲେ । ହାତୀ ସମସ୍ତଙ୍କ କଥା ଶୁଣିଲା । ଧୀର ଭାବରେ ହାତୀ ବୁଝାଇଲା; ଧୈର୍ଯ୍ୟ ଧର, ସମୟ ଆସିବ ; ସିଂହର କ୍ରୋଧ ଶାନ୍ତ ହୋଇଯିବ । ସମସ୍ତେ ହାତୀ ଉପରେ ବିଶ୍ୱାସ ରଖି ଜଙ୍ଗଲ ଭିତରକୁ ଚାଲିଗଲେ। ହାତୀ ଖୁବ୍ ଧୈର୍ଯ୍ୟବାନ ଥିଲା । ସମସ୍ତଙ୍କର ଭଲ,ମନ୍ଦ, ଅସୁବିଧା ସମୟରେ ପହଞ୍ଚି ସାହାଯ୍ୟ ସହଯୋଗ କରେ ବୋଲି ଜଙ୍ଗଲର ସବୁ ପଶୁପକ୍ଷୀମାନେ ତାକୁ ଖୁବ୍ ଆଦର କରନ୍ତି । ସେଥିପାଇଁ ତାଙ୍କୁ ଜଙ୍ଗଲର ରଜା ମଧ୍ୟ କରିଛନ୍ତି । ଦିନେ କ୍ରୋଧୀ ସିଂହଟି ତା'ର ଶାବକକୁ ନେଇ ଜଙ୍ଗଲର ଶେଷ ଭାଗ ଆଡ଼କୁ ଶିକାର କରିବା ପାଇଁ ଯାଇଥାଏ । ସିଂହ ସାଙ୍ଗରେ ତା'ର କିଛି ଅନୁଚର ଗଧିଆ, ବିଲୁଆ, କେ । କି ଶି ଆ ଳ ଥାଆନ୍ତି । ଜଙ୍ଗଲର ଶେଷ ଭାଗରେ ଗୋଟିଏ ଭଙ୍ଗା କୂଅ ଥିଲା । କୂଅଟି ମଧ୍ୟ ଗଭୀରିଆ ହୋଇଥାଏ । ବହୁ ଜୀବ ଜନ୍ତୁ ଅସାବଧାନ ବଶତଃ ସେହି କୂଅରେ ପଡ଼ି ଆଗରୁ ପ୍ରାଣ ହରାଇଛନ୍ତି । ଥରେ ହାତୀ ଜଙ୍ଗଲରେ ସଭା କରି କହିଲା, ଜଙ୍ଗଲ ଶେଷ ଭାଗରେ ଗୋଟିଏ କୂଅ ଅଛି । କୌଣସି ଜୀବ ଜନ୍ତୁ ସେଠାକୁ ଯିବ ନାହିଁ । ସେହି ସ୍ଥାନଟିକୁ ଜାଣିବା ପାଇଁ ଆମ୍ବଗଛଗୁଡ଼ିକୁ ଗୋଲାକାର ଭାବେ କୂଅ ଚାରିପଟେ ଲଗାଯାଇଥିଲା । ସମସ୍ତଙ୍କୁ ବାରଣ କରାଯାଇଥିଲା, ଆମ୍ବ ଗଛଗୁଡ଼ିକୁ ଚିହ୍ନି ସେ ସ୍ଥାନକୁ କୌଣସି ଜୀବଜନ୍ତୁ ନ ଯିବା ପାଇଁ । ମାତ୍ର ସିଂହ ହାତୀର କଥା ନ ମାନି ତା ଦଳ ବଳ ଧରି ଶିକାର କରିବାକୁ ସେଠାକୁ ଯାଇଥିଲା । ସେଠାରେ ସିଂହ ଶାବକଟି ଡିଆଁ ମାରି ଖେଳୁ ଖେଳୁ ହଠାତ୍ ଭଙ୍ଗା କୂଅରେ ପଡ଼ି ଯାଇଥିଲା । ଗଧିଆ ପଡ଼ିଯିବା ଶବ୍ଦ ଶୁଣି ପଡ଼ିଗଲା.. ପଡ଼ିଗଲା ଚିତ୍କାର କରି ସିଂହକୁ କହିଲା । ସମସ୍ତେ ବ୍ୟସ୍ତ ହୋଇ ଦେଖିଲାବେଳକୁ ସିଂହ ଶାବକଟି ସତରେ କୂଅ ଭିତରେ ପଡି ଯାଇଛି । ସିଂହ ଖୁବ୍ ବ୍ୟସ୍ତ ହୋଇ ପଡ଼ିଲା। ଶାବକଟିକୁ କିପରି କୂଅରୁ ଉଦ୍ଧାର କରାଯିବ,ସବୁ ବୁଦ୍ଧି ବାହାର କଲେ ହେଲେ କିଛି କାମ ଦେଲାନି। ଏହି ସମୟରେ ବିଲୁଆ କ୍ଷିପ୍ର ଗତିରେ ଆସି ହାତୀ ପାଖରେ ପହଞ୍ଚିଲା। ସେତେବେଳେ ହାତୀ ବରଗଛ ମୂଳେ ଶୋଇଥାଏ। ବିଲୁଆର କଥା ଶୁଣି ହାତୀ ଧଡ଼ପଡ ହୋଇ ଉଠି ପଡ଼ିଲା ଓ ଜଙ୍ଗଲ ଭିତରକୁ ଦୌଡ଼ିଲା । ସିଂହ ଏଣେ ବ୍ୟସ୍ତ ହୋଇ ଗର୍ଜନ କରୁଥାଏ । ସିଂହର ଗର୍ଜନ ଶୁଣି ଅଳ୍ପ ସମୟ ଭିତରେ ସବୁ ପଶୁପକ୍ଷୀମାନେ ରୁଣ୍ଡ ହୋଇଗଲେ। ହେଲେ କେହି କିଛି କରି ପାରୁ ନଥିଲେ । ହାତୀ ପହଞ୍ଚି ଦେଖିଲା, କୂଅ ଭିତରେ ସିଂହ ଶାବକଟି ଉବୁଟୁବୁ ହେଉଛି। ସେ ତାର ଶୁଣ୍ଢକୁ କୂଅ ଭିତରକୁ ବଢ଼ାଇଲା । ଶୁଣ୍ଢ ପାଉ ନ ଥାଏ। ଆଉ ସମୟ ବିଳମ୍ବ ନ କରି ହାତୀ ତା ଶୁଣ୍ଢରେ ଗୋଟିଏ ସରୁ ଆମ୍ବ ଗଛ ଉପାଡ଼ି ଦେଲା ଏବଂ ମୂଳ ସହ ଗଛଟିକୁ କୂଅ ଭିତରକୁ ପକାଇଲା । ଗଛର ମୂଳ ସିଂହ ଶାବକ ପାଖକୁ ଲାଗିଗଲା । ସଙ୍ଗେ ସଙ୍ଗେ ସିଂହ ଶାବକଟି ଗଛ ଉପରେ ଚଢ଼ି ଅଗ୍ରଭାଗକୁ ଉଠି ଆସିଲା । ହାତୀ ତା ଶୁଣ୍ଢ ବଢାଇ ଶାବକକୁ ଉପରକୁ ନେଇ ଆସିଲା। ଶାବକଟି ଖୁବ୍ ଖୁସି ହୋଇ ସିଂହ ପାଖକୁ ଦୌଡ଼ିଗଲା । ସିଂହ ତାକୁ ଗେହ୍ଲା କରି ତା ଜିଭରେ ଚାଟି ପକାଇଲା । ସବୁ ପଶୁପକ୍ଷୀମାନେ ଏ ଦୃଶ୍ୟ ଦେଖି ଖୁବ୍ ଖୁସି ହୋଇଗଲେ। ସିଂହର କ୍ରୋଧ ପାଣି ଭଳି ମିଳାଇଗଲା। ତା'ର ଶତ୍ରୁତା ହାର ମାନିଲା । ନିଜର ଭୁଲ ବୁଝିପାରିଲା ଏବଂ ଅପମାନିତ ମନେକରି ହାତୀ ଆଗରେ ଗୋଡ଼ ଯାକି ବସି ପଡ଼ିଲା । ହାତୀ ତା' ଶୁଣ୍ଢ ରେ ସିଂହକୁ ଆଉଁସି ଦେଲା । ସବୁ ପଶୁପକ୍ଷୀ ହାତୀକୁ ପ୍ରଶଂସା କଲେ । ସିଂହ ନିଜର ଭୁଲ ବୁଝି ପାରିଲା ଏବଂ ସମସ୍ତଙ୍କୁ କହିଲା, ବିପଦ ସମୟରେ ସାହାଯ୍ୟ କରିବା ହିଁ ପ୍ରକୃତ ବନ୍ଧୁ। ସେହିଦିନଠାରୁ ସିଂହ ହାତୀର ଉପଦେଶ ମାନିଲା ।

ରାଜେନ୍ଦ୍ରପୁର, ବାରିକପୁରବଜାର, ଭଦ୍ରକ
ମୋ-୯୪୩୭୭୩୧୯୦୩

## ଛୋଟ ହାତର ଛବି






**ଅନ୍ୱେଶା ପଟ୍ଟନାୟକ**
ସପ୍ତମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୁରୀ






**ସାନ୍‌ଭି ସାମଲ**
ଦ୍ୱିତୀୟ ଶ୍ରେଣୀ
କଳିଙ୍ଗ ଇଣ୍ଟରନାସନାଲ ସ୍କୁଲ
ନିମାପଡ଼ା





**ସ୍ୱର୍ଣିକା ପ୍ରଧାନ**
ଷଷ୍ଠ ଶ୍ରେଣୀ
ସେଣ୍ଟ ଆନିସ କନଭେଣ୍ଟ ସ୍କୁଲ
ସୋନପୁର





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର

# ସୂର୍ଯ୍ୟକାନ୍ତଙ୍କ ସନ୍ନ୍ୟାସ ଘୋଷଣା

କଟକ,୧୪।୧୧(ସମିସ): ଗତ ସିଜନ ଠାରୁ ରାଜ୍ୟ ବରିଷ୍ଠ ଦଳରୁ ଦୂରେଇ ରଖାଯିବା ପରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ବିରୋଧରେ ଅସନ୍ତୋଷ ବ୍ୟକ୍ତ କରୁଥିବା ସୂର୍ଯ୍ୟକାନ୍ତ ପ୍ରଧାନ ସମସ୍ତ ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ରାଜ୍ୟ ଦଳ ଚୟନରେ ପାତରଅନ୍ତର ଅଭିଯୋଗ ଉଠାଇ ସୂର୍ଯ୍ୟକାନ୍ତ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ବିଶେଷକରି ମୁଖ୍ୟକୋଚ୍ ସୁରେନ୍ଦ୍ର ଭାବେ ଏବଂ ଚୟନକର୍ତ୍ତା ସୌରଜିତ ମହାପାତ୍ରଙ୍କୁ ଦାୟୀ କରିଛନ୍ତି ଏହି ୩୨ବର୍ଷୀୟ ଅଲରାଉଣ୍ଡର। ତାଙ୍କୁ ଦଳରୁ ଦୂରେଇ ରଖିବା ପଛରେ ସୁରେନ୍ଦ୍ର ଏବଂ ସୌରଜିତଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସେ କହିଛନ୍ତି।



## ସୁରେନ୍ଦ୍ର ଓ ସୌରଜିତଙ୍କୁ ଦାୟୀ କଲେ

ଚଳିତ ରଣଜୀ ସିଜନରେ ଦଳରେ ବାରମ୍ବାର ପରିବର୍ତ୍ତନ କରାଯିବା ସତ୍ତ୍ୱେ ସୂର୍ଯ୍ୟକାନ୍ତଙ୍କୁ ସାମିଲ କରାଯାଇନଥିଲା। ଓଡ଼ିଶାର ପ୍ରଦର୍ଶନ ନିକୃଷ୍ଟ ରହୁଥିଲେ ସୁଦ୍ଧା ତାଙ୍କୁ ଡକରା ମିଳିନଥିଲା। ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଦଳ ପରିବର୍ତ୍ତନ ନିମନ୍ତେ ଦୁଇ ଦିନ ପୂର୍ବେ ଓସିଏ କାର୍ଯ୍ୟାଳୟରେ ବୈଠକ ବସିଥିଲା। ତେବେ ନାଗାଲାଣ୍ଡ ବିପକ୍ଷ ନୁହେଁ, ପରବର୍ତ୍ତୀ କୌଣସି ମ୍ୟାଚ୍‌ରେ ତାଙ୍କୁ ଦଳରେ ସାମିଲ କରାଯିବ ବୋଲି ବୈଠକ ସ୍ଥଳରୁ ଓସିଏର ଜଣେ ବରିଷ୍ଠ ପଦାଧିକାରୀ ସୂର୍ଯ୍ୟକାନ୍ତଙ୍କୁ ଫୋନ୍ ଯୋଗେ କହିଥିଲେ। ୬୨ଟି ରଣଜୀ ମ୍ୟାଚ୍ ଖେଳିଥିବା ସୂର୍ଯ୍ୟକାନ୍ତ ଫୋନ୍‌କଲ୍‌ରେ ଅସନ୍ତୋଷ ପ୍ରକାଶ କରିବା ସହ କ୍ରିକେଟ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲେ। ଖେଳାଳିଙ୍କ ପ୍ରତିଭା କିମ୍ବା ସେମାନଙ୍କ ପ୍ରଦର୍ଶନକୁ ମାପଦଣ୍ଡ ଭାବେ ବିଚାର କରାଯାଉନାହିଁ। ଚିହ୍ନାଜଣାରେ ରାଜ୍ୟ ଦଳ ଗଠନ ହେଉଛି। ବିଶେଷକରି ଚୟନ କମିଟିର କର୍ମକର୍ତ୍ତା ନିଜ ପରିଚିତ କିମ୍ବା ସେମାନଙ୍କ ଅଧିନ କ୍ଲବର ଖେଳାଳିଙ୍କୁ ରାଜ୍ୟ ଦଳରେ ସୁଯୋଗ ଦେଉଛନ୍ତି ବୋଲି ସୂର୍ଯ୍ୟକାନ୍ତ ଅଭିଯୋଗ କରିଛନ୍ତି। ପ୍ରକାଶଯୋଗ୍ୟ, ସୂର୍ଯ୍ୟକାନ୍ତ ୬୨ଟି ରଣଜୀ ମ୍ୟାଚରୁ ୧୯୭ ୱିକେଟ ଦଖଲ କରିବା ସହ ୧୨୮୦ରନ ସଂଗ୍ରହ କରିଛନ୍ତି। ଏକଦିବସୀୟ ଫର୍ମାଟରେ ୩୫ଟି ମ୍ୟାଚ୍‌ରୁ ୪୬ଟି ୱିକେଟ, ଟି-୨୦ ଫର୍ମାଟରେ ୫୨ଟି ମ୍ୟାଚ୍‌ରୁ ସେ ୪୭ଟି ୱିକେଟ ଅକ୍ତିଆର କରିଛନ୍ତି।

## ବୁମ୍‌ରାଙ୍କ ଘାତକ ବୋଲିଂ; ପ୍ରଥମ ଦିନରେ ୧୧ ୱିକେଟର ପତନ

# ୧୫୯ ରେ ଅଟକିଲା ଦକ୍ଷିଣ ଆଫ୍ରିକା

କୋଲକାତା,୧୪।୧୧(ଏଜେନ୍ସି): ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଭାରତ ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୫୯ ରନ୍‌ରେ ସୀମିତ ରହିଛି। ଦକ୍ଷିଣ ଆଫ୍ରିକାର ଜଣେ ହେଲେ ଖେଳାଳି ବଡ଼ ସ୍କୋର କରିପାରି ନ ଥିଲାବେଳେ ଭାରତ ପକ୍ଷରୁ ବୁମ୍‌ରା ୫ଜଣ ଖେଳାଳିଙ୍କୁ ଆଉଟ କରିଛନ୍ତି। ଇଡେନ୍‌ପିଚ୍ ଉଭୟ ପେସ ଓ ସ୍ପିନ୍‌ଙ୍କୁ ସୁହାଉଥିଲାବେଳେ ଅନ୍‌ଇଭିନ୍ ବାଉନ୍ସ ବ୍ୟାଟରଙ୍କ ଲାଗି ସମସ୍ୟା ସୃଷ୍ଟି କରିଥିଲା। ମହମ୍ମଦ୍ ସିରାଜ ଓ କୁଲଦୀପ ଯାଦବ ୨ଟି ଲେଖାଏଁ, ଅକ୍ଷର ପଟେଲ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ଭାରତ ପ୍ରଥମ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲ (୨୭ ବଲ୍‌ରେ ୧୨ରନ୍)ଙ୍କ ୱିକେଟ ହରାଇ ୨୦ ଓଭର ଖେଳି ୧ ୱିକେଟ ବିନିମୟରେ ୩୭ ରନ୍ ସଂଗ୍ରହ କରିନେଇଛି। ପ୍ରଥମ ଦିନ ଆଲୋକ ଅଭାବରୁ ଖେଳ ବନ୍ଦ ରହିଲା ବେଳକୁ ଲୋକେଶ ରାହୁଲ ୧୩ ଓ ୱାଶିଂଟନ ସୁନ୍ଦର ୬ ରନ୍‌ରେ ବ୍ୟାଟିଂ କରୁଥିଲେ।

ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ଟସ୍ ଜିତିବା ପରେ ନିଦ୍ୱର୍ନ୍ଦ୍ୱରେ ପ୍ରଥମେ ବ୍ୟାଟିଂ କରିଥିଲା। ଦଳର ଦୁଇ ଓପନର ମଧ୍ୟ ଭଲ ଆରମ୍ଭ କରିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସର ୧୧ତମ ଓଭରରେ ଦଳୀୟ ସ୍କୋର ୫୭ ରନ୍ ହୋଇଥିଲାବେଳେ ର୍‍ୟାନ୍ ରିକେଲଟନ୍‌ଙ୍କୁ ଆଉଟ କରି ଯଶପ୍ରୀତ୍ ବୁମ୍‌ରା ଭାରତକୁ ବ୍ରେକ୍‌ଥ୍ରୁ ଦେଇଥିଲେ। ଏହା ପରେ ଭ୍ରମଣକାରୀ ଦଳ ଘରୋଇ ଦଳର ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ୫୫ ଓଭରରେ ମାତ୍ର ୧୫୯ ରନ୍ କରି ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୬ଜଣ ଖେଳାଳି ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ୨୩ତମ ବଲ୍‌ରେ ଖାତା ଖୋଲିଥିବା ଆଇଡେନ୍ ମାରକ୍ରମ ସର୍ବାଧିକ ୩୧ ଓ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ ୭୪ ବଲ୍ ଖେଳି ୧୫ ରନ୍‌ରେ ଅପରାଜିତ ରହିଥିଲେ। ଅଧିନାୟକ ତେମ୍ବା ବଭୁମାଙ୍କ ବ୍ୟାଟରୁ ମାତ୍ର ୩ ରନ୍ ମିଳିଥିଲା। ଭାରତ ପକ୍ଷରୁ ଅନ୍‌ଇଭିନ୍ ପିଚ୍‌ରୁ ଫାଇଦା ଉଠାଇ ବୁମ୍‌ରା ସର୍ବାଧିକ ୫ଟି ଓ ସିରାଜ ୨ଟି ୱିକେଟ ପାଇଥିଲେ। ପେସ୍ ବୋଲରଙ୍କୁ ୭ଟି ୱିକେଟ ମିଳିଥିଲାବେଳେ ଭାରତର ୪ ଜଣିଆ ସ୍ପିନ୍ ବାହିନୀ ଆଉ ୩ଟି ୱିକେଟ ପାଇଥିଲେ। ୨ଟି ୱିକେଟ ନେଇଥିବା ବାମହାତୀ କୁଲଦୀପ ଯାଦବ କିଛିଟା ଯାଦୁକରୀ ସ୍ପିନ୍ ବୋଲିଂ କରି ୨ଜଣ ଖେଳାଳିଙ୍କୁ ପାଭିଲିୟନ ଫେରାଇଦେଇଥିଲେ।



### କୋଲକାତା ଟେଷ୍ଟ ସ୍କୋର ବୋର୍ଡ

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦,** ୫୫ ଓଭର (ମାରକ୍ରମ-କ୍ୟା.ପନ୍ତ ବୋ.ବୁମ୍‌ରା-୩୧, ରିକେଟଲଟନ - ବୋ. ବୁମ୍‌ରା - ୨୩, ମୁଲ୍ଡର-ଏଲ୍‌ବିଡବ୍ଲ୍ୟୁ ବୋ.କୁଲଦୀପ-୨୪, ବଭୁମା-କ୍ୟା. ଜୁରେଲ ବୋ.କୁଲଦୀପ-୩, ଡି ଜୋର୍ଜି-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍‌ରା-୨୪, ଷ୍ଟବ୍ସ-ନଟ୍‌ଆଉଟ-୧୫, ଭେରିନ୍-ଏଲ୍‌ବିଡବ୍ଲ୍ୟୁ ବୋ.ସିରାଜ-୧୬, ୟାନ୍‌ସେନ୍-ବୋ. ସିରାଜ-୦, ବୋଶ୍‌-ଏଲ୍‌ବିଡବ୍ଲ୍ୟୁ ବୋ.ଅକ୍ଷର-୩, ହାର୍ମର-ବୋ.ବୁମ୍‌ରା-୫, ମହାରାଜ-ଏଲ୍‌ବିଡବ୍ଲ୍ୟୁ ବୋ.ବୁମ୍‌ରା-୦, ଅତିରିକ୍ତ-୧୫।

**ୱିକେଟ ପତନ:** ୧/୫୭, ୨/୬୨, ୩/୭୧, ୪/୧୧୪, ୫/୧୨୦, ୬/୧୪୬, ୭/୧୪୭, ୮/୧୫୪, ୯/୧୫୯, ୧୦/୧୫୯।

**ବୋଲିଂ ବିଶ୍ଳେଷଣ (ଭାରତ)-** ବୁମ୍‌ରା: ୧୪-୫-୨୭-୫, ସିରାଜ: ୧୨-୦-୪୭-୨, ଅକ୍ଷର: ୬-୨-୨୧-୧, କୁଲଦୀପ: ୧୪-୧-୩୬-୨, ଜାଡେଜା: ୮-୨-୧୩-୦, ସୁନ୍ଦର: ୧-୦-୩-୦।

**ଭାରତ ପ୍ରଥମ ଇନିଂସ: ୩୭/୧,** ୨୦ ଓଭର (ଜୟସ୍ୱାଲ-ବୋ.ୟାନ୍‌ସେନ୍-୧୨, ରାହୁଲ-ବ୍ୟାଟିଂ-୧୩, ସୁନ୍ଦର-ବ୍ୟାଟିଂ-୬, ଅତିରିକ୍ତ-୬।

**ୱିକେଟ ପତନ:** ୧/୧୮।

**ବୋଲିଂ ବିଶ୍ଳେଷଣ (ଦ.ଆଫ୍ରିକା)-** ୟାନ୍‌ସେନ୍: ୬-୨-୧୧-୧, ମୁଲ୍ଡର: ୫-୧-୧୫-୦, ମହାରାଜ: ୫-୧-୮-୦, ବୋଶ୍‌: ୩-୨-୧-୦, ହାର୍ମର: ୧-୧-୦-୦।

## ଏସୀୟ ତୀରନ୍ଦାଜୀ: ୧୮ ବର୍ଷ ପରେ ଭାରତୀୟ ରିକର୍ଭ ଦଳକୁ ସ୍ୱର୍ଣ୍ଣ

ଢାକା, ୧୪ ।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଯଶଦୀପ୍ ଭୋଗେ, ଅତନୁ ଦାସ ଓ ରାହୁଲଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ରିକର୍ଭ ଦଳ ସୁଟ୍ ଅଫ୍‌ରେ ୫-୪ରେ ଶକ୍ତିଶାଳୀ କୋରିଆକୁ ହରାଇ ଚାମ୍ପିଅନ ହୋଇଛି। ଏଥିସହ ଭାରତ ଦୀର୍ଘ ୧୮ ବର୍ଷ ପରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛି। ପୁରୁଷ ଓ ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ଭାରତର ବି. ଧୀରଜ ଓ ଅଙ୍କିତା ଭକତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି।

## ସାଉଦୀ କେକେଆର୍‌ର ବୋଲିଂ କୋଚ୍

କୋଲକାତା, ୧୪ ।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ନ୍ୟୁଜିଲାଣ୍ଡର ଟିମ୍ ସାଉଦୀଙ୍କୁ ବୋଲିଂ କୋଚ୍ ଭାବେ ନିଯୁକ୍ତ କରିଛି। ୩୬ ବର୍ଷୀୟ କିୱି ଦ୍ରୁତ ବୋଲର ଚଳିତ ବର୍ଷ ପ୍ରାରମ୍ଭରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ଗତକାଲି କେକେଆର୍ ଫ୍ରାଞ୍ଚାଇଜ ପୂର୍ବତନ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଶେନ୍ ୱାଟସନଙ୍କୁ ସହାୟକ କୋଚ୍ ଭାବେ ନିଯୁକ୍ତ କରିଥିଲା।

## ରାଇଜିଂ ଷ୍ଟାର୍ ଏସିଆ କପ୍ | ୩୨ ବଲ୍‌ରେ ସୂର୍ଯ୍ୟବଂଶୀଙ୍କ ଶତକ

ଢାକା, ୧୪ ।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ରାଇଜିଂ ଷ୍ଟାର୍ ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଭାରତର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ଏକ ବିଧ୍ୱଂସୀ ଇନିଂସ ଖେଳିଛନ୍ତି। ଶୁକ୍ରବାର ୟୁଏଇ ଓ ଭାରତ-ଏ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ମାତ୍ର ୩୨ଟି ବଲ୍‌ରେ ଶତକ ପୂରଣ କରିଛନ୍ତି। ଏହି ବିସ୍ଫୋରକ ଶତକୀୟ ଇନିଂସରେ ସେ ୩୪୨.୮୬ ଷ୍ଟ୍ରାଇକରେଟ୍‌ରେ ୪୨ ବଲରୁ ୧୪୪ ରନ କରି ଆଉଟ୍ ହୋଇଥିଲେ। ଯେଉଁଥିରେ ୧୧ ଚୌକା ଓ ୧୫ଟି ଛକା ସାମିଲ ରହିଥିଲା। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ-ଏ ୨୦ ଓଭରରେ ୪ ୱିକେଟ୍ ହରାଇ ୨୯୭ ରନର ବିଶାଳ ସ୍କୋର କରିଥିଲା। ଜବାବରେ ୟୁଏଇ ୭ ୱିକେଟ୍‌ରେ ୧୪୯ ରନ୍ କରିବା ସହ ୧୪୮ ରନରେ ପରାସ୍ତ ହୋଇଥିଲା। ଟି-୨୦ ଫର୍ମାଟ୍‌ରେ ଭାରତୀୟ ଭାବେ ଦ୍ରୁତତମ ଶତକ ହାସଲ କରିବାରେ ଋଷଭ



ପନ୍ତଙ୍କ ସହ ମିଶି ସୂର୍ଯ୍ୟବଂଶୀ ତାଲିକାର ୨ୟ ସ୍ଥାନରେ ରହିଛନ୍ତି। ୨୦୧୮ ସୟଦ ମୁସ୍ତାକ ଅଲି ଟ୍ରଫିରେ ଦିଲ୍ଲୀ ପକ୍ଷରୁ ଖେଳି ପନ୍ତ ହିମାଚଳ ପ୍ରଦେଶ ବିପକ୍ଷରେ ୩୨ ବଲରେ ଶତକ ମାରିଥିଲେ। ତେବେ ଗୁଜରାଟର ଉର୍ଭିଲ ପଟେଲ ମାତ୍ର ୨୮ ବଲରେ ଶତକ ପୂରଣ କରି ଟି-୨୦ରେ ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ଉର୍ଭିଲ ୨୦୨୪ରେ ତ୍ରିପୁରା ବିପକ୍ଷରେ ଏହି ବିଧ୍ୱଂସୀ ଇନିଂସ ଖେଳିଥିଲେ।

## ୨୧ରୁ ରାଜ୍ୟ ଟିଟି ଚାମ୍ପିଅନସିପ୍

କଟକ,୧୪।୧୧(ସମିସ): ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ଆସନ୍ତା ୨୧ରୁ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ମୋଟ୍ ୧୫ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ପୁରୁଷ ଏବଂ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ହେବ। ଅନ୍ୟ ସମସ୍ତ ବର୍ଗରେ ଏକକ ପ୍ରତିଯୋଗିତା ହେବ। ଖେଳାଳି ନାମ ପଞ୍ଜୀକରଣ ନିମନ୍ତେ ଆସନ୍ତା ୧୭ ତାରିଖ ଶେଷ ଦିନ ଧାର୍ଯ୍ୟ ହୋଇଛି। ଓଡ଼ିଶାର ଯେ କୌଣସି ଜିଲ୍ଲା କିମ୍ବା ଅନୁଷ୍ଠାନର ଖେଳାଳି ଏଥିରେ ଭାଗ ନେଇ ପାରିବେ। ପ୍ରଦର୍ଶନ ଭିତ୍ତିରେ ଆଗାମୀ ଜାତୀୟ ଚାମ୍ପିଅନସିପ ନିମନ୍ତେ ଖେଳାଳି ବଛାଯିବେ ବୋଲି ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ସମ୍ପାଦକ ରବୀନ୍ଦ୍ର ପରିଡା ପ୍ରେସବିବୃତ୍ତିରେ ଜଣାଇଛନ୍ତି।

### ରାଜ୍ୟସ୍ତରୀୟ ଶବର କପ ଫୁଟ୍‌ବଲ

## ଫାଇନାଲରେ ଢେଙ୍କାନାଳର ପପୁଲାର

ଯାଁଳା,୧୪ ।୧୧(ସମିସ): ଢେଙ୍କାନାଳର ପପୁଲାର କ୍ଲବ୍ ଓ ଜଟଣୀର ଉତ୍କଳ ସ୍ପୋର୍ଟିଂ ମଧ୍ୟରେ ୨୭ତମ ଶବର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ରବିବାର ଖେଳାଯିବ। ରାଧାଚରଣପୁର ପଡ଼ିଆରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲରେ ପପୁଲାର କ୍ଲବ୍ ୧-୦ ଗୋଲରେ ବୌଦ୍ଧର ଗେହ୍ଲା କ୍ଲବ୍‌କୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉତ୍କଳ ସ୍ପୋର୍ଟିଂ ୪-୧ ଗୋଲରେ ଆୟୋଜକ ଶବର ସ୍ପୋର୍ଟିଂକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ ଟିକଟ ହାସଲ କରିଥିଲା। ଶୁକ୍ରବାର ମୁକାବିଲାରେ ବିଜୟୀ ଢେଙ୍କାନାଳ ପକ୍ଷରୁ ଖେଳର ୬୦ତମ ମିନିଟ୍‌ରେ ସୁନୀଲ ସୋରେନ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ଆଜିର ମ୍ୟାଚରେ ଅତିଥି ଭାବେ ସମାଜସେବୀ ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ମ୍ୟାଚକୁ ପରିଚାଳନା କରିଥିଲେ ବିଦେଶୀ ନାଏକ, ଅବିନାଶ ପଟ୍ଟନାୟକ, ସାଇରାମ କିସକୁ ଓ ସୁବାସ ସିଂ।

## ପୁରୁଷ ଜୁନିଅର ହକି ବିଶ୍ୱକପ୍ ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୧୪ ।୧୧ (ଏଜେନ୍ସି): ତାମିଲନାଡୁରେ ଖେଳାଯିବାକୁ ଥିବା ଆଗାମୀ ଜୁନିଅର ପୁରୁଷ ହକି ବିଶ୍ୱକପ୍ ଲାଗି ଶୁକ୍ରବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି।




ଡ୍ରାଗଫ୍ଲିକର ରୋହିତ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ବିଶ୍ୱକପ୍ ଖେଳିବ। ଘୋଷିତ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ଆଦ୍ରୋହିତ ଏକ୍କା ଓ ରୋଶନ କୁଜୁର। ସେହିଭଳି ଦୁଇଜଣିଆ ଅଲ୍ଟରନେଟ୍ ତାଲିକାରେ ଅନ୍ୟତମ ଓଡ଼ିଆ ଖେଳାଳି ରୋହିତ କୁଲ୍ଲୁଙ୍କୁ ନିଆଯାଇଛି। ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ଏହି ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଦୁଇଥର ଅଲିମ୍ପିକ ପଦକ ବିଜେତା ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେଶ ଭାରତୀୟ ଦଳର କୋଚ୍ ରହିଛନ୍ତି।

ଭାରତୀୟ ଦଳ: ବିକ୍ରମଜିତ୍ ସିଂହ, ପ୍ରିନ୍ସଦୀପ୍ ସିଂହ (ଉଭୟ ଗୋଲ୍‌ରକ୍ଷକ), ରୋହିତ୍, ତାଲେମ ପ୍ରିୟବ୍ରତ, ଅନମୋଲ ଏକ୍କା, ଅମିର ଅଲି, ସୁନିଲ ପଲକଶାପ୍ପା ବେନ୍ନୁର, ଶ୍ରଦ୍ଧାନନ୍ଦ ତିୱାରୀ (ସମସ୍ତେ ଡିଫେଣ୍ଡର), ଅଙ୍କିତ ପଲ୍, ଇଙ୍ଗଲେମ୍ବା ଲୁୱାଙ୍ଗ, ଆଦ୍ରୋହିତ ଏକ୍କା, ରୋଶନ କୁଜୁର, ମନମୀତ୍ ସିଂହ, ଗୁରଜୋତ୍ ସିଂହ (ସମସ୍ତେ ମିଡ୍‌ଫିଲ୍ଡର), ଅର୍ଶଦୀପ୍ ସିଂହ, ସୌରଭ ଆନନ୍ଦ କୁଶୱାହ, ଅଜିତ୍ ଯାଦବ, ଦିଲରାଜ ସିଂହ(ସମସ୍ତେ ଫରୱାର୍ଡ)। ଅଲ୍ଟରନେଟ୍ ଖେଳାଳି: ରଭନୀତ୍ ସିଂହ ଓ ରୋହିତ୍ କୁଲ୍ଲୁ।

### ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

## ତୃତୀୟ ରାଉଣ୍ଡ ସୁଦ୍ଧା ଶୀର୍ଷରେ ମହାନଦୀ ଫାଲ୍‌କନ୍ସ

ଭୁବନେଶ୍ୱର, ୧୪।୧୧ (ସମିସ): ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍)ର ମିଳିତ ସହଯୋଗରେ ଆଜିଠାରୁ ଆରମ୍ଭ ହୋଇଛି ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍। ପ୍ରଥମଥର




ଏପରି ଏକ ଫ୍ରାଞ୍ଚାଇଜଭିତ୍ତିକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରେ ଆରମ୍ଭ ହୋଇଛି। ଏଥିରେ ୧୨ଟି ଟିମ୍ ଓ ୯୬ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୧୫ ମିନିଟ୍ ୧୦ ସେକେଣ୍ଡ ବିଶିଷ୍ଟ ରାଉଣ୍ଡ ରବିନ୍ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ୧୧ଟି ମ୍ୟାଚ୍ ଖେଳିବେ ଓ ଆସନ୍ତା ରବିବାର ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ବା ଆଜି ଖେଳାଯାଇଥିବା ପ୍ରଥମ ୩ ରାଉଣ୍ଡ ଖେଳ ଶେଷରେ ମହାନଦୀ ଫାଲକନ ସର୍ବାଧିକ ୬ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ୬ଟି ଦଳ ୪ ପଏଣ୍ଟ ପାଇ ରହିଛନ୍ତି। ଦଳଗୁଡ଼ିକ ହେଲେ ଭିକ୍ଟୋରିଆ ଭିକ୍ଟର୍ସ, ବାରବାଟୀ ବ୍ୟାଟଲର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଚୋଳା ଚାମ୍ପିଅନ୍ସ, ଅମ୍ବର ଆଭେଞ୍ଜର୍ସ ଓ ଗୋଲକୁଣ୍ଡା ଗାର୍ଡିଆନ୍ସ।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ବିଜେପି ନେତା ଗୋଲକ ମହାପାତ୍ର ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଅଲଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, କର୍ମକର୍ତ୍ତା ଓ ଆଇଏସ୍‌ଏଫ୍‌ର କର୍ମକର୍ତ୍ତାମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ।

ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି। ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ ମହାପାତ୍ର, ପିଙ୍କି ମହାପାତ୍ର ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

ସକାଳ
THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
5th Anniversary
'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with:
CBSE-XI & XII
SRI VINAYAKA Concept School
BHUBANESWAR
ଜୁନିୟରଃ ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟରଃ କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
୨୩ ନଭେମ୍ବର ୨୦୨୫ (ରବିବାର)
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS